# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୧୮/୨୦୧୮ ( ୧୬ ପୃଷ୍ଠା) Dhenkanal-Angul, Tuesday, September 18 /2018 ★★★★★

୧୪ଶ ଭାଗ ୨୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
KP
MADHUBAN
Safal
PAN MASALA
NO TOBACCO, NO NICOTINE ADDED
4.5g.
₹5/-ରେ ଡବଲ ଡୋଜ୍‌ର ମଜା
Safal
Pan Masala
କରିନିଅ ମଜାରେ ବନ୍ଧୁତା
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୧୮/୨୦୧୮ | Dhenkanal-Angul, Tuesday, September 18 /2018 | (ପୃଷ୍ଠା-୧)




## ନିକ୍‌ଙ୍କୁ ଚୁମ୍ବନ ଦେଲେ ପ୍ରିୟଙ୍କା

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପ୍ରେମିକ ନିକ୍ ଜୋନାସ୍‌ଙ୍କୁ ୨୬ତମ ଜନ୍ମଦିନରେ ଚୁମ୍ବନ ଦେଇ ଏହାର ଫଟୋ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି ।


୦୬

୧୩

## କୋହଲି ପାଇବେ ଖେଳରତ୍ନ ପୁରସ୍କାର

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳିକା ମିରାବାଇ ଚାନୁଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି ।





## ତେଲ ଦର ୨ ଟଙ୍କା ହ୍ରାସ କଲା କର୍ନାଟକ



ବେଙ୍ଗାଲୁରୁ,୧୭।୯

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସୋମବାର ରାଜ୍ୟରେ ତେଲ ଦର ଲିଟର ପିଛା ୨ ଟଙ୍କା ହ୍ରାସ ଘୋଷଣା କରିଛନ୍ତି। ପୂର୍ବରୁ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ତେଲ ଦର ହ୍ରାସ ଘୋଷଣା କରିସାରିଛନ୍ତି। କାଲବୁର୍ଗୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ତେଲ ଦର ହ୍ରାସ ଘୋଷଣା କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ହସ୍ତକ୍ଷେପ କରୁ ନ ଥିବାରୁ ତେଲ ଦର ଆକାଶଛୁଆଁ ହେଲାଣି। ଦୈନିକ ତେଲ ଦର ବଢ଼ି ଚାଲିଛି। ସୋମବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୪ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୬ ଟଙ୍କାରେ ପହଞ୍ଚିଛି। ତେଲର ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସ ନେତୃତ୍ୱରେ ୨୨ଟି ବିରୋଧୀ ଦଳ ପକ୍ଷରୁ ଗତ ୧୦ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ତେଲ ଦର କମାଇ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରାଯିବ ବୋଲି କୁମାରସ୍ୱାମୀ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ।

# ଚାରା ଦୁର୍ନୀତିକୁ ନେଇ ଗୃହରେ ହଟ୍ଟଗୋଳ

- ସିବିଆଇ ତଦନ୍ତ ଦାବି କଲା ଭାଜପା, କଂଗ୍ରେସ
- ବିଧାନସଭା ହୁଲ୍‌ସ୍ଥୁଲ୍, ଗୃହ ମୁଲତବୀ
- ଗୃହରେ ବିବୃତି ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୭।୯(ବ୍ୟୁରୋ)

ମୟୂରଭଞ୍ଜ ଜିଲାରେ ହୋଇଥିବା ଚାରା ଦୁର୍ନୀତିକୁ ନେଇ ବିରୋଧୀ ବିଧାନସଭାକୁ ହୁଲ୍‌ସ୍ଥୁଲ୍ କରିଛନ୍ତି। କେଉଁ ମନ୍ତ୍ରୀ କିମ୍ବା ଅଫିସର ଚାରା ଟଙ୍କାକୁ ଖାଇଛନ୍ତି ରାଜ୍ୟବାସୀ ଜାଣନ୍ତୁ। ସରକାର ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଗୃହକୁ ଜଣାନ୍ତୁ। ଦୁର୍ନୀତି ହୋଇଥିବା କଥା କୃଷିମନ୍ତ୍ରୀ ମାନିଛନ୍ତି। ଯେଉଁ ସରକାରୀ ଅଧିକାରୀ ଏଥିରେ ଜଡ଼ିତ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସରକାର ନିଜେ ଏହି ଦୁର୍ନୀତିରେ ଜଡ଼ିତ ଅଛନ୍ତି। ଦୁର୍ନୀତି କରିଥିବା ବିଭାଗୀୟ ମନ୍ତ୍ରୀ କିମ୍ବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାନ୍ତୁ। ସରକାର ନିଜର ସ୍ୱଚ୍ଛତା ପ୍ରମାଣିତ କରିବାକୁ ସିବିଆଇ ହାତରେ ତଦନ୍ତ ନ୍ୟସ୍ତ କରନ୍ତୁ। ଏଭଳି ଶକ୍ତ ଆକ୍ରମଣ କରିଥିଲେ ବିରୋଧୀ କଂଗ୍ରେସ ଓ ଭାଜପା। ବିରୋଧୀଙ୍କ ଗର୍ଜନରେ ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଉଡିଯାଇଥିଲା। ବିଧାନସଭାର ଚଳିତ ଅଧିବେଶନ ଆରମ୍ଭରୁ ଏ ପର୍ଯ୍ୟନ୍ତ ଗୋଟିଏ ଦିନ ମଧ୍ୟ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇପାରି ନାହିଁ। ଗତ ସପ୍ତାହରେ ୬ ଦିନ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳ ଗୃହକୁ ଅଚଳ କରିଥିବା ବେଳେ ୪ ଦିନ ବିରତି ପରେ ସୋମବାର ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା।

୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ପ୍ରଦୀପ ଅମାତ୍ ଗୃହକୁ ପ୍ରବେଶ କଲେ। ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ଶୋକ ପ୍ରସ୍ତାବ ଆଲୋଚନା ପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଚାରା ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାରଙ୍କଠାରୁ ଜବାବ ତଲବ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଏହି ଦୁର୍ନୀତିର ସିବିଆଇ ତଦନ୍ତ ଦାବିକରି ଗୃହର ମଧ୍ୟଭାଗକୁ ମାଡି ଆସି ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ପ୍ରକାଶ ବେହେରା, ଅଂଶୁମାନ ମହାନ୍ତି, ଚିରଞ୍ଜୀବ ବିଶ୍ୱାଳ, ଦେବେନ୍ଦ୍ର ଶର୍ମା, ଚନ୍ଦ୍ରଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କଲେ। କଂଗ୍ରେସ ସହ ତାଳ ମିଳାଇଥିଲେ ଭାଜପା ସଭ୍ୟ ରବି ନାୟକ, ବିଭୂତି ଭୂଷଣ ହରିଚନ୍ଦନ। ଗୋଟିଏ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲେ। ଚାରା ଘୋଟାଲା କଲା କିଏ... ନବୀନ ପଟ୍ଟନାୟକ ଆଉ କିଏ..। ଚାରା ଘୋଟାଲାର ସିବିଆଇ ତଦନ୍ତ ଆମର ଦାବି ଆମର ଦାବି.. ସ୍ଲୋଗାନ ଦେଇ ବିଧାନସଭାକୁ ହୁଲ୍‌ସ୍ଥୁଲ କଲେ। ଏ ନେଇ ରୁଲିଂ ଦିଅନ୍ତୁ ଦାବିକରି ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠି ମାଇକ ଟାଣି ଆଣିଲେ। ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ସିଟ୍‌କୁ ଫେରିଯିବା ସହ ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ନିଜ ଜିଦ୍‌ରେ ଅଟଳ ରହି ହୋହଲ୍ଲା କଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିପାରି ନ ଥିଲେ। ଗୃହକୁ ପୂର୍ବାହ୍ନ ୧୦ଟା ୩୭ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ପୁଣି ୧୧ଟା ୩୬ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେଲା। ବାଚସ୍ପତି ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦେଲେ। ମୌକା ପାଇ ନରସିଂହ ସରକାରଙ୍କୁ ଶଣ୍ଢୁଆସି ଆକ୍ରମଣ କଲେ। ସେ କହିଲେ, ମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି ଚାରା ଲଗାଇବାରେ ୧୭ କୋଟି ଟଙ୍କାର ଦୁର୍ନୀତି ହୋଇଛି। ଦୁର୍ନୀତିରେ କିଏ ଅଛନ୍ତି ଓ କି ପଦକ୍ଷେପ ନିଆଯାଇଛି ସେ ନେଇ ମନ୍ତ୍ରୀ କିଛି ଉଲ୍ଲେଖ କରିନାହାନ୍ତି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସରକାର କି ପଦକ୍ଷେପ ନେଇଛନ୍ତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲକରି ଆଲୋଚନା କରିବାକୁ ଆମେ ଦାବି କରିଥିଲୁ। ସରକାର ଏହି ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି। ☞ପୃଷ୍ଠା-୨

# ରାଉରକେଲାରେ ବିସ୍ଫୋରଣ

- ମଧୁସୂଦନପାଲି ତେଲୁଗୁପଡା ବସ୍ତି ଛାରଖାର
- ୨ ଯାଆ ମୃତ, ୧୦ରୁ ଉର୍ଦ୍ଧ୍ୱ ଆହତ
- ୫ ଦମକଳ ଗାଡ଼ି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ
- ଡିଆଇଜି, ଏସ୍‌ପିଙ୍କ ତନାଘନା,କାରଣ ଅସ୍ପଷ୍ଟ

ରାଉରକେଲା ଅଫିସ,୧୭।୯

ରାଉରକେଲା ମଧୁସୂଦନପାଲି ତେଲୁଗୁପଡା ବସ୍ତିରେ ସୋମବାର ମଧ୍ୟାହ୍ନରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି। କେହି କିଛି ଚିନ୍ତା କରିବା ପୂର୍ବରୁ ସାରା ବସ୍ତି ଛାରଖାର ହୋଇପଡିଛି। ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ହେଲେ ରେଖା ଶ୍ରୀବାସ୍ତବ ଓ ତାଙ୍କ ଯାଆ ଡଲି ଶ୍ରୀବାସ୍ତବ ଗୁରୁତର ଅଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ୫ଟି ଦମକଳ ଘଟଣାସ୍ଥଳରେ ପହଞ୍ଚିଥିଲା। ତୁରନ୍ତ କର୍ମଚାରୀମାନେ ନିଆଁ ଲିଭାଇବା ☞ପୃଷ୍ଠା-୨



ଭୟଙ୍କର ବିସ୍ଫୋରଣ ପରେ ମଧୁସୂଦନପାଲି ତେଲୁଗୁପଡା ବସ୍ତି।

## ■ ଆସିଲା ବ୍ୟବଚ୍ଛେଦ ରିପୋର୍ଟ

# ମହିଳାଙ୍କୁ ମାଂସାଶୀ ପ୍ରାଣୀ ମାରିଛି

- 'ସୁନ୍ଦରୀ' ବାଘୁଣୀ ମାରିଥିବା ଅଭିଯୋଗ ଥିଲା
- ରିପୋର୍ଟ ଆଧାରରେ ଆଗେଇବ ତଦନ୍ତ
- ପୁଣି ଉତ୍ତେଜନା ଆଶଙ୍କା, ପୋଲିସ ପ୍ରସ୍ତୁତ
- ମଧ୍ୟପ୍ରଦେଶ ନିଆଯାଇ ସାତକୋଶିଆବାସୀଙ୍କୁ ସଚେତନ କରାଯିବ

ଭୁବନେଶ୍ୱର,(ବ୍ୟୁରୋ)/ ବନ୍ତଲା, ୧୭।୯(ଡି.ଏନ୍.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ମହିଳାଙ୍କ ମୃତ୍ୟୁ ଘଟଣାର ବ୍ୟବଚ୍ଛେଦ ରିପୋର୍ଟ ସୋମବାର ଆସିଛି। ଜଙ୍ଗଲୀ ମାଂସାସୀ ପ୍ରାଣୀ ଆକ୍ରମଣ କରିଥିବା ଓ ୨୪ ଘଣ୍ଟା ମଧ୍ୟରେ ମହିଳାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ରିପୋର୍ଟକୁ ଆଧାର କରି ତଦନ୍ତ ଆଗେଇବ। ପାରିପାର୍ଶ୍ୱିକ ପ୍ରମାଣକୁ ନେଇ ବରିଷ୍ଠ ଡିଏସ୍‌ପି ର୍‍ୟାଙ୍କ୍‌ର ଜଣେ ଅଧିକାରୀ ଘଟଣାର ତଦନ୍ତ କରିବେ ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି।

ଗତ ୧୨ ତାରିଖ ଦିନ ଟିକରପଡ଼ା ପଞ୍ଚାୟତ ହାତିବାରୀ ଗ୍ରାମର କୈଳାସ ସାଇଅଙ୍କୁ ବାଘୁଣୀ 'ସୁନ୍ଦରୀ' ଆକ୍ରମଣ କରି ଖାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଅନୁଯାୟୀ ପୁରୁଣାକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଉକ୍ତ ଜଙ୍ଗଲରେ କେତେକ ଗୋରୁଙ୍କ ମୃତ୍ୟୁ ପରେ ସ୍ଥିତି ବିଗିଡି ଯାଇଥିଲା। ଏବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ପୁଣି ଉତ୍ତେଜନା ପ୍ରକାଶ ପାଇବାର ଆଶଙ୍କା ଦେଖାଦେଇଛି। ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

### ରୋଗୀ ବନ୍ଧକ

## ଆଜିର ମନ୍ତବ୍ୟ

"ଭାରତର ବିବିଧତା କଳହର କାରଣ ପାଲଟିବା ଉଚିତ ନୁହେଁ।

-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତରେ ମୋଟ ୧୦.୦୩ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ଆଦାୟ ହୋଇଛି। ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ଏହା ୧୮% ଅଧିକ।

-ସିବିଡିଟି

## ■ ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣାର ଭିନ୍ନମୋଡ଼

# ବୈଜୟନ୍ତଙ୍କ ହେଲିକପ୍ଟର ସିଲ୍

- ଭୁବନେଶ୍ୱର ଏୟାରପୋର୍ଟରେ ଇମ୍ପା ହେଙ୍ଗର ସିଲ୍
- ଯାଞ୍ଚ ହେବ ବ୍ଲାକ୍‌ବକ୍ସ

ପୁରୀ ଅଫିସ/ଭୁବନେଶ୍ୱର, ୧୭।୯ (ବ୍ୟୁରୋ):

ଚିଲିକାରେ ହେଲିକପ୍ଟର ଉଡ଼ିବା ଘଟଣା ଭିନ୍ନମୋଡ ନେଇଛି। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଚଳାଉଥିବା ହେଲିକପ୍ଟର ଚିଲିକାରେ ଉଡିଥିବା ପୁରୀ ପୋଲିସ ସନ୍ଦେହ କରୁଛି। ତଦନୁଯାୟୀ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରହିଥିବା ଇମ୍ପାର ହେଙ୍ଗର (ହେଲିକପ୍ଟର ରହୁଥିବା ପ୍ରକୋଷ୍ଠ)କୁ ପୁରୀ ପୋଲିସ ସିଲ୍ କରିଛି। ଉକ୍ତ ହେଙ୍ଗରରେ ବୈଜୟନ୍ତଙ୍କ ହେଲିକପ୍ଟର ରହିଛି, ଯାହାକୁ ସିଜ୍ କରାଯାଇଥିବା ଜଣାପଡ଼ିଛି। ହେଲିକପ୍ଟର ବ୍ଲାକ୍‌ବକ୍ସର ତଥ୍ୟକୁ ଯାଞ୍ଚ କରାଯିବ ବୋଲି ପୁରୀ ଏସ୍‌ପି ସାର୍ଥକ ଷଡଙ୍ଗୀ ସୂଚନା ଦେଇଛନ୍ତି।

ପୁରୀ ଏସ୍‌ପି କହିଛନ୍ତି ଯେ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ଏତଲାକୁ ଭିତ୍ତିକରି ଆମେ ତଦନ୍ତ ଆରମ୍ଭ କରିଛୁ। ଗତ ୧୫ତାରିଖରେ ହେଲିକପ୍ଟର ଉଡାଣ ନିମନ୍ତେ କାହାକୁ ଅନୁମତି ମିଳିଥିଲା ତାହା ଆମେ ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକଙ୍କଠାରୁ ଜାଣିବାକୁ ଚାହିଁଥିଲୁ। ବୈଜୟନ୍ତଙ୍କ ହେଲିକପ୍ଟରକୁ ଗତ ୧୫ତାରିଖରେ ଉଡାଣ ☞ପୃଷ୍ଠା-୨

# ତଥ୍ୟ ଚୋରି: ପେଡ଼ି ଖୋଲିଲା ସିବିଆଇ

- ଫେସ୍‌ବୁକ୍, କ୍ୟାମ୍ବ୍ରିଜ୍ ଆନାଲିଟିକାକୁ ଚିଠି
- ସଂଗୃହୀତ ତଥ୍ୟର ସବିଶେଷ ରିପୋର୍ଟ ଲୋଡ଼ିଲା




ନୂଆଦିଲ୍ଲୀ, ୧୭।୯(ପି.ଟି.)

ବେଆଇନ ଭାବେ ସୋସିଆଲ ମିଡିଆରୁ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଥିବା ନେଇ କିଛିମାସ ପୂର୍ବେ ପ୍ରଘଟ ହୋଇଥିଲା। ଏସବୁକୁ ନେଇ ଅପବ୍ୟବହାର କରିବା ସହ ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଚିନ୍ତାର ବିଷୟ ପାଲଟିଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଥ୍ୟ ଚୋରି ମାମଲାର ପେଡ଼ି ଖୋଲିଛି। ଫେସ୍‌ବୁକ୍, କ୍ୟାମ୍ବ୍ରିଜ୍ ଆନାଲିଟିକା (ସିଏ) ଏବଂ ଗ୍ଲୋବାଲ ସାଇନ୍ସ ରିସର୍ଚ୍ଚ କମ୍ପାନୀକୁ ଚିଠି ଲେଖି ସଂଗୃହୀତ ତଥ୍ୟର ସବିଶେଷ ରିପୋର୍ଟ ଦେବାକୁ ସିବିଆଇ କହିଛି।

ତଥ୍ୟ ଚୋରି ସମ୍ପର୍କରେ ଖୁଲାସା ହେବା ପରେ କେନ୍ଦ୍ର ସରକାର ଉଦ୍‌ବେଗ କରିବା ସହ ମାମଲାର ତଦନ୍ତ ଭାର ସିବିଆଇକୁ ନ୍ୟସ୍ତ କରିଥିଲେ। ଏହାପରେ କ୍ୟାମ୍ବ୍ରିଜ୍ ଆନାଲିଟିକା ଏବଂ ଗ୍ଲୋବାଲ ସାଇନ୍ସ ରିସର୍ଚ୍ଚ ବିରୋଧରେ ଗତମାସ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଗ୍ଲୋବାଲ ସାଇନ୍ସ ରିସର୍ଚ୍ଚ ଫେସ୍‌ବୁକ୍‌ରୁ ବେଆଇନ ଭାବେ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରି କ୍ୟାମ୍ବ୍ରିଜ୍ ଆନାଲିଟିକାକୁ ପ୍ରଦାନ କରିଛି। ଫେସ୍‌ବୁକ୍‌ରେ ପ୍ରାୟ ୨୦ କୋଟି ଭାରତୀୟ ୟୁଜର ଅଛନ୍ତି। ଏତଲାକୁ ଭିତ୍ତି କରି ଏକ ମାମଲାର ତଦନ୍ତ ଆଗେଇନିଆଯିବ କି ନା, ସେ ସମ୍ପର୍କରେ ପ୍ରାଥମିକ ତଦନ୍ତ ପରେ ନିଷ୍ପତ୍ତି ଗ୍ରହଣ କରାଯାଏ।

ତଥ୍ୟ ସଂଗ୍ରହକାରୀ ଫାର୍ମ କ୍ୟାମ୍ବ୍ରିଜ୍ ଆନାଲିଟିକା ପୂର୍ବରୁ ଚର୍ଚ୍ଚା ପରିସରକୁ ଆସିଥିଲା। ୮୭ ନିୟୁତ ଫେସ୍‌ବୁକ୍ ଆକାଉଣ୍ଟରୁ ତଥ୍ୟ ଚୋରି କରି ଏହା ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବାରେ ସହଯୋଗ କରିଥିଲା ବୋଲି ଅଭିଯୋଗ ହୋଇଥିଲା। ଏହାର ଚେର ଭାରତ ପର୍ଯ୍ୟନ୍ତ ଲମ୍ବିଥିବା ପରେ ଜଣାପଡ଼ିଲା। ଖାଲି ସେତିକି ନୁହେଁ, କ୍ୟାମ୍ବ୍ରିଜ୍ ଆନାଲିଟିକାର ଶାଖା କାର୍ଯ୍ୟାଳୟ ଭାରତରେ ଖୋଲାଯାଇଛି ଏବଂ କଂଗ୍ରେସ ପାଇଁ ଏହା କାମ କରିଛି ବୋଲି ହ୍ୱିସିଲ୍‌ବ୍ଲୋୟର ଖ୍ରୀଷ୍ଟୋଫର୍ ୱିଲି ଗତ ମାର୍ଚ୍ଚରେ ପ୍ରକାଶ କରିଥିଲେ। ଏହାକୁ ନେଇ ହଟଚମଟ ଆରମ୍ଭ ହୋଇଯାଇଥିଲା। ପରେ ଜୁଲାଇରେ ରାଜ୍ୟ ସଭାରେ କେନ୍ଦ୍ର ଆଇନ ଓ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ ଯେ, ତଥ୍ୟ ଚୋରି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯିବ। ଫେସ୍‌ବୁକ୍ ସହ ହାତ ମିଳାଇ ହାର୍ଡୱେର ମାନୁଫ୍ୟାକ୍‌ଚରର ଜରିଆରେ ମଧ୍ୟ ବେଆଇନ ଭାବେ ଲୋକଙ୍କ ତଥ୍ୟ ଚୋରି ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏନେଇ ଫେସ୍‌ବୁକ୍‌କୁ ସରକାର ସମନ କରିଥିଲେ। କିନ୍ତୁ ମାର୍କ ଜୁକରବର୍ଗଙ୍କ ମାଲିକାନାରେ ଚାଲିଥିବା ଫେସ୍‌ବୁକ ଅଭିଯୋଗକୁ ଖଣ୍ଡନ କରିଥିଲା। ଲୋକଙ୍କ ବ୍ୟକ୍ତିଗତ ତଥ୍ୟର ଅପବ୍ୟବହାର ହେବା ସମ୍ପର୍କରେ ଅବଗତ ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏବେ ପୁଣି ଚିଠି ଜରିଆରେ ଜବାବ ଲୋଡ଼ିଛି ସିବିଆଇ।


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE 17.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 55 | 100 | 110 |
| BDK | 56 | 101 | 111 |
| BLS | 57 | 102 | 112 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers



ହିମାଚଳ ପ୍ରଦେଶର ମ୍ୟାକଲୋଡଗଞ୍ଜରେ ଥିବା ୧୮ ଶିଖ୍ ରେଜିମେଣ୍ଟର ଜଣେ ଯବାନ ତାଙ୍କର ୨ ସାଥିଙ୍କୁ ଗୁଳି କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳୁ ଧର୍ମଶାଳା ମିଲିଟାରୀ ଷ୍ଟେଶନରେ ଘଟିଛି ଏହି ଘଟଣା। ସେନା ପକ୍ଷରୁ ଘଟଣାର ଯାଞ୍ଚ କରାଯାଉଥିଲେ ସୁଦ୍ଧା ଏହା ପଛର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ଉକ୍ତ ଯବାନଙ୍କ ନାଁ ଜସବୀର ସିଂ ହୋଇଥିବା ବେଳେ ସେ ପଞ୍ଜାବର ବାସିନ୍ଦା ବୋଲି ଜଣାପଡିଛି। ଶୋଇଥିବା ଅବସ୍ଥାରେ ସେ କାହିଁକି ତାଙ୍କ ସାଥିଙ୍କୁ ଗୁଳିକଲେ ତାହା ଏବେ ରହସ୍ୟ ପାଲଟି ଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ଶୁଭଙ୍କର
ପରିବାରବର୍ଗ



ବିଘ୍ନେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified









**SALE**

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

1300, 2500, 4500 sqft. individual boundary wall residential plot at Canal Road, Balianta. Owner: 9437033320. D-64308

BDAର ଅରଗୁଲଠାରେ ନିର୍ମିତ IITକୁ ଲାଗି ପିଚୁ ରାସ୍ତାର ସୁବିଧାଥାଇ ଘରବାରି plot ମିଳୁଅଛି। 9777342153.D-64316

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64162

1500 sqft. commercial space for corporate or retail on 1st floor at Dindayal Bhawan, Master Canteen, Janpath. Contact: 9437033691. D-63843

800 sqft. commercial space at Bomikhal and Kharvel Nagar. Contact: 9437033691. D-63844





All type of massage and good therapy full body massage Sai herbal spa. 7609005923. D-64202

Lady Diana massage centre full body massage by high profile smart females therapist. 9199941577, 9135760601. D-8393

Opening newly ayurvedic full body massage ladies, gents. 7609923705, 7438851534. D-38530

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Now Matrimonial ads. only on Wednesday & Sunday
Book 1 Get 1 FREE

## ଲଘୁଚାପ: ୨୦ରୁ ବର୍ଷିବ

ଭୁବନେଶ୍ୱର,୧୭।୯(ବ୍ୟୁରୋ)- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ଆସନ୍ତା ୧୯ ତାରିଖ ରାତିରୁ ଉପକୂଳ ଓଡ଼ିଶାରେ ଝିପି ଝିପି ବର୍ଷା ଆରମ୍ଭ ହେବ। ୨୦ ତାରିଖରେ ଲଘୁଚାପ ଘନୀଭୂତ ହୋଇ ଉପକୂଳବର୍ତ୍ତୀ ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ। ସେହିପରି ଗଜପତି, ଗଞ୍ଜାମ, ପୁରୀ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଭୟଙ୍କର ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟ ଜିଲାଗୁଡ଼ିକର କେତେକ ସ୍ଥାନରେ ମଧ୍ୟ ଲଘୁଚାପ ଯୋଗୁ ପ୍ରବଳ ବର୍ଷା ହେବ। ୨୧ ତାରିଖରେ ଉତ୍ତର ଓ ଦକ୍ଷିଣ ଉପକୂଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୨ ତାରିଖରେ ବର୍ଷା ପରିମାଣ କମିଯିବ। ଲଘୁଚାପ ଦୁର୍ବଳ ହୋଇ ଉତ୍ତର ପଶ୍ଚିମ ଓଡ଼ିଶା ଦେଇ ଛତିଶଗଡ଼ ଅଭିମୁଖେ ଚାଲିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଗ୍ରାମୀଣ ସଡ଼କ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ପ୍ରଥମ

## କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବା ଯୋଗୁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ରାଜ୍ୟକୁ ୩ଟି ପୁରସ୍କାରରେ ସମ୍ମାନିତ କରିଛି। ସୋମବାର ସଚିବାଳୟଠାରେ ଗ୍ରାମ୍ୟ ଉନ୍ନୟନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ପୁରସ୍କାର ଅର୍ପଣ କରିଛନ୍ତି। ରାଜ୍ୟକୁ ମିଳିଥିବା ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଗଭୀର ସନ୍ତୋଷ ବ୍ୟକ୍ତ କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଶଂସା କରିଛନ୍ତି।

୨୦୧୭-୧୮ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶା ୭ହଜାର ୧୭୬କିମି ରାସ୍ତା ନିର୍ମାଣ କରି ସାରା ଦେଶରେ ଏକ ନମ୍ବର ସ୍ଥାନ ଅଧିକାର କରିଛି। ଏଥିପାଇଁ ୨ହଜାର ୬୭୬କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାର ତାଙ୍କ ଅଂଶ ବାବଦରେ ୧ହଜାର ୭୦କୋଟି ୫୩ଲକ୍ଷ ଟଙ୍କା ଯୋଗାଇଛନ୍ତି। ଫଳରେ ୧ହଜାର ୭୭୬ଟି ଜନବସତିକୁ ସଂଯୋଗୀକରଣ ହୋଇପାରିଛି। ଅସଂଯୋଜିତ ଜନବସତିକୁ ସଂଯୋଗୀକରଣ କରିବା ପାଇଁ ରାଜ୍ୟ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ କ୍ଷେତ୍ରରେ ସବୁଜ ଜ୍ଞାନକୌଶଳ ଉପଯୋଗ କରି ୧୫୫କିମି ରାସ୍ତା ନିର୍ମାଣ ହୋଇପାରିଛି। ଏଥିରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ସୂଚନାଯୋଗ୍ୟ ଯେ, ୨୦୧୬-୧୭ରେ ଓଡ଼ିଶା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ କ୍ଷେତ୍ରରେ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏଥିପାଇଁ ଓଡ଼ିଶା ପୁରସ୍କୃତ ମଧ୍ୟ ହୋଇଥିଲା। ଏହାସହ ଚଳିତ ୨୦୧୮-୧୯ ବର୍ଷ ପାଇଁ ୪ହଜାର୧୬୬କୋଟି ୬୭ଲକ୍ଷ ଟଙ୍କା ବିନିଯୋଗରେ ୮ହଜାର କିମି ରାସ୍ତା ନିର୍ମାଣ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ୨୫ଶହ ଅସଂଯୋଜିତ ଗ୍ରାମକୁ ସଂଯୋଗୀକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୮ହଜାର କିମି ରାସ୍ତା ମଧ୍ୟରୁ ୧୭ଶହ କିମି ରାସ୍ତା ଆଧୁନିକ ସବୁଜ ଜ୍ଞାନକୌଶଳରେ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଥିବା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମହିଳାଙ୍କୁ ମାଂସାଶୀ ...

ତେବେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ପୋଲିସ ପ୍ରସ୍ତୁତ ରହିଥିବା ଏସ୍‌ପି ମହାପାତ୍ର କହିଛନ୍ତି।

ଅନ୍ୟପଟେ ଏହି ଘଟଣାକୁ ଏକ ଦୁର୍ଘଟଣା ବୋଲି କହିଛନ୍ତି ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଡ. ରମେଶ। ତାଙ୍କ କହିବାନୁଯାୟୀ, ସାତକୋଶିଆ ବାଘ ରହିବା ପାଇଁ ଏକ ପ୍ରକୃଷ୍ଟ ସ୍ଥାନ। ଏହା ଉପରେ ସମସ୍ତଙ୍କ ନଜର ରହିଛି। ବାଘୁଣୀ ବର୍ତ୍ତମାନ ସ୍ୱାଭାବିକ ଅଛି। ତାକୁ ଆୟତ୍ତକୁ ଅଣାଯିବ। ବାଘୁଣୀକୁ ବିପଦ ନ ଥିବା ଯାଗାରେ ସୁରକ୍ଷିତ ଭାବେ ରଖାଯିବ। ଲୋକମାନଙ୍କ ସହିତ ଆଲୋଚନା ପରେ ସବୁକିଛି କରାଯିବ। ଯେଉଁ ସ୍ଥିତି ଉପୁଜିଛି ତାହାର ଶୀଘ୍ର ସମାଧାନ ହେବ। ଜଙ୍ଗଲବାସୀଙ୍କ ବିନା ସାତକୋଶିଆରେ ବାଘ ବଂଶ ବୃଦ୍ଧି ଯୋଜନା ଅସମ୍ଭବ ହେବ। ଆମ ଟିମ୍ ସନ୍ଧ୍ୟାରୀକୁ ପୂରା ନଜର ରଖିଛି। ବାଘୁଣୀକୁ ନେଇ କେହି ଭୟଭୀତ ହୁଅନ୍ତୁ ନାହିଁ ବୋଲି ରମେଶ କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ପ୍ରକଳ୍ପରୁ ସ୍ଥାନୀୟ ଲୋକେ ଯେଭଳି ଆର୍ଥିକ ସହାୟତା ପାଇ ପାରିବେ ସେ ନେଇ ବ୍ୟବସ୍ଥା କରାଯିବ। ମଧ୍ୟପ୍ରଦେଶ, ବାନ୍ଧବଗଡ଼, କାହ୍ନା ବା ପନ୍ନା ଯେଉଁଠାରେ ବାଘ ଓ ମଣିଷ ନିର୍ଦ୍ୱନ୍ଦ୍ୱରେ ଚଳପ୍ରଚଳ କରୁଛନ୍ତି ସେହି ସବୁ ସ୍ଥାନକୁ ସାତକୋଶିଆବାସୀଙ୍କୁ ବୁଲାଇ ନିଆଯିବ। ବାଘ ୬ ମାସ ପରେ ଶିକାର କରିବା ଆରମ୍ଭ କରିଥାଏ। ନିଜର ଏକ ଅଞ୍ଚଳ ସୃଷ୍ଟି କରିଥାଏ। ବାଘୁଣୀକୁ ୨ ବର୍ଷ ହେଲାଣି। ତେଣୁ ସେ ଶିକାର କରିପାରୁ ନ ଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାକୁ ଭୁଲ ବୋଲି ଡ. ରମେଶ କହିଛନ୍ତି।

ଏ ନେଇ ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ସୁଦର୍ଶନ ପଣ୍ଡା କହିଛନ୍ତି, ବାଘୁଣୀ ଆଠମଲ୍ଲିକ ବନଖଣ୍ଡ ହାତିଧରା ଜଙ୍ଗଲରେ ରହିଛି। ମନିଟରିଂ ଚାଲିଛି। ଖୋଲ ପାହାଡ଼ରେ ରହୁଥିବା ଯୋଗୁ ଆୟତ୍ତକୁ ଅଣାଯାଇପାରୁନାହିଁ। ୨ରୁ ୪ଦିନ ମଧ୍ୟରେ ସୁଯୋଗ ମିଳିବା ମାତ୍ରେ ବାଘୁଣୀକୁ ଆୟତ୍ତକୁ ଅଣାଯିବ ବୋଲି ସେ କହିଛନ୍ତି।

### ଚାରା ଦୁର୍ନୀତିକୁ...

ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଗୃହରେ ବିବୃତି ଦେବା ଦରକାର ବୋଲି ନରସିଂହ ଦାବି କରିଥିଲେ। ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ବିରୋଧୀ ଦଳ ନେତା ଆଣିଥିବା ଅଭିଯୋଗକୁ ସମର୍ଥନ କରିଥିଲେ। ସେ କହିଥିଲେ ଯେ, ସରକାର ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ଘଣ୍ଟ ଘୋଡାଉଛନ୍ତି। ଦୁର୍ନୀତି ହୋଇଥିବା କଥା ମନ୍ତ୍ରୀ ମାନିଛନ୍ତି। ତଥାପି ସରକାର ଏ ନେଇ ଚିନ୍ତିତ ନୁହନ୍ତି। ଏହା ଉପରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେବା ସହ ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଥିଲେ। କେ.ଭି. କହି ସାରିବା ପରେ ବାଚସ୍ପତି ବିଜେଡି ସଭ୍ୟ ସମୀର ଦାଶଙ୍କୁ କହିବାକୁ ଡାକିଥିଲେ। ଏହି ସମୟରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡିଆସି ପୁଣି ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ଭିତରେ ସେ କ'ଣ କହୁଥିଲେ ତାହା ଜଣାପଡି ନ ଥିଲା। ବାଚସ୍ପତି ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ରଙ୍କୁ ମଧ୍ୟ ହଟ୍ଟଗୋଳ ମଧ୍ୟରେ କହିବାକୁ ଡାକିଥିଲେ। ପ୍ରବଳ ପାଟିତୁଣ୍ଡ ହେବାରୁ ବାଚସ୍ପତି ଗୃହକୁ ଦୁଇଟି ପର୍ଯ୍ୟାୟରେ ୪୫ ମିନିଟ୍ ମୁଲତବୀ କରିଥିଲେ। ବାଚସ୍ପତି ଚଳିତକ ଅଧିବେଶନରେ ଚାରା ଦୁର୍ନୀତି ସମ୍ପର୍କରେ ଗୃହରେ ବିବୃତି ଦେବାକୁ କୃଷି ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୨ଟା ୨୫ମିନିଟ୍‌ରେ ପୁଣି ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଗୃହ ବାହାରେ ଭାଜପା ସଭ୍ୟ ରବି ନାଏକ କହିଲେ ଯେ, ଚାରା ଦୁର୍ନୀତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିରେ ୨୫୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲା। ଆଦିବାସୀ ଚାଷୀମାନେ ଚାରା ରୋପଣ କରି ଦି' ପଇସା ରୋଜଗାର କରିପାରିଥାଆନ୍ତେ। ଯେଉଁ ଅଫିସରମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେ କଥା କୃଷିମନ୍ତ୍ରୀ ମାନି ସାରିଛନ୍ତି। ନିରପେକ୍ଷ ତଦନ୍ତ ପାଇଁ ଏହାକୁ ସିବିଆଇକୁ ହସ୍ତାନ୍ତର କରାଯାଉ। ମୁଖ୍ୟମନ୍ତ୍ରୀ ଗୃହରେ ଏ ନେଇ ଏକ ବିବୃତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସମୀର ଦାଶ କହିଲେ, ଗୃହରେ ବିଭିନ୍ନ ବିଷୟ ଉଠାଇବା ପାଇଁ ବ୍ୟବସ୍ଥା ରହିଛି। ମୁଁ କାହାକୁ ଉପଦେଶ ଦେବାକୁ ଚାହୁଁ ନାହିଁ। ଶୂନ୍ୟକାଳରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ପାରି ଥାଆନ୍ତେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ବାତିଲ କରିବା ଉଚିତ ନୁହେଁ ବୋଲି ସେ କହିଥିଲେ।

### ରାଉରକେଲାରେ ...

ଓ ଉଦ୍ଧାର କାର୍ଯ୍ୟରେ ଲାଗି ପଡିଥିଲେ। ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ତେଲୁଗୁପଡା ବସ୍ତିର ଜବାହାରଲାଲ ଶ୍ରୀବାସ୍ତବଙ୍କ ଉପର ମହଲା ଘରେ ହଠାତ୍ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ସେହି ଘରର ଛାତ ଉଡି ଯିବା ସହ ଆଖପାଖ ଘରକୁ ଭାଙ୍ଗି ଦେଇଥିଲା। ଲୋକେ ଆତଙ୍କିତ ଅବସ୍ଥାରେ ଘରୁ ବାହାରି ରାସ୍ତାରେ ଦୌଡୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୨୫ ଘରର ଛାତ ଉଡି ଯାଇଥିଲା। କାଚ ଓ ଘରର ଆସବାବପତ୍ର ଏଣେତେଣେ ଛିଟିକି ପଡିଲା। ସିମେଣ୍ଟ କଂକ୍ରିଟ୍ ଛାତରୁ ରଡ଼ ବାହାରି ପଦାରେ ପଡିଥିଲା। କିଛିକ୍ଷଣ ଭିତରେ ନିଆଁ ଓ ଧୂଆଁର ବଳୟ ଭିତରେ ସମ୍ପୂର୍ଣ୍ଣ ବସ୍ତିଟି ବୁଡିଯାଇଥିଲା। ଏପରି ଭୟଙ୍କର ସ୍ଥିତି ଭିତରୁ ଆହତମାନଙ୍କ ଆର୍ତ୍ତ ଚିତ୍କାର ଭାସି ଆସୁଥିଲା। କେହି କାହାକୁ ରକ୍ଷା କରିବାର ପରିସ୍ଥିତିରେ ନ ଥିଲେ। ଶ୍ରୀବାସ୍ତବଙ୍କ ବୋହୂ ରେଖା ଉଡିଯାଇଥିବା ଛାତ ତଳେ ଚାପି ହୋଇ ରହିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ଅନ୍ୟ ଜଣେ ବୋହୂ ଡଲି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ସନ୍ଧ୍ୟାରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଶ୍ରୀବାସ୍ତବଙ୍କ ସ୍ଥାନୀୟ ଡେଲି ମାର୍କେଟ ଅଞ୍ଚଳରେ ଏକ ପୂଜା ସାମଗ୍ରୀ ଦୋକାନ ରହିଛି। ଘରେ ମହଜୁଦ ଥିବା ବାରୁଦରୁ ଏଭଳି ବିସ୍ଫୋରଣ ଘଟିଥାଇ ପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଉ କେହି କେହି ରନ୍ଧନ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ପରେ ଶ୍ରୀବାସ୍ତବଙ୍କ ଘରେ ଥିବା ବାରୁଦରେ ନିଆଁ ଧରିବାରୁ ଏପରି ଦୁଃଖଦ ଘଟଣା ଘଟିଛି ବୋଲି କହିଛନ୍ତି। ତଥାପି ପ୍ରକୃତ କାରଣ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ପୋଲିସ କହିଛି।

ଦୀର୍ଘ ଅଢେଇ ଘଣ୍ଟା ପରିଶ୍ରମ କରି ଅଗ୍ନିଶମ ସେବା କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଛନ୍ତି। ଏପରି ବିସ୍ଫୋରଣ କାହିଁକି ଓ କେମିତି ଘଟିଲା ସେନେଇ ନାନା କଥା ଶୁଣିବାକୁ ମିଳୁଛି। ଘଟଣାସ୍ଥଳରେ ଡିଆଇଜି କବିତା ଜଲାନ ଓ ଏସ୍‌ପି ଡ. ଉମାଶଙ୍କର ଦାସ, ବରିଷ୍ଠ ଅଗ୍ନିଶମ ସେବା ଅଧିକାରୀ ବିନୋଦ ସିଂ ପ୍ରମୁଖ ବରିଷ୍ଠ ଅଧିକାରୀ ପହଞ୍ଚି ଯାଞ୍ଚ କରିଛନ୍ତି। ଦିନେ ଦୁଇ ଦିନ ମଧ୍ୟରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ଅନୁମାନ କରାଯାଉଛି। କ୍ଷତିଗ୍ରସ୍ତ ହୋଇଥିବା ଘରର ସଦସ୍ୟମାନେ ରାତିସାରା ଖୋଲା ଆକାଶ ତଳେ ପଡି ରହିଛନ୍ତି।


### ବୈଜୟନ୍ତଙ୍କ ହେଲିକପ୍ଟର ...

ଲାଗି ଅନୁମତି ମିଳିଥିଲା। ଉକ୍ତ ହେଲିକପ୍ଟରଟି ଭୁବନେଶ୍ୱରଠାରୁ କେନ୍ଦ୍ରାପଡ଼ା ଜିଲାର ଗରଦପୁର ଭାୟା ଚିଲିକାର ରାଜହଂସ ହୋଇ ପୁରୀ ଓ କୋଣାର୍କ ଅଞ୍ଚଳରେ ଉଡ଼ିବା ନେଇ ଅନୁମତି ନେଇଥିଲା। ଚିଲିକା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଏବଂ ନୋ ଫ୍ଲାଇଂ ଜୋନ ହୋଇଥିବା ବେଳେ କିଭଳି ହେଲିକପ୍ଟର ଉଡ଼ିଲା ତାହାର ତଦନ୍ତ ପ୍ରକ୍ରିୟା ଆମେ ଆରମ୍ଭ କରିଛୁ। ହେଲିକପ୍ଟରର ଉଡ଼ାଣ ସମ୍ପର୍କିତ ସବିଶେଷ ତଥ୍ୟ ଆମେ ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ମାଗିଥିଲୁ। ହେଲେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ଅନୁମତି ବିନା ତଥ୍ୟ ଦେଇ ହେବ ନାହିଁ ବୋଲି ବିମାନବନ୍ଦର ନିର୍ଦ୍ଦେଶକ କହିଥିଲେ। ଡିଜିସିଏରୁ ଅନୁମତି ମିଳିବା ସମୟସାପେକ୍ଷ ହୋଇଥିବାରୁ ଏବଂ ତଥ୍ୟ ଏପଟସେପଟ ହୋଇଯିବା ଆଶଙ୍କା ରହିଥିବାରୁ ହେଙ୍ଗରକୁ ସିଲ୍ କରାଗଲା ବୋଲି ଏସ୍‌ପି କହିଛନ୍ତି। ସିଲ୍ କରିବା ଲାଗି ଏହି ମାମଲାର ତଦନ୍ତ ଅଧିକାରୀଙ୍କୁ ଭୁବନେଶ୍ୱର ବିମାନବନ୍ଦର ପଠାଯାଇଥିଲା। ବିମାନବନ୍ଦର ନିର୍ଦ୍ଦେଶକ ଦେଇଥିବା ତଥ୍ୟରେ ହେଲିକପ୍ଟରର ଯେଉଁ ନମ୍ବର ଲେଖାଯାଇଥିଲା ତାହା ଇମ୍ପାର ହେଙ୍ଗରରେ ରହିଥିଲା। ତେଣୁ ଆମେ ତାହାକୁ ସିଜ୍ କରିଛୁ। ଇମ୍ପାର ଏୟାରକ୍ରାଫ୍ଟ ବୁଝାଶୁଝା କରୁଥିବା ବ୍ୟକ୍ତିଙ୍କୁ ଉଡ଼ାଣ ସମ୍ପର୍କିତ ସମସ୍ତ ବିବରଣୀ ନେଇ ଆସିବାକୁ କହିଛୁ ବୋଲି ଏସ୍‌ପି ଷଡ଼ଙ୍ଗୀ କହିଛନ୍ତି।

ହେଲିକପ୍ଟର ସିଜ୍ ନେଇ ବୈଜୟନ୍ତ ଟୁଇଟ୍ କରି କହିଛନ୍ତି ଯେ, ଓଡିଶାର ବିଭିନ୍ନ ଅଞ୍ଚଳକୁ ମୁଁ ଗସ୍ତ କରୁଥିବାରୁ ମୋର ଯିବା ଆସିବା ଉପରେ ରୋକ ଲଗାଇବା ପାଇଁ ଏହା ଏକ ଅପଚେଷ୍ଟା। ଏପରି କରି ସେମାନେ ମୋତେ ରୋକିପାରିବେ ନାହିଁ। ତୃତୀୟ ମହଲା ଇଙ୍ଗିତରେ ଏଭଳି କରାଯାଇଥିବା ବିଷୟ ହେଲିକପ୍ଟର ସିଜ୍ କରିବାକୁ ଆସିଥିବା ପୋଲିସ ଅଧିକାରୀ ଜଣକ ବ୍ୟକ୍ତିଗତ ଭାବେ ସ୍ୱୀକାର କରିଛନ୍ତି। ବୈଜୟନ୍ତ ଦର୍ଶାଇଛନ୍ତି ଯେ, ଗଣମାଧ୍ୟମର ଖବର ଅନୁଯାୟୀ ଗତ ଶନିବାର ସାଢ଼େ ଗୋଟାଏରେ ଚିଲିକା ଉପରେ ସି-ପ୍ଲେନ୍ ଉଡିଥିବା ସମ୍ପର୍କରେ ସୋମବାର ସିଡିଏ ପକ୍ଷରୁ ଏତଲାରେ ଉଲ୍ଲେଖ କରାଯାଇଥିଲା। ପରେ ଏତଲାରେ ତାହାକୁ ହେଲିକପ୍ଟର ବୋଲି ବଦଳାଯାଇଥିଲା। ଶନିବାର ମୋ ହେଲିକପ୍ଟର ଭିନ୍ନ ସମୟରେ ଉଡ଼ିଥିଲା। ଭୁବନେଶ୍ୱରରୁ ପୂର୍ବାହ୍ନ ୮.୪୫ରେ ବାହାରି ରାଜହଂସ-ପୁରୀ-କୋଣାର୍କ ଦେଇ ପୂର୍ବାହ୍ନ ୧୦.୨୮ରେ କେନ୍ଦ୍ରାପଡ଼ାରେ ଅବତରଣ କରିଥିଲି। ସେଠାରୁ ୧୨.୫୦ରେ ବାହାରି ଭୁବନେଶ୍ୱରରେ ସାଢ଼େ ଗୋଟାଏରେ ପହଞ୍ଚିଥିଲି। ଏହିସବୁ ତଥ୍ୟ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ(ଏଟିସି) ରେକର୍ଡରେ ରହିଛି। ସରକାରଙ୍କ ପକ୍ଷରୁ ଅଯଥାରେ ମୋତେ ବିବାଦ ମଧ୍ୟକୁ ଟାଣିବାକୁ ଚେଷ୍ଟା କରାଯାଉଥିବା ସେ କହିଛନ୍ତି।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭ୍ରମରବର ନାୟକ**

ଶୁବଳ (ବଡପଡା), ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୨୭।୦୧।୫୪
ତିରୋଧାନ: ୩୦।୦୮।୧୭ (ରାଧାଷ୍ଟମୀ)

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ବିୟୋଗ ସୃଷ୍ଟି କରିଛି ଏକ ଅପୂରଣୀୟ ଶୂନ୍ୟତା। ତୁମର ଅନାବିଳ ସ୍ନେହ ଓ ଶ୍ରଦ୍ଧାଭାବକୁ ପାଥେୟକରି ତୁମର ପବିତ୍ର ଆତ୍ମାକୁ ପ୍ରଭୁ ଶ୍ରୀଜଗନ୍ନାଥ ସଦ୍‌ଗତି ପ୍ରଦାନ କରନ୍ତୁ, ଏହାହିଁ ବିନମ୍ର ପ୍ରାର୍ଥନା। ଆପଣ ଯେଉଁଠାରେ ଥାଆନ୍ତୁ ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଶୋକସନ୍ତପ୍ତ: ଝିଅ- ସୁଶ୍ରୀବାଳା, ପୁତ୍ର- ନିରଞ୍ଜନ, ଜ୍ୱାଇଁ- ଅରବିନ୍ଦ, ପିତା- କୃଷ୍ଣଚନ୍ଦ୍ର, ସ୍ତ୍ରୀ- କନକଲତା, ସାନଭାଇ- ଗଜେନ୍ଦ୍ର, ପୁତୁରା, ଝିଆରୀ, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୩୭୨୫



**ବିନତାଶ୍ୱ ମଲ୍ଲିକ**

ଆବିର୍ଭାବ: ୨୫।୦୩।୧୯୮୬
ତିରୋଧାନ: ୧୮।୦୯।୨୦୧୩
ମିରାପୟର, ୩୩୧/୧୯୦୫/୪୦, ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬

ପାଞ୍ଚବର୍ଷ ପୂରିଲା ତୋ' ଯିବା। ଘା ଶୁଖିନି, ଖୁଖିବ ବି ନାହିଁ। ତୁ କିନ୍ତୁ ଶ୍ରୀମା' ଶ୍ରୀଅରବିନ୍ଦଙ୍କ କୋଳରେ ଭଲରେ ଥା'। ଦିନେ, ଅବଶ୍ୟ ଭେଟ ହେବା। ଶୋକସନ୍ତପ୍ତ: ପରିବାର, ପରିଜନ ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ। ଧ-୮୩୯୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ ଫକୀର ମୋହନ ସାହୁ**

ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭

ଚାହୁଁ ଚାହୁଁ ବର୍ଷେ ହୋଇଗଲା। ଆପଣଙ୍କର ଆଦର୍ଶ, ଆପଣଙ୍କ ନୀତି, ଚିନ୍ତାଧାରା, ଦିଗ୍‌ଦର୍ଶନ, ସଚ୍ଚୋଟପଣିଆ ଓ ନିର୍ଭୀକତା ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଏହି ପୁଣ୍ୟତିଥିରେ ଆପଣଙ୍କ ଅମ୍ଳାନ ସ୍ମୃତିଚାରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାର: ସହଧର୍ମିଣୀ- ସରସ୍ୱତୀ ସାହୁ, ପୁତ୍ର- ଶ୍ରୀ ଶ୍ରୀନିବାସ ସାହୁ, ପୁତ୍ରବଧୂ- ସରିତା ସାହୁ, ନାତି- ଶ୍ରୀ କୁମାର କାର୍ତ୍ତିକ ସାହୁ ଓ ଉତ୍କଳ ଲକ୍ଷ୍ମୀ ଇଞ୍ଜିନିୟର ପ୍ରାଇଭେଟ ଲିମିଟେଡର କର୍ମଚାରୀବୃନ୍ଦ। ଧ-୫୮୬୯୬

**ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ସିଦ୍ଧାର୍ଥ ପଟ୍ଟନାୟକ**

ଆବିର୍ଭାବ: ୧୬।୦୯।୧୯୭୮
ତିରୋଧାନ: ୦୮।୦୯।୨୦୧୮
ଗଙ୍ଗାନଗର, ସୁଇଟି କମ୍ପ୍ଲେକ୍ସ, ଫେଜ-୨, ୟୁନିଟ-୬, ଭୁବନେଶ୍ୱର

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପିତା- କର୍ଣ୍ଣେଲ ଶିବାନୀ ପ୍ରସାଦ ପଟ୍ଟନାୟକ, ମାତା- କାଦମ୍ବିନୀ ପଟ୍ଟନାୟକ, ଧର୍ମପତ୍ନୀ- ସ୍ୱସ୍ତି ମହାନ୍ତି, ଭବାନୀ ପଟ୍ଟନାୟକ, ଶକ୍ତି ପଟ୍ଟନାୟକ, ଟିଟ, ମିଟ, ଅଶୋକ, ତାପି, ରିପୁଲ, ଜାଗି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୮୪୨୬

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରବିନାରାୟଣ ଜେନା**

ଗଡକଣ୍ଟୁଣିଆ, ବାଳକାଟୀ
ଆବିର୍ଭାବ: ୧୦।୦୮।୧୯୪୦
ତିରୋଧାନ: ୧୬।୦୯।୨୦୧୦

ଆଠବର୍ଷର ଶୂନ୍ୟତାରେ ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମର ପାଥେୟ ହୋଇଆସିଅଛି। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଆତ୍ମା ଶାନ୍ତିରେ ରହିଥାଉ। ଶୋକସନ୍ତପ୍ତ: ଝିଅ- ଜ୍ୟୋତ୍ସ୍ନାମୟୀ, ଭାରତଲକ୍ଷ୍ମୀ, ପୁଅ- ବିଶ୍ୱଜିତ, ପରିଜନବର୍ଗ। ଧ-୮୪୨୩

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କର୍ମାଧିପ ଶନି ଓ ଚତୁର୍ଥାଧିପ ଚନ୍ଦ୍ର ଭାଗ୍ୟସ୍ଥ ହେତୁ ନୂଆ ନୂଆ କାମ କରିବା ସକାଶେ ମନ ବଳାଇବେ। ବିଶେଷ ଅସୁବିଧା ନ ହେଲେ ସାମାନ୍ୟ ବିଳମ୍ବ ଓ ପ୍ରତିବନ୍ଧକ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇପାରେ। ଅପରାହ୍ନରେ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ସୂଚନା ରହିଛି।

**ବୃଷ** ଚନ୍ଦ୍ରଙ୍କ ଏକାଦଶସ୍ଥ ଶୁକ୍ର ପ୍ରଭାବରୁ ଅଭାବ ନ ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅଯଥାରେ କଳହକୁ ନିମନ୍ତ୍ରଣ କରିପାରନ୍ତି। ଶିଳ୍ପ, ବ୍ୟବସାୟ ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ କ୍ଷତି କିମ୍ବା ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ବୁଧ ତୃତୀୟସ୍ଥ ହେତୁ ବୁଦ୍ଧିବଳ ଖଟାଇ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସମର୍ଥ ହେବେ। ସାମାନ୍ୟ କଥାକୁ କେନ୍ଦ୍ରକରି ପରିବାର ଭିତରେ ସମ୍ପର୍କହାନି ହୋଇପାରେ। କଳା, ସଂଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ସପ୍ତମଭାବାଧିପ ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କୁ ସାମୟିକ ସ୍ଥାନାନ୍ତର କରିପାରେ। ବିଶେଷ ଖର୍ଚ୍ଚାନ୍ତ ଓ ପରିଶ୍ରମ କରିବା କାରଣରୁ ଟେନସନ୍ କିଛି ମାତ୍ରାରେ ଲାଗି ରହିବ। ସଭାସମିତିରେ ପାରସ୍ପରିକ କଥାର ତାଳମେଳ ଅଭାବରୁ ତର୍କବିତର୍କ ଜନିତ ଆଲୋଚନା ଅମୀମାଂସିତ ରହିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଏକ ପ୍ରକାର ହାଲୁକା ଅନୁଭବ କରିବେ।

**ସିଂହ** ଧନାଧିପ ନିଜ ରାଶିରେ ରହିଥିବାରୁ କୌଣସି ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଅଟକି ଯାଉଥିବା କାମକୁ ସମ୍ପନ୍ନ କରିବାରେ ସହାୟକ ହେବ। କର୍ମକ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସଭାସମିତିରେ ସତକଥା କହି ବିବାଦ ଘେରରେ ପଡି ପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ରବି ଓ ବୁଧଙ୍କ କ୍ଷେତ୍ର ବିନିମୟ ଫଳରେ ପରିସ୍ଥିତିକୁ ସମ୍ଭାଳିବାରେ ଆଜି ଆପଣଙ୍କୁ ବିଶେଷ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। କର୍ମକ୍ଷେତ୍ରରୁ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ସାମାଜିକ ସ୍ତରରେ ଆତ୍ମୀୟମାନଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ଗୁରୁ ଓ ଶୁକ୍ର ରାଶିରେ ଅବସ୍ଥାନ କରି ପରିସ୍ଥିତି ପ୍ରତି ସଚେତନ ରହି କାମ କରିବାରେ ସମର୍ଥ ହେବେ। ଆକସ୍ମିକ ଭାବରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ଅନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

**ବିଛା** ମନକାରକ ଚନ୍ଦ୍ରଙ୍କ ପାପଗ୍ରହ ସଂଯୋଗଜନିତ କୌଣସି ବନ୍ଧୁଙ୍କ ବିଷୟରେ ଚିନ୍ତାକରି ମନ ବିଚଳିତ ରହିବ। ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ତଥାପି ଯଥା ସମୟରେ ସବୁ କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ।

**ଧନୁ** ଏକଦଶସ୍ଥ ଗୁରୁ ଓ ଶୁକ୍ର ଆପଣଙ୍କୁ ବୁଝିବିଚାରି କାମ କରିବା ଦିଗରେ ପ୍ରବର୍ତ୍ତାଇବ। ଫଳତଃ ଆଜିର କର୍ମକ୍ଷେତ୍ରରେ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରିବା ଠିକ୍ ହେବ।

**ମକର** ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମନକୁ ବୁଝାଇ ଚଳିବା ହେତୁ ସାମୟିକ ମାନସିକ ଦୁଶ୍ଚିନ୍ତା ଦୂରହେବ। ବୁଧ ଅଷ୍ଟମ ଭାବସ୍ଥ ହେତୁ ପୂର୍ବ ଶତ୍ରୁତା ସମାଧାନରେ ପ୍ରିୟଜନଙ୍କ ମଧ୍ୟସ୍ଥତା କାମକୁ ଆସିବ। ଅର୍ଥସଂକଟଜନିତ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ପରିବାରର ଆବଶ୍ୟକତାକୁ ନେଇ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଆଲୋଚନା କାଳରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। ବିଶେଷ ଭ୍ରମଣଜନିତ ପୁରାତନ ରୋଗପୀଡାରୁ ବିଶେଷ କଷ୍ଟ ପାଇବେ। ଯାତ୍ରା, ବାଣିଜ୍ୟ, ପରିବହନ ଗତାନୁଗତିକ ରୀତିରେ ଚାଲିବ।

**ମୀନ** ବୁଧଙ୍କ ଦୁସ୍ଥାନରୁ କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶର ଗମ୍ଭୀରତାକୁ ଅନୁଭବ କରି ବ୍ୟଥିତ ହୋଇପାରନ୍ତି। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ ମଙ୍ଗଳବାର, ସେପ୍ଟେମ୍ବର୧୮ ତାରିଖ, ରାଶି ନକ୍ଷତ୍ର -ସକାଳ ଘ୭।୫୮ମି. ଗତେ, ପୂର୍ବାଷାଢା/ଧନୁ, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୧୦ମି. ମଧ୍ୟେ ଘ୧୧।୪୦ମି. ଗତେ, ଘ୧।୧୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୨।୪୦ମି. ଗତେ ଘ୪।୧୦ମ. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୪୨ମି. ଗତେ ଘ୪।୧୩ମି. ମଧ୍ୟେ ରାହୁକାଳ।



ମଧ୍ୟପ୍ରଦେଶର ଖାଲୱା ବ୍ଲକ୍‌ରେ ସ୍ଥାନୀୟ ଜନଜାତି ସମ୍ପ୍ରଦାୟ ଶିଶୁଙ୍କୁ କୁପୋଷଣରୁ ଦୂରେଇ ରଖିବା ପାଇଁ ଆପଣାଉଛନ୍ତି ନାନା ପ୍ରକାର ପାରମ୍ପରିକ ଚିକିତ୍ସା ପଦ୍ଧତି। କେହି କେହି ଶିଶୁଙ୍କ ପେଟରେ ଗରମ ଛୁରି ଚେଙ୍କ ଦେଉଥିବାବେଳେ କିଛି ଲୋକ ଶିଶୁଙ୍କ ଗଳାରେ ରସୁଣ ମାଳ ବାନ୍ଧୁଛନ୍ତି। ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ଅନେକ ଶିଶୁଙ୍କ ଗଳାରେ ଏଭଳି ମାଳ ଦେଖିବାକୁ ମିଳୁଥିବା ଡାକ୍ତରମାନେ ସୂଚନା ଦେଇଛନ୍ତି।






## ସଂକ୍ଷେପରେ


### ବିଧାନସଭାରେ ବଦଳିଲା ଦାମଙ୍କ ସିଟ୍

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ବିଧାନସଭାରେ ପୂର୍ବତନ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ସିଟ୍ ବଦଳାଇ ଦିଆଯାଇଛି। ବିଜେଡିରୁ ବହିଷ୍କୃତ ହୋଇଥିବାରୁ ତାଙ୍କୁ ବିରୋଧୀ ଦଳ ବସୁଥିବା ବ୍ଲକକୁ ହଟାଇ ଦିଆଯାଇଛି। ଦାମ ଏଣିକି ଡି-୩ ସିଟ୍ ବଦଳରେ ଏଫ୍-୧୦ରେ ବସିବେ। ଏ ନେଇ ସୋମବାର ବିଧାନସଭାରେ ବାଚସ୍ପତି ପ୍ରଦୀପ ଅମାତ୍ ଘୋଷଣା କରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦାମୋଦରଙ୍କୁ ଦଳରୁ ବହିଷ୍କାର କରିଥିବା ବିଜେଡି ପକ୍ଷରୁ ବାଚସ୍ପତିଙ୍କୁ ଅବଗତ କରାଯାଇଛି। ଏହି ଆଧାରରେ ଦାମଙ୍କ ସିଟ୍‌କୁ ପରିବର୍ତ୍ତନ କରାଯାଇଥିବା ସେ ଘୋଷଣା କରିଥିଲେ।

ଚିଲିକା ଉପରେ ହେଲିକପ୍ଟର ଉଡ଼ିବା ଘଟଣା

### ଅରଖକୁଦା ସାମୁଦ୍ରିକ ଥାନାରେ ମାମଲା ରୁଜୁ

**ପୁରୀ ଅଫିସ/ବ୍ରହ୍ମଗିରି, (ଡି.ଏନ.ଏ), ୧୭।୯:** ଚିଲିକାର ଅରଖକୁଦା ମୁହାଣରେ ହେଲିକପ୍ଟର ଉଡ଼ିବା ଘଟଣାରେ ମାମଲା ରୁଜୁ ହୋଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ସୋମବାର ଅରଖକୁଦା ସାମୁଦ୍ରିକ ଥାନାରେ ଏନେଇ ଅଭିଯୋଗ କରାଯାଇଛି। ଚିଲିକା ଉପରେ ବେନିୟମ ଭାବେ କମ୍ ଉଚ୍ଚତାରେ ଜୋର ଶବ୍ଦରେ ଏକ ଚପର (ହେଲିକପ୍ଟର) ଉଡିଥିବା ସେଥିରେ ଦର୍ଶାଯାଇଛି। ସାମୁଦ୍ରିକ ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଚିଲିକାର ଅରଖକୁଦା ତଥା ନୂଆ ମୁହାଣ ଇଲାକାରେ ଶନିବାର ସି ପ୍ଲେନ ଉଡିଥିବା ନେଇ ଚର୍ଚ୍ଚା ହୋଇଥିଲା। ଅରଖକୁଦା ଗ୍ରାମର ପ୍ରତ୍ୟକ୍ଷଦର୍ଶୀ ପ୍ରଦୀପ ବେହେରା ଓ ବଳରାମ ବେହେରା ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଚିଲିକା ଜଳରାଶିର ଅତି ନିକଟରୁ ଉଡିଥିବା ସେମାନେ କହିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାକୁ ନେଇ ଖୋଳତାଡ ଆରମ୍ଭ ହୋଇଥିଲା। ସୋମବାର ସିଡିଏର ଏକ ଟିମ୍ ଅରଖକୁଦା ଅଞ୍ଚଳକୁ ଯାଇ ତଦନ୍ତ କରିଥିଲେ। ଏହାପରେ ସିଡିଏର ଏସିଏଫ୍ ବିନୋଦ ଆଚାର୍ଯ୍ୟ ଅରଖକୁଦା ଥାନାରେ ଏତଲା ଦେଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୫ତାରିଖ ଅପରାହ୍ନ ୧ଟା ୩୦ମିନିଟ୍‌ରେ ଏକ ଧଳାରଙ୍ଗର ହେଲିକପ୍ଟର ଚିଲିକା ଉପରେ ଅତି ଜୋର ଶବ୍ଦ କରି ଉଡିଥିବା ସ୍ଥାନୀୟ ଲୋକ ଏବଂ ମତ୍ସ୍ୟଜୀବୀ ଦେଖିଥିଲେ। ଉକ୍ତ ଅଞ୍ଚଳରେ ପାଇଲଟ୍ ହେଲିକପ୍ଟରକୁ ଅବତରଣ କରିବାକୁ ମଧ୍ୟ ଚେଷ୍ଟା କରିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ହେଲିକପ୍ଟର ଅତି ନିକଟରେ ଜୋର ଶବ୍ଦ କରି ଉଡୁଥିବାରୁ ପର୍ଯ୍ୟଟକ, ମତ୍ସ୍ୟଜୀବୀ ଏବଂ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଚିଲିକା ଏକ ପରିବେଶ ସମ୍ବେଦନଶୀଳ ଅଞ୍ଚଳ। ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ହେଲିକପ୍ଟର ଉଡାଇବା ବେଆଇନ। ଏଭଳି କାର୍ଯ୍ୟକଳାପ ଦ୍ୱାରା ଚିଲିକାର ଜୈବ ବିବିଧତା, ପର୍ଯ୍ୟଟକ, ମତ୍ସ୍ୟଜୀବୀ, ଚିଲିକା ମାଛ ଓ ଡଲ୍‌ଫିନ୍‌ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଚାର୍ଯ୍ୟ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସାମୁଦ୍ରିକ ଥାନା ପୋଲିସ ଆଇପିସି ଦଫା ୨୭୭, ୨୭୮, ୩୩୬, ୪୩୧ ଏବଂ ୧୧ ଏୟାରକ୍ରାଫ୍ଟ ଆକ୍ଟ-୧୯୩୪ ବଳରେ ଏକ କେସ୍ (ନଂ. ୧୬/୧୮) ରୁଜୁ କରିଛି। ସୂଚନାଯୋଗ୍ୟ ଯେ, ଚିଲିକାରେ ୱାଟର ଏରୋଡ୍ରମ ଏବଂ ସି ପ୍ଲେନ ଉଡାଣ ଲାଗି କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାକୁ ନେଇ ବିଭିନ୍ନ ସ୍ତରରେ ବିରୋଧ ହେବା ପରେ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ବାତିଲ କରିଛନ୍ତି। ଏହି ବିବାଦ ତୁଟିବା ପରେ ଚିଲିକାରେ ସି ପ୍ଲେନ ଉଡିଥିବା ନେଇ ଚର୍ଚ୍ଚା ହୋଇଥିଲା।




# ବକୁଳବନ ନିକଟରେ ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ପଞ୍ଚସଖାଙ୍କ କର୍ମଭୂମି ତଥା ସତ୍ୟବାଦୀର ବକୁଳବନ ନିକଟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ସୋମବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଡ଼ିଆ ନବଜାଗରଣର ପୀଠ କୁହାଯାଉଥିବା ସତ୍ୟବାଦୀର ବକୁଳବନ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ଏହାର ଆଦର୍ଶକୁ ଜୀବିତ ରଖିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବକୁଳବନ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁଙ୍କ ମଣିଷ ତିଆରି କାରଖାନା ଥିଲା। ବକୁଳବନ ନିକଟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏକ ଐତିହାସିକ ନିଷ୍ପତ୍ତି। ପଞ୍ଚସଖାଙ୍କ ଆଦର୍ଶର ପ୍ରଚାର ଓ ପ୍ରସାର ଦିଗରେ ଏହା ମଧ୍ୟ ବିଶେଷ ସହାୟକ ହେବ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ବକୁଳବନ ନିକଟରେ ପ୍ରତିଷ୍ଠା ହେବାକୁ ଥିବାବେଳେ ସେହି ପରିସରରୁ କିଛି ଗଛ କଟାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ପରିବେଶ ଏବଂ ଐତିହ୍ୟକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କରାଯିବ। ବାଲି ପଥରରେ ଏକ ମହଲା ବିଶିଷ୍ଟ କୋଠାରେ ହିଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ହେବ। ଉପାଧ୍ୟୁତର ଶିକ୍ଷାଠାରୁ ଆରମ୍ଭ କରି ଏମ୍.ଫିଲ୍ ଓ ପିଏଚ୍‌ଡି ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଉଚ୍ଚତର ଶିକ୍ଷା ଓ ଗବେଷଣା ଦିଗରେ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବ। ଏଥିପାଇଁ ଖୁବ୍‌ଶୀଘ୍ର ଜଣେ ଓ.ଏସ୍.ଡି.ଙ୍କୁ ନିଯୁକ୍ତି ଦିଆଯିବ। ଏହାର ଅସ୍ଥାୟୀ କାର୍ଯ୍ୟାଳୟ ସତ୍ୟବାଦୀ ପାନ୍ଥନିବାସରେ ରହିବ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବଜେଟ୍‌ରେ ଏଥିପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା। ଏହାସହ ଏଥିପାଇଁ କୁଳପତି, ରେଜିଷ୍ଟ୍ରାର ଆଦି ପଦବୀଗୁଡିକ ମଧ୍ୟ ସୃଷ୍ଟି କରାଯାଇଛି। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଆବଶ୍ୟକ ପ୍ରାରମ୍ଭିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ବକୁଳବନ ନିକଟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନ କରିବା ପାଇଁ ଗୃହରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଗୋପବନ୍ଧୁ ଦାସଙ୍କ ନାମ ଏବଂ ବକୁଳବନକୁ ଲୋକେ ଭୁଲିଯିବେ ବୋଲି ସେ କହିଛନ୍ତି। ଗୋପବନ୍ଧୁ ଦାସଙ୍କୁ ଲୋକେ ବହୁତ ସମ୍ମାନ ଦେବାସହ ଭକ୍ତି କରନ୍ତି। ସେ ମଧ୍ୟ ତାଙ୍କୁ ବହୁତ ସମ୍ମାନ କରନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟ ହେବା ଦ୍ୱାରା ତାଙ୍କ ପ୍ରତି ରହିଥିବା ଲୋକଙ୍କ ସମ୍ମାନ ରହିବ ନାହିଁ। ତେଣୁ ଏହାର ସ୍ଥାନ ପରିବର୍ତ୍ତନ କରାଯାଉ ବୋଲି ନରସିଂହ କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ପରଲୋକ

**ଭୁବନେଶ୍ୱର/କଟକ ସଦର,୧୭।୯(ଡି.ଏନ୍.ଏ.)**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନ (୯୩)ଙ୍କ ରବିବାର ରାତିରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ୧୯୮୦ ଓ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ସେ କଟକ ସଦର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ୧୯୮୯ ମସିହା ଶେଷଆଡକୁ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ କିଛିମାସ ନଗର ଉନ୍ନୟନ ମନ୍ତ୍ରୀ ଥିଲେ। ବିଧାୟକ ହେବା ପୂର୍ବରୁ ୧୯୭୫ ମସିହାରେ କଟକ ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ। ୧୯୪୨ ମସିହାରେ ମହାତ୍ମା ଗାନ୍ଧୀ ଓ ଜାତୀୟ କବି ବୀରକିଶୋର ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇଥିଲେ। ସେହି ସମୟରେ ଜେଲ ମଧ୍ୟ ଯାଇଥିଲେ।



ଦୋଳଗୋବିନ୍ଦ ପ୍ରଧାନ

ସୋମବାର ବିଧାନସଭା ପରିସରରେ ତାଙ୍କ ମରଶରୀର ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିବା ସହ ମାଲ୍ୟାର୍ପଣ କରିଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ଶୋକ ପ୍ରକାଶ କରି କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ପ୍ରଧାନଙ୍କ ଅବଦାନ ପାଇଁ ଲୋକେ ତାଙ୍କୁ ସବୁଦିନେ ମନେ ରଖିବେ। ପ୍ରଧାନ ଜୀବନସାରା ଗାନ୍ଧୀବାଦରେ ଅନୁପ୍ରାଣିତ ଥିଲେ, ଯାହା ତାଙ୍କ କଥା ଓ କର୍ମରେ ଦେଖିବାକୁ ମିଳୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ପ୍ରଧାନଙ୍କର ସହଧର୍ମିଣୀ ରମା ପ୍ରଧାନ, ୪ ପୁଅ ଦେବରାଜ, ପୁଷ୍ପରାଜ, ପୃଥ୍ୱୀରାଜ, ପ୍ରଜ୍ଞାରାଜ ଏବଂ ୨ ଝିଅ ସତ୍ୟଭାମା, ହୈମବତୀ ଅଛନ୍ତି। ଅପରାହ୍ନରେ ମରଶରୀରକୁ ଭୁବନେଶ୍ୱରରୁ ତାଙ୍କ ପୈତୃକ ବାସଭବନ କଟକ ସଦର ବ୍ଲକ ଅଧୀନ ଗତିରାଉତପାଟଣା (ଡିହସାହି)କୁ ନିଆଯାଇଥିଲା। ବାଟରେ ତେଲେଙ୍ଗାପେଣ୍ଠର ଗାନ୍ଧୀ ସ୍ମୃତିସ୍ଥଳ, ସ୍ୱରାଜ ଆଶ୍ରମ, କଟକ ଜିଲା କଂଗ୍ରେସ କାର୍ଯ୍ୟାଳୟ, ଶିଖରପୁର ଓ ଗଣ୍ଡରପୁର ପୂଜା କମିଟି କାର୍ଯ୍ୟାଳୟ, ଚାଉଳିଆଗଞ୍ଜ, ନୂଆବଜାର, ଗତିରାଉତପାଟଣା, ବିରିବାଟୀ, ଫକୀରପଡା ଓ କନ୍ଦରପୁର ଅଞ୍ଚଳରେ ଲୋକେ ପ୍ରଧାନଙ୍କର ଶେଷଦର୍ଶନ କରିଥିଲେ। ପରେ ଶୋଭାଯାତ୍ରା ତାଙ୍କ ଜନ୍ମସ୍ଥାନ ଡିହସାହିରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ଶେଷକ୍ରିୟା କରାଯାଇଥିଲା। ହେଲେ ପୈତୃକ ବାସଭବନ ବାରିରେ ମା'ଙ୍କ ସମାଧି ପାଖରେ ତାଙ୍କର ସମାଧି ପାଇଁ ପ୍ରଧାନଙ୍କ ଇଚ୍ଛା ଥିଲା ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି। ସେହି ଅନୁଯାୟୀ ପ୍ରଧାନଙ୍କ ମରଶରୀରକୁ ସମାଧି ଦିଆଯାଇଥିଲା।

# ସମବାୟ ବିଭାଗର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସଚିବାଳୟଠାରେ ସମବାୟ ବିଭାଗର ଦୁଇଟି ପ୍ରତୀକ(ଲୋଗୋ)ର ଉନ୍ମୋଚନ କରିଛନ୍ତି। ଉକ୍ତ ବିଭାଗର ଦୁଇ ପ୍ରମୁଖ କାର୍ଯ୍ୟକ୍ରମ ଯଥା, ପ୍ରାଥମିକ କୃଷିଋଣ ସମବାୟ ସମିତି ଦ୍ୱାରା ଧାନ ସଂଗ୍ରହ ଏବଂ ନିୟନ୍ତ୍ରିତ ବଜାର କମିଟିଗୁଡିକ ଦ୍ୱାରା କୃଷିଜାତ ଦ୍ରବ୍ୟର ଉତ୍କର୍ଷ ନିର୍ଦ୍ଧାରଣ ଲାଗି ଦୁଇଟି ଲୋଗୋର ଉନ୍ମୋଚନ କରାଯାଇଛି।

କଳିଙ୍ଗ ପିଓର ଏବଂ ରାଜ୍ୟ ସଂଗ୍ରହ କେନ୍ଦ୍ର ନାମରେ ନାମିତ ଏହି ଲୋଗୋ ଦୁଇଟି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଦର୍ଶାଇବା ସହିତ ରାଜ୍ୟରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଏକ ବ୍ରାଣ୍ଡ ବିକଶିତ କରିବ। ଏହି ଦୁଇ ଲୋଗୋର ଗୁଣ ସଙ୍କେତ ସମ୍ପର୍କରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, କଳିଙ୍ଗ ପିଓର ଲୋଗୋକୁ ବ୍ୟବହାର କରୁଥିବା ସଂସ୍ଥାର ଦୃଷ୍ଟି ସଂକ୍ରାନ୍ତ ଓ ସମ୍ପର୍କକୁ ଦର୍ଶାଇବ। ଏହା ନିର୍ଦ୍ଦିଷ୍ଟ ଉତ୍ପାଦନ ଦ୍ରବ୍ୟର ଶୁଦ୍ଧତା ଏବଂ ମାନଦଣ୍ଡକୁ ଦର୍ଶାଇବ। ଏହାସହ ରାଜ୍ୟ ସଂଗ୍ରହ କେନ୍ଦ୍ରର ଲୋଗୋ ସେହି ସଂସ୍ଥାର ସାଧାରଣ ଧାରଣାକୁ ଯଥାଯୋଗ୍ୟ ପ୍ରତିପାଦିତ କରୁଛି। କୃଷି ଅଂଶଚିତ୍ର ସେହି ସଂସ୍ଥାର କାର୍ଯ୍ୟଶୈଳୀକୁ ସୂଚିତ କରିବା ସହିତ ଏହାର ଆଗ୍ରହର ଉଦ୍ଦେଶ୍ୟକୁ ପ୍ରତିପାଦିତ କରୁଥିବା ଦର୍ଶାଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମବାୟ ବିଭାଗର ଲୋଗୋକୁ ଉନ୍ମୋଚନ କରୁଛନ୍ତି।

### ଲାଞ୍ଚ ନେଇ ସମବାୟ ବ୍ୟାଙ୍କ ସହପରିଚାଳକ ଗିରଫ

**କଟକ ଅଫିସ/ସୁନ୍ଦରଗଡ଼,୧୭।୯(ଡି.ଏନ୍.ଏ.)**- ୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁନ୍ଦରଗଡ଼ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସହପରିଚାଳକ ତପନ ପ୍ରଧାନ। ସୋମବାର ସେ ଏହି ଲାଞ୍ଚ ହେମଗିରି ଥାନା ଅଧୀନ କୁଣ୍ଡ ଗ୍ରାମର ଶ୍ରବଣ କୁମାର ଗରଡ଼ିଆ ନାମକ ବ୍ୟକ୍ତିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଗରଡିଆ ଗୋପାଳପୁର ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ କୋଅପରେଟିଭ ସୋସାଇଟି (ଲାମ୍ପସ୍)ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସୋନାଲି ଓ ଶ୍ରୀଲକ୍ଷ୍ମୀ ନାମକ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ସମ୍ପର୍କିତ କାଗଜପତ୍ରକୁ ହେଡ୍‌ଅଫିସ ପଠାଇବା ପାଇଁ ପ୍ରଧାନ ଏହି ଲାଞ୍ଚ ଦାବି କରିଥିଲେ। ବ୍ୟାଙ୍କର ହେମଗିରି ଶାଖା କାର୍ଯ୍ୟାଳୟରେ ସହକାରୀ ପରିଚାଳକ ପ୍ରଧାନ ଗରଡିଆଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବାବେଳେ ସମ୍ବଲପୁର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।





CLASSIFIED DISPLAY















# ରୋଗୀ ବନ୍ଧକ

କୌଣସି ଆର୍ଥିକ ସଂସ୍ଥାରୁ ଋଣ ଆଣିବାକୁ ହେଲେ ବ୍ୟକ୍ତିବିଶେଷଙ୍କୁ ମଟ୍‌ଗେଜ୍ ବା ବନ୍ଧକ ରଖିବାକୁ ପଡ଼େ। ଋଣ କରିଥିବା ବ୍ୟକ୍ତି ଯଦି ଭବିଷ୍ୟତରେ ତାହାକୁ ଶୁଝିବାକୁ ଅକ୍ଷମ ହୁଅନ୍ତି, ତେବେ ବନ୍ଧକ ଥିବା ଜିନିଷ ନିଲାମ କରାଯାଇ ଅର୍ଥ ଅସୁଲ କରାଯାଏ। ରୋଗୀଙ୍କୁ ବନ୍ଧକ ରଖାଯିବା ବିଷୟ ଶୁଣିବାକୁ ଅଡୁଆ ଲାଗୁଥିଲେ ମଧ୍ୟ ଏହା ବର୍ତ୍ତମାନ ଡାକ୍ତରଖାନା ବିଶେଷକରି ଘରୋଇ ହସ୍ପିଟାଲଗୁଡ଼ିକରେ ପ୍ରାୟତଃ ଦେଖିବାକୁ ମିଳୁଛି। ହସ୍ପିଟାଲ ଯାଉଥିବା ଦେଶର ଅଧିକାଂଶ ଲୋକ ଏଭଳି ପରିସ୍ଥିତିର ସାମ୍ନା କରୁଥିବେ। ରୋଗୀଙ୍କ ମୃତ୍ୟୁ ଘଟିଲେ ହସ୍ପିଟାଲ ପକ୍ଷରୁ ପ୍ରସ୍ତୁତ ବିଲ୍ ପଇଠ କରିବାରେ ସମ୍ପର୍କୀୟମାନେ ଅକ୍ଷମ ହେଲେ ସେମାନଙ୍କୁ ଶବ ହସ୍ତାନ୍ତର କରାଯାଉ ନ ଥିବାର ଅନେକ ନଜିର ରହିଛି। କେତେକ କ୍ଷେତ୍ରରେ ଘରୋଇ ହସ୍ପିଟାଲରେ ବଡ଼ ରୋଗ ହୋଇଛି କହି ଦୀର୍ଘଦିନ ରଖିବା ଏବଂ ଯାବତୀୟ ଡାକ୍ତରୀ ପରୀକ୍ଷା କରି ବିଲ୍ ବଢ଼ାଇବାର ଅଭିଯୋଗ ମିଳିଥାଏ। ସେହିପରି ହସ୍ପିଟାଲ ପରିସରରେ ଥିବା ଦୋକାନରୁ ଚଢ଼ାଦରରେ ଔଷଧ କିଣି ରୋଗୀ ହନ୍ତସନ୍ତ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି । କେଉଁ ରୋଗ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ସେହି ସଂକ୍ରାନ୍ତ ତାଲିକାର ବିବରଣୀ ହସ୍ପିଟାଲ କାନ୍ଥରେ ଲଗାଯାଉ ନ ଥିବାରୁ ରୋଗୀଙ୍କୁ ମନଇଚ୍ଛା ବିଲ୍ ଧରାଇ ଦିଆଯାଉଛି।

ଏହି ପ୍ରଚ୍ଛଦପଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏବେ ପେମେଣ୍ଟ ବା ଅର୍ଥ ପ୍ରଦାନ ସମ୍ପର୍କିତ ଚିଠା ପେସେଣ୍ଟ ଚାର୍ଟର ଅଣାଯିବା ଲାଗି ସ୍ଥିର ହୋଇଛି। ପେମେଣ୍ଟ ବିବାଦକୁ କେନ୍ଦ୍ରକରି ରୋଗୀଙ୍କୁ ଅଟକାଇଲେ କିମ୍ବା ରୋଗୀଙ୍କ ମୃତଦେହକୁ ସମ୍ପର୍କୀୟଙ୍କୁ ଠିକ୍ ସମୟରେ ହସ୍ତାନ୍ତର କରା ନ ଗଲେ ଏହାକୁ ଅପରାଧ ଭାବେ ବିବେଚନା କରାଯିବ ବୋଲି ଉକ୍ତ ଚାର୍ଟରରେ ଉଲ୍ଲେଖ କରାଯାଇଛି। ହସ୍ପିଟାଲଗୁଡ଼ିକ ଯେପରି ସୁଚାରୁରୂପେ ସ୍ୱାସ୍ଥ୍ୟସେବା ଯୋଗାଇବେ ସେଥିଲାଗି ରାଜ୍ୟ ସରକାରଙ୍କ ମାଧ୍ୟମରେ ମନ୍ତ୍ରଣାଳୟ ଉକ୍ତ ଚାର୍ଟରକୁ ଲାଗୁ କରିବ। ଏଠାରେ ହସ୍ପିଟାଲଗୁଡ଼ିକ ଯୁକ୍ତି ବାଢ଼ିପାରନ୍ତି ଯେ, ଥରେ ରୋଗୀ ଭଲ ହେବା ପରେ ତାଙ୍କୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଧରିବା କାଠିକର ପାଠ ହୋଇପାରେ। ଏହି ଯୁକ୍ତିକୁ ଖଣ୍ଡନ କରିବା ଲାଗି ଉକ୍ତ ଚିଠା ପ୍ରସ୍ତାବରେ କୁହାଯାଇଛି ଯେ ସେଥିପାଇଁ ହସ୍ପିଟାଲଗୁଡ଼ିକ ନିଜସ୍ୱ ବ୍ୟବସ୍ଥା ସୃଷ୍ଟି କରିବେ। ରୋଗ ଓ ଏଥିଲାଗି କେତେ ଖର୍ଚ୍ଚ ହେବ ତାହାର ଏକ ତାଲିକା ସମ୍ପୃକ୍ତ ଡାକ୍ତରଖାନାଗୁଡ଼ିକ ସେମାନଙ୍କ କାନ୍ଥରେ ଝୁଲାଇବେ। ଡିସ୍‌ପ୍ଲେ ବୋର୍ଡ କିମ୍ବା ସୂଚନା ପୁସ୍ତିକାରେ ଏସବୁ ସ୍ଥାନୀୟ ଭାଷା ଓ ଇଂଲିଶ ଭାଷାରେ ଉଲ୍ଲେଖ ରହିବା ଆବଶ୍ୟକ ବୋଲି ସମ୍ପୃକ୍ତ ଚିଠାରେ ଉଲ୍ଲେଖ ରହିଛି । ଏପର୍ଯ୍ୟନ୍ତ ତାହା ହେଉ ନ ଥିବାରୁ ରୋଗୀଙ୍କ ବାବଦକୁ ହୋଇଥିବା ଖର୍ଚ୍ଚ ପରିମାଣ ମନଇଚ୍ଛା ବଢ଼ାଇ ଦିଆଯାଉଛି । ଏଭଳି ସ୍ଥଳେ ପେସେଣ୍ଟ ରାଇଟ୍ସ ଟ୍ରିବ୍ୟୁନାଲ ଫୋରମ୍ ଅଥବା କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ରେଗୁଲେଟୋରୀ ଅଥରିଟିଙ୍କ ନିକଟରେ ରୋଗୀ କିମ୍ବା ସମ୍ପର୍କୀୟ ବିଲ୍ ବାବଦ ଅଭିଯୋଗ କରିପାରିବେ। ସ୍ଥଳବିଶେଷରେ ରୋଗୀ କିମ୍ବା ତାଙ୍କ ପରିବାର ସଦସ୍ୟ ରେକର୍ଡରୁମ୍‌ରେ ରଖାଯାଇଥିବା ଚିକିତ୍ସା ସମ୍ବନ୍ଧୀୟ ସବୁ କାଗଜପତ୍ର ଦେଖି ଯାଞ୍ଚ କରିପାରିବେ। ଏପରିକି ଚିକିତ୍ସା ନେଇ ସନ୍ଦେହ ଉପୁଜିଲେ ଅନ୍ୟ ହସ୍ପିଟାଲ ଡାକ୍ତରଙ୍କ ସହାୟତା ମଧ୍ୟ ନେଇପାରିବେ। ଏଥିସହିତ ରୋଗୀଙ୍କୁ ତାଙ୍କ ରୋଗ ସମ୍ପର୍କିତ ସବୁ କାଗଜପତ୍ରର ନକଲ ମାଗଣାରେ ଚିକିତ୍ସା ଯୋଗାଇଥିବା ଡାକ୍ତରଖାନା ଦେବାକୁ ବାଧ୍ୟ ବୋଲି ଚିଠା ପ୍ରସ୍ତାବରେ ରହିଛି।

ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱଚ୍ଛତା ଅଣାଯିବା ଲାଗି ଚିଠା ପ୍ରସ୍ତାବରେ ସ୍ଥାନ ପାଇଥିବା ବିଷୟବସ୍ତୁକୁ ଦେଖିଲେ ତାହା ଅତ୍ୟନ୍ତ ଉପାଦେୟ ହୋଇପାରନ୍ତା। କେବଳ ଘରୋଇ ନୁହେଁ, ସରକାରୀ ହସ୍ପିଟାଲରେ ମଧ୍ୟ କେତେକ ଚିକିତ୍ସା କ୍ଷେତ୍ରରେ ଖର୍ଚ୍ଚ ବ୍ୟୟବହୁଳ ହେଉଛି। ଯେହେତୁ ସରକାରୀ ହସ୍ପିଟାଲ ଜନକଲ୍ୟାଣ ଲାଗି ଉଦ୍ଦିଷ୍ଟ ସେହେତୁ ସେଠାରେ ବିରାଟବଡ଼ ଅସଙ୍ଗତି ଲକ୍ଷ୍ୟ କରାଯାଉ ନାହିଁ। ଘରୋଇ ଡାକ୍ତରଖାନା କ୍ଷେତ୍ରରେ ଦେଖିଲେ ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ରହୁଛି ଲାଭ। ଅତ୍ୟଧିକ ଲୋଭର ବଶବର୍ତ୍ତୀ ହୋଇ କର୍ପୋରେଟ ହସ୍ପିଟାଲଗୁଡ଼ିକ ରୋଗୀଙ୍କୁ ଶୋଷଣ କରୁଥିବାରୁ ଅନେକ ସମୟରେ ରୋଗୀ, ଡାକ୍ତର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ଏପରିକି ବାଡ଼ିଆପିଟା ଯାଏ କଥା ଯାଉଥିବା ଦେଖାଯାଉଛି। ଘରୋଇ ଡାକ୍ତରଖାନାଗୁଡ଼ିକ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା କଥା କହି ରାଜ୍ୟ ସରକାରଙ୍କଠାରୁ ଜମି ସହ ଆନୁଷଙ୍ଗିକ ସୁବିଧା ହାତେଇଥାଆନ୍ତି। କିନ୍ତୁ ଲୋକଙ୍କୁ ସେଭଳି ସେବା ମିଳୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ସେବାରେ ସଂସ୍କାର ସ୍ୱରୂପ ରୋଗୀଙ୍କ ଅଧିକାର ଲାଗି ଏହି ଚାର୍ଟର ଆସିପାରିଲେ ଲୋକେ ଉପକୃତ ହୋଇପାରନ୍ତେ। ଏଭଳି ପଦକ୍ଷେପର ଏକ ଓଲଟା ଦିଗ ବାହାରିପାରେ। କର୍ପୋରେଟ ହସ୍ପିଟାଲଗୁଡ଼ିକ ଆର୍ଥିକ ସ୍ୱଚ୍ଛଳ ନ ଥିବା ରୋଗୀଙ୍କଠାରୁ ବୀମା କାଗଜପତ୍ର ଦାବି କରିପାରନ୍ତି ଅଥବା ଆଗୁଆ ଅର୍ଥ ଦାବି କରିପାରନ୍ତି। ତାହା ନ ହୋଇପାରିଲେ ରୋଗୀଙ୍କୁ ଅନ୍ୟ ବାହାନା ଦେଖାଇ ଫେରାଇ ଦେବାର ଧାରା ମଧ୍ୟ ସୃଷ୍ଟି ହୋଇପାରେ। ଶେଷରେ ଏପରି ଚାର୍ଟରର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ସବୁ ନିର୍ଭର କରେ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | | | E | 9 | | | 8 | D | | 0 | | 3 |
| | | 9 | | | | | E | | 0 | A | | 2 | | |
| | | | | 5 | | | C | 0 | E | 9 | | | D | |
| | | | | 1 | | | | 7 | | C | | | 5 | |
| | 6 | | | | 4 | | | | 2 | | 5 | | 8 | |
| | | | | E | | C | | | | | | 8 | | |
| 1 | 7 | | | | A | | | | | | 0 | | 3 | |
| | B | | | | 8 | 2 | | 4 | | E | | 5 | 1 | |
| | C | | | D | | | | | 1 | 3 | | | 4 | 2 |
| 6 | D | | 9 | | | | 0 | 1 | 7 | | 2 | B | | |
| 0 | 4 | | C | | | | | 5 | 3 | | | 6 | | |
| | | B | A | | 7 | | | | 4 | 5 | | | | 8 |
| | | | 2 | | | | | | | | 9 | | | |
| | | 3 | | | | | 8 | A | | | | 4 | E | |
| | | 8 | | | | 1 | | | | | A | D | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | 6 | C | 7 | 9 | E | 8 | 5 | B | 3 | 1 | 4 | D | A |
| 3 | 5 | D | 1 | 6 | 8 | 4 | A | 2 | 9 | E | C | B | 0 | 7 |
| 8 | 9 | C | A | 2 | 4 | B | 6 | D | 5 | 7 | 0 | E | 1 | 3 |
| E | B | 4 | 0 | 5 | 3 | 7 | 9 | 1 | A | D | 6 | C | 2 | 8 |
| 1 | 7 | A | E | D | B | 0 | C | 3 | 4 | 2 | 8 | 6 | 5 | 9 |
| A | 6 | 0 | 3 | 9 | D | C | 4 | 8 | 7 | 1 | B | 2 | E | 5 |
| B | D | E | 5 | 8 | 7 | A | 1 | 0 | 3 | 6 | 2 | 9 | C | 4 |
| 5 | 4 | 1 | B | C | 2 | 9 | 3 | 7 | D | 8 | E | A | 6 | 0 |
| 7 | C | 3 | 4 | 1 | A | 2 | E | 6 | 0 | 5 | 9 | 8 | B | D |
| 9 | 2 | 8 | 6 | E | 0 | 5 | D | B | C | A | 4 | 7 | 3 | 1 |
| 0 | E | 5 | 7 | A | C | D | B | 4 | 6 | 9 | 3 | 1 | 8 | 2 |
| 6 | A | 2 | 9 | 0 | 5 | 1 | 7 | C | 8 | B | D | 3 | 4 | E |
| 4 | 8 | 7 | 2 | B | E | 3 | 0 | A | 1 | C | 5 | D | 9 | 6 |
| D | 3 | B | 8 | 4 | 1 | 6 | 2 | 9 | E | 0 | 7 | 5 | A | C |
| C | 1 | 9 | D | 3 | 6 | 8 | 5 | E | 2 | 4 | A | 0 | 7 | B |

ଗତକାଲିର ଉତ୍ତର

# ଘରୋଇ ହିଂସାର କରାଳ ରୂପ



ବୈକୁଣ୍ଠନାଥ ମିଶ୍ର

ହିଂସା ଏକ ନକାରାତ୍ମକ ଶବ୍ଦ, ଯାହା ପରପୀଡ଼ନ, ପରର କ୍ଷତି ସାଧନ, ଏପରି କି ଧ୍ୱଂସ ଓ ମୃତ୍ୟୁଲୀଳା ସଂଯୋଜନାକୁ ବୁଝାଏ। ଯେତେବେଳେ ଏହା ଆତ୍ମୀୟସ୍ୱଜନ ବା ରକ୍ତ ସମ୍ପର୍କୀୟ ପ୍ରତି କରାଯାଏ, ତାହାକୁ ପାରିବାରିକ ବା ଘରୋଇ ହିଂସା କୁହାଯାଏ। ନିଜ ପୁତ୍ର ବା କନ୍ୟା ପରିବାରର ସମ୍ମାନକୁ ଭ୍ରୂକ୍ଷେପ ନ କରି ଏପରି କିଛି କରିବସନ୍ତି, ଯାହା ପରିବାର ସଦସ୍ୟଙ୍କ ମନରେ ସେମାନଙ୍କ ପ୍ରତି ଘୃଣାଭାବ ଜାତ କରାଏ ଏବଂ ପରିବାର ସଦସ୍ୟ ଆତ୍ମୀୟତାକୁ ଭୁଲି ନିଜ ପିଲାଙ୍କର ମୃତ୍ୟୁଲୀଳା ରଚନା କରନ୍ତି। ମା' ବାପାଙ୍କ ଇଚ୍ଛା ବିରୋଧରେ ଯଦି ଝିଅଟି କୌଣସି ପୁଅ, ବିଶେଷତଃ ନୀଚ ଜାତିର ପୁଅକୁ ଭଲ ପାଇ ବସେ ଓ ପରିବାରର ଅନିଚ୍ଛା ସତ୍ତ୍ୱେ ବିବାହ କରେ ତେବେ ମାତାପିତା ପ୍ରତ୍ୟକ୍ଷରେ କିଛି କରିପାରନ୍ତିନି ସିନା ହେଲେ ମନ ମଧ୍ୟରେ ହିଂସାର ବହ୍ନି ଜଳୁଥାଏ। କନ୍ୟା ଓ ଜାମାତାଙ୍କ ସହ ଛଳନାପୂର୍ଣ୍ଣ ଆଚରଣ କରି ତାଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରି ସୁଯୋଗ ଦେଖି ହତ୍ୟା କରାଯାଏ, ଯାହାକୁ କୁହାଯାଏ ଅନରକିଲିଂ।

ଅନେକ କ୍ଷେତ୍ରରେ ବିବାହ ପୂର୍ବରୁ ଝିଅର ଆତ୍ମୀୟମାନେ ପୁଅକୁ ହତ୍ୟା କରନ୍ତି ଓ ବିବାହ ପରେ ପୁଅଘର ଲୋକେ ଝିଅକୁ ହତ୍ୟା କରନ୍ତି। ନବବଧୂକୁ ଯୌତୁକ ଲୋଭରେ ଶାରୀରିକ ନିର୍ଯାତନା ଦେବା, ଏପରିକି ଜୀବିତ ଅଗ୍ନିସଂଯୋଗ କରି ହତ୍ୟା କରିବା ପାରିବାରିକ ହିଂସାର ନଗ୍ନରୂପ। ଝିଅ ପାଇଁ ପୁଅଟିଏ ଓ ପୁଅ ପାଇଁ ଝିଅଟିଏ– ଏହା ବିଧିନିର୍ଦ୍ଧାରିତ। ଏଥିରେ ଅନ୍ତରାୟ ସୃଷ୍ଟି କରିବା ମଣିଷର ଶକ୍ତିର ବାହାରେ। ଆମେ ଦୈବୀ ସଂଯୋଜନାର ବିରୋଧରେ ଯାଇ ବୃଥା ଗର୍ବ, ଅହଂକାରରେ ହିଂସାର ପଥ ବାଛିନେଉଛୁ।

ଓଡ଼ିଶା ସରକାର ଘରୋଇ ହିଂସା ଓ ଅନରକିଲିଂକୁ ରୋକିବା ପାଇଁ ଏସ୍.ଓ.ପି. (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିକ୍ୟୁଟର) ଜାରି କରିଛନ୍ତି। ଏଥିପାଇଁ ଗତ ୩୦ ଅଗଷ୍ଟ ୨୦୧୮ରେ ପ୍ରତ୍ୟେକ ଜିଲା ପ୍ରଶାସନ, ପୋଲିସ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ୭ ମାର୍ଚ୍ଚ ୨୦୧୮ରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନେକ କ୍ଷେତ୍ରରେ ଗ୍ରାମ କମିଟି କିମ୍ବା ପଞ୍ଚାୟତ ବସି ଅନରକିଲିଂ ବା ଘରୋଇ ହିଂସା ଭଳି ସମ୍ବେଦନଶୀଳ ଘଟଣାର ସମାଧାନ କରିଥାନ୍ତି। ଏଥିରେ ଝିଅପୁଅଙ୍କ ଉପରେ ଚାପ ପ୍ରୟୋଗ କରାଯାଇ ବିଚ୍ଛେଦ ପାଇଁ ଉଦ୍ୟମ ହୁଏ। ଉତ୍ତର ଭାରତରେ ଏପରି ପଞ୍ଚାୟତ ମାଧ୍ୟମରେ ଆନ୍ତଃଜାତି ଓ ଆନ୍ତଃଧର୍ମ ବିବାହ ଉପରେ ନିଷ୍ପତ୍ତି ନିଆଯାଇ ଆଇନକୁ ହାତକୁ ନିଆଯାଏ। ଓଡ଼ିଶାରେ ଖାପ ପଞ୍ଚାୟତର ପ୍ରଚଳନ ନ ଥିଲେ ମଧ୍ୟ ଗ୍ରାମସଭା ଓ ପଞ୍ଚାୟତ ମାଧ୍ୟମରେ ଏପରି କରାଯାଏ। ଏପରି ନିଷ୍ପତ୍ତିର ଆବଶ୍ୟକତା ଅନୁଭୂତ ହେଲେ ଡିଏସ୍‌ପି ପାହ୍ୟାର ଜଣେ ପୋଲିସ ଅଧିକାରୀଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରାଯିବା ଜରୁରୀ। ଭାରତୀୟ ପିଙ୍ଗଳ କୋଡର ଧାରା ୧୪୪ ଅନୁସାରେ ସମ୍ପୃକ୍ତ ପୋଲିସ ଅଧିକାରୀ ଉକ୍ତ ନିଷ୍ପତ୍ତିନାମାର ଏକ କପି ଜିଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିବେ। ଫାଷ୍ଟଟ୍ରାକ୍ କୋର୍ଟରେ ଉକ୍ତ କେସ୍‌ର ବିଚାର କରାଯାଇ ୬ ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ ହୋଇ ଦୋଷୀକୁ ସମୁଚିତ ଦଣ୍ଡ ଦିଆଯିବ । ନିଷ୍ପତ୍ତି ଆନ୍ତଃଜାତି ବିବାହ ସପକ୍ଷରେ ଯିବା ଦରକାର। କୌଣସି ନବଦମ୍ପତି ଗ୍ରାମବାସୀ କିମ୍ବା ପରିବାର ପକ୍ଷରୁ ବିପଦ ଆଶଙ୍କା କରୁଥିଲେ ସେମାନଙ୍କୁ ସରକାରଙ୍କ ତରଫରୁ ସାଧାରଣ ଭଡାରେ ମାସକ ପାଇଁ ଘର ଯୋଗାଇ ଦିଆଯିବ। ଦମ୍ପତିଙ୍କୁ ଧମକ ମିଳିଲେ ଡିଏସ୍‌ପି ନିଜଆଡୁ ଏଫ୍‌ଆଇଆର୍ ରୁଜୁ କରିପାରିବେ। ସରକାରୀ ଘୋଷଣା ଅନୁସାରେ ୨୪ ଘଣ୍ଟିଆ ହେଲ୍‌ପଲାଇନ ସହ ପ୍ରତି ଜିଲାରେ ଏକ ସ୍ୱତନ୍ତ୍ର ସେଲ୍ ଖୋଲାଯାଇ ଆନ୍ତଃଜାତି ବିବାହ ସଂକ୍ରାନ୍ତ କୌଣସି ଅଘଟଣକୁ ଦୂର କରାଯିବ।

ଓଡ଼ିଶାର ଆଇନମନ୍ତ୍ରୀଙ୍କ ମତରେ, ଘରୋଇ ହିଂସା କେବଳ ପୀଡ଼ିତାଙ୍କୁ କଷ୍ଟ ଦିଏ ନାହିଁ, ବରଂ ଏହା ପରିବାର ଓ ସମାଜ ଉପରେ ଏକ ନକାରାତ୍ମକ ପ୍ରଭାବ ପକାଇଥାଏ। ମହିଳାମାନଙ୍କୁ ଘରୋଇ ହିଂସାରୁ ରକ୍ଷାକରିବା ପାଇଁ ୨୦୦୫ରେ ପ୍ରଣୀତ ଆଇନକୁ କଡ଼ାକଡ଼ି ପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ମଧ୍ୟ ଦୃଢ଼ୋକ୍ତି କରିଛନ୍ତି ଯେ, ତାଙ୍କ ବିଭାଗ ପାରିବାରିକ ହିଂସା ରୋକିବା ଓ ଆବଶ୍ୟକ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବ। ସରକାର ଘରୋଇ ହିଂସାକୁ ପ୍ରତିହତ କରିବା ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିବାକୁ ଚିନ୍ତା କରୁଛନ୍ତି।

କ୍ରମେ ଘରୋଇ ହିଂସାକାଣ୍ଡ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି। ଏକ ଆକଳନ ଅନୁସାରେ ଓଡ଼ିଶାର ୩୫.୨ ପ୍ରତିଶତ ମହିଳା ବିଭିନ୍ନ କାରଣରୁ ଘରୋଇ ହିଂସାର ଶିକାର ହେଉଛନ୍ତି। ଗତ ୩ ବର୍ଷରେ ଓଡ଼ିଶାରେ ୨୮୮ଟି ଅନରକିଲିଂ ଘଟିଛି। ନିକଟରେ ୨୨ ମେ ୨୦୧୮ରେ କଟକ ଜିଲା ନିଆଳିରେ ଘଟିଥିବା ଅନରକିଲିଂ ସବୁଠାରୁ ହୃଦୟବିଦାରକ। ପରିବାରର ସମ୍ମାନ ହାନି ଘଟାଇଥିବା ଅଭିଯୋଗରେ ବାପା, ଭାଇଙ୍କ ଦ୍ୱାରା ଏହି ନାରକୀୟ କାଣ୍ଡ ରଚିତ ହୋଇଥିଲା। ଦୁଇବର୍ଷ ତଳେ ଜଗତ୍‌ସିଂହପୁର ଜିଲା ଧଳତଙ୍ଗଗଡ଼ ଜଙ୍ଗଲରୁ ଏକ ଝିଅର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା, ଯାହାକୁ ଅନରକିଲିଂ ବୋଲି ବିଶ୍ୱାସ କରାଯାଇଥିଲା।

ଆଜିର ମଣିଷ ବିବେକରହିତ। ମାନ, ସମ୍ମାନ, ସ୍ୱାର୍ଥପରତା, କ୍ରୂରତା ଓ ସର୍ବୋପରି ଅର୍ଥପିପାସା ମଣିଷକୁ ଅନ୍ଧ କରିଦେଇଛି। ପିଲାମାନଙ୍କୁ ସ୍ୱେଚ୍ଛାଚାରୀ ହେବାର ସମସ୍ତ ସୁବିଧା ସୁଯୋଗ ଆମେ ଯୋଗାଇ ଦେଉଛୁ। ଫଳସ୍ୱରୂପ ବଡ଼ ହେବା ପରେ ସେମାନେ ଅବାଟକୁ ଚାଲିଯାଉଛନ୍ତି। ତେଣୁ ସେମାନେ ନିଜ ଇଚ୍ଛାରେ ଜୀବନସାଥୀ ଚୟନ କରିବାରେ ଆମ୍ଭମାନଙ୍କର ପରୋକ୍ଷ ସହଯୋଗ ରହିଛି। ଅଭିଭାବକଙ୍କ କୋହଳ କଟକଣାର ସୁଯୋଗ ନେଇ ଝିଅପୁଅମାନେ ପ୍ରାକ୍ ବୈବାହିକ ସମ୍ପର୍କ ସ୍ଥାପନରେ ସଫଳ ହେଉଛନ୍ତି। ନେଡିଗୁଡ କହୁଣିକୁ ବହିଗଲା ପରେ ଅରଣ୍ୟରୋଦନର କିଛି ମାନେ ନାହିଁ। ଏ ସମୟରେ ପିଲାଙ୍କ ବିପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ ବିପଜ୍ଜନକ ହୋଇଥାଏ। ଅନେକ ମାତାପିତାଙ୍କର ବିଶ୍ୱାସ ଯେ ତାଙ୍କ କନ୍ୟାକୁ ଗୁଣି କରାଯାଇଛି, ଯଦ୍ଦ୍ୱାରା ସେ ମା'ବାପାଙ୍କ ସ୍ନେହକୁ ପାଦରେ ଆଡେଇ ପରପୁଅକୁ ଆପଣାର କରିନେଉଛି। ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ଅବିଶ୍ୱସନୀୟ। କାରଣ ଅନ୍ଧପ୍ରେମ ସବୁକିଛି ଅନ୍ଧକାର କରିଦିଏ। କେହି ଯଦି ତାଙ୍କ ପୁତ୍ର ବା କନ୍ୟାଙ୍କ ପ୍ରେମବିବାହକୁ ଗ୍ରହଣ କରୁ ନ ଥାନ୍ତି, ତେବେ ତାଙ୍କ ସହ ସମ୍ପର୍କ ଛିନ୍ନ କରିଦେବା ବରଂ ସମୀଚୀନ ହୋଇପାରେ, ମାତ୍ର ତାଙ୍କୁ ଜୀବନରୁ ମାରିଦେବା ଅପରାଧ ଓ ଅଧର୍ମ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦


# ଆଦର୍ଶ, ଦେଶ ଓ ଦେଶାତ୍ମବୋଧ

ନୃସିଂହ ପ୍ରସାଦ ତ୍ରିପାଠୀ

ଗୋଟିଏ ଦେଶର ସର୍ବାଙ୍ଗୀଣ ଉନ୍ନତି ପାଇଁ ତା'ର ନାଗରିକଙ୍କର ଦେଶ ପ୍ରତି ପ୍ରତିବଦ୍ଧତା ଜରୁରୀ। ଏହାର ଲୋକପ୍ରିୟ ନାମ ହେଉଛି ଦେଶାତ୍ମବୋଧ। ଗଣତନ୍ତ୍ର ଶାସନ ପଦ୍ଧତିରେ ଯେଉଁ ରାଜନୈତିକ ଦଳ କ୍ଷମତାକୁ ଆସନ୍ତି, ସେମାନେ ସବୁବେଳେ ଜାହିର କରିବାକୁ ଚାହାନ୍ତି ଯେ, ସେମାନଙ୍କର ଦେଶଭକ୍ତି ଅତି ଉଚ୍ଚ ଧରଣର ଏବଂ ସେମାନେ ହିଁ ଦେଶକୁ ପ୍ରଗତି ପଥରେ ଚଳାଇନେବେ। ସ୍ୱାଧୀନତା ପ୍ରାପ୍ତିର ସତୁରି ବର୍ଷରୁ ବେଶି ହେଲାଣି। କୋଠାବାଡ଼ି, ରାସ୍ତାଘାଟ, ଶିଳ୍ପ ଓ କୃଷିରେ କିଛି ପ୍ରଗତି ହୋଇଛି ନିଶ୍ଚୟ, କିନ୍ତୁ ହିଂସା, ଦ୍ୱେଷ, ପରଶ୍ରୀକାତରତା, ସାମ୍ପ୍ରଦାୟିକ ଦଙ୍ଗା, ହତ୍ୟା ବଢ଼ିବାରେ ଲାଗିଛି। ଭାରତର ନବେ ପ୍ରତିଶତ ଜାତୀୟ ଧନ ଦଶ ପ୍ରତିଶତ ଲୋକଙ୍କ ହାତରେ। ଗରିବ ଲୋକ ଆହୁରି ଗରିବ, କିନ୍ତୁ କେତେକ ଭାରତୀୟଙ୍କ ବିଦେଶୀ ବ୍ୟାଙ୍କରେ ଲୁଚାଚୋରା ସଞ୍ଚିତ ଧନ ବଢ଼ିବାରେ ଲାଗିଛି। ଗୋଟିଏ ସର୍ଭେରୁ ଜଣାଯାଇଛି ଯେ, ସୁବିଧା ପାଇଲେ ଭାରତର ପଞ୍ଚସ୍ତରି ପ୍ରତିଶତ ଲୋକ ଦେଶଛାଡ଼ି ଅନ୍ୟ ଦେଶକୁ ପଳାଇବେ। ଏଇ ଅବସ୍ଥାରେ ଆମେ ସ୍ଲୋଗାନ ଦେଇ ଚାଲିଛେ– ମେରା ଭାରତ ମହାନ୍। କାହିଁକି ଆମେ ସ୍ୱାଧୀନତା ପାଇସାରି ମଧ୍ୟ ହାରିଗଲେ– ଦେଶାତ୍ମବୋଧରେ, ଦେଶଭକ୍ତିରେ ଦେଶ ପାଇଁ ତ୍ୟାଗ କରିବାର ମାନସିକତାରେ ?

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର (୧୮୮୮–୧୯୬୯) ଏ ବାବଦରେ କ'ଣ କହିଛନ୍ତି ତା'ର ସଂକ୍ଷିପ୍ତ ସୂଚନା ଦେବା ଏହି ଲେଖାର ଉଦ୍ଦେଶ୍ୟ। ସେ କହିଲେ, ଯେଉଁ ବ୍ୟକ୍ତିବିଶେଷ ସମ୍ପୂର୍ଣ୍ଣ ଭାବରେ ସାମ୍ୟ ଭାବାପନ୍ନ ତାଙ୍କୁ ଆମେ ମାନୁ ଆଦର୍ଶ। ତାଙ୍କର ସହଜ ସୁସମ୍ପନ୍ନ, ଚୌକସ ଦୃଷ୍ଟି ଓ ବୋଧ ଥାଏ (ଯେମିତି ଥିଲା ଯିଶୁଖ୍ରୀଷ୍ଟଙ୍କର, ମହମ୍ମଦଙ୍କର, ଗୌତମ ବୁଦ୍ଧଙ୍କର, ରାମକୃଷ୍ଣ ପରମହଂସଙ୍କର)। ଆମେ ସେମାନଙ୍କୁ ଅନୁସରଣ କଲେ ଏକ ନିର୍ବିଶେଷ ବିଶେଷତ୍ୱର ଅଭିମୁଖେ ଅଗ୍ରସର ହେଉ ; ତେଣୁ ଶ୍ରୀଶ୍ରୀଠାକୁର ଇଂଲିଶର ସେଇ ବାଣୀ– Country first, then religionକୁ ସାମାନ୍ୟ ବଦଳାଇ କହିଲେ– ପ୍ରଥମେ ଆଦର୍ଶ, ତା' ପରେ ଦେଶ। ତାହାଙ୍କୁ ଅନୁସରଣ କରିବା ଦ୍ୱାରା ଆତ୍ମିକ ସଂବେଗ ବା ଆତ୍ମବୋଧ ବିସ୍ତାରିତ ହେବାରୁ ଦେଶର ସାମୂହିକ ହିତ ହୁଏ। ତାହା ପ୍ରକୃତ ଦେଶାତ୍ମବୋଧ। (ଦୀପରକ୍ଷୀ)

ରାଷ୍ଟ୍ରୀୟ ସ୍ୱାଧୀନତା କିପରି ଶୀଘ୍ର ଶୀଘ୍ର ମିଳିଯିବ, ସେ ବାବଦରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ଆଲୋଚନା ବେଳେ ଶ୍ରୀଶ୍ରୀଠାକୁର କହିଲେ– ସ୍ୱାଧୀନତା ମିଳେ ନାହିଁ, ଦେଶ ବା ଜାତି ସ୍ୱାଧୀନ ହୁଏ। ଆମର ଚରିତ୍ର ଆମକୁ ପରାଧୀନ କରିରଖିଛି। ଆଜି ମଧ୍ୟ ଆମେ ହିଂସା, ଦଳାଦଳି ନେଇ ମାତିଛୁ, ପାରସ୍ପରିକ ପ୍ରୀତି ଓ ଦରଦ ଏବେ ମଧ୍ୟ ଫୁଟି ଉଠିନାହିଁ। ଆମେ ଯଦି ଏହି ଚରିତ୍ରକୁ ନ ବଦଳାଉ, ତେବେ ଇଂରେଜ ଚାଲିଗଲେ ମଧ୍ୟ ବର୍ତ୍ତମାନ ଯେଉଁ ସମସ୍ୟା ଅଛି, ସେ ସମସ୍ୟା ତ ରହିଯିବ, ବରଂ ସେତେବେଳେ ଆହୁରି ଗହନ ହୋଇଉଠିବ। ଈର୍ଷା, ଦ୍ୱେଷ, ସାମ୍ପ୍ରଦାୟିକତା, ଅନୈକ୍ୟ, ଅସଂହତି, ଅସାମର୍ଥ୍ୟ, ଅସାଧୁତା ଓ ସ୍ୱାର୍ଥାନ୍ଧତା ପରପ୍ରଦତ୍ତ କ୍ଷମତାବଳରେ ବଳୀୟାନ ହୋଇ ଦେଶ ବକ୍ଷରେ ପ୍ରେତିନୀର ନୃତ୍ୟ ଆରମ୍ଭ କରିଦେବ। (ଆ.ପ୍ର.–୪।୧୨।୪୧) ଏବେ ଆମେ ସେ ଅବସ୍ଥା ଆଡକୁ ଦ୍ରୁତଗତିରେ ଯାଉନାହେଁ କି ?



ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ଉପଲକ୍ଷେ

୧୯୨୪ ମସିହାରେ ତାଙ୍କର ଅନ୍ୟତମ ଭକ୍ତ–ଶିଷ୍ୟ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ନିର୍ଦ୍ଦେଶ ଦେଲେ: ଆପଣମାନେ ଦେଶ ସେବାରେ ଲାଗିଯାନ୍ତୁ। ଆଉ ଆପଣମାନଙ୍କର ସେବା, ଇଂରେଜମାନଙ୍କର ସେବା ଅପେକ୍ଷା ବେଶି ବୋଲି ଯଦି ଦେଶବାସୀ ଅନୁଭବ କରିବେ, ସେତେବେଳେ ସ୍ୱରାଜ, ସ୍ୱରାଜ ବୋଲି ଚିତ୍କାର ନ କଲେ ମଧ୍ୟ ସ୍ୱରାଜ ଆପଣାଛାଏଁ ଆସିବ। ଦେଶବନ୍ଧୁ ଶ୍ରୀଶ୍ରୀଠାକୁରଙ୍କ କଥାରେ ବେଶ୍ ପ୍ରଭାବିତ ହୋଇଥିଲେ କିନ୍ତୁ ୧୯୨୫ ମସିହାରେ ତାଙ୍କର ଦେହାନ୍ତ ହେଲା। ନେତାଜୀ ସୁଭାଷଚନ୍ଦ୍ରଙ୍କ ପିତାମାତା ଶ୍ରୀଶ୍ରୀଠାକୁରଙ୍କର ଶିଷ୍ୟ ଥିଲେ, ସେମାନେ ସୁଭାଷଙ୍କୁ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ପଠାଇଥିଲେ ଦେଶ ପାଇଁ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ । ଶ୍ରୀଶ୍ରୀଠାକୁର ତାଙ୍କୁ କହିଥିଲେ– ଦେଶର ପ୍ରକୃତ ସେବା କରିବାକୁ ହେଲେ ମଣିଷ ତିଆରି ପ୍ରୋଗ୍ରାମ୍ ନେବାକୁ ପଡିବ। ଭଲ ମଣିଷ ପାଇବାକୁ ହେଲେ ବିବାହ ସଂସ୍କାରର ଆଶୁ ପ୍ରୟୋଜନ। ସୁଭାଷ କହିଲେ ଯେ ଶିକ୍ଷା ସଂସ୍କାର ଉପରେ ସ୍ୱାମୀ ବିବେକାନନ୍ଦ ଜୋର ଦେଇଛନ୍ତି। ବିବାହ ସଂସ୍କାର, ଶିକ୍ଷା ସଂସ୍କାର ଏସବୁ ଅତି ସମୟସାପେକ୍ଷ, ସେତେ ପର୍ଯ୍ୟନ୍ତ କ'ଣ ଅପେକ୍ଷା କରିହେବ ?

ସ୍ୱାଧୀନତା ପ୍ରାପ୍ତି ପରେ ଶ୍ରୀଶ୍ରୀଠାକୁର କହିଲେ– ଆମେ ସ୍ୱାଧୀନତା ପାଇବା ଲାଗି ଦେଶର ମୂଳ ସମ୍ପଦକୁ ବରବାଦ୍ କରିଦେଇଛୁ। ସ୍ୱରାଜ ଲାଭ କରି ତା'ର ନିରାକରଣ କରିବୁ ନା ସେହି ସ୍ରୋତରେ ଦେଶକୁ ଭସାଇଦେବୁ? ଆଜିକାଲି ଆନ୍ଦୋଳନ ସବୁ ବିଦ୍ୱେଷ, ଅଶ୍ରଦ୍ଧା, ସାମ୍ପ୍ରଦାୟିକତା ଓ ହୀନମନ୍ୟତାକୁ ଯେତେ ପୁଷ୍ଟ କରୁଛି, ଶ୍ରଦ୍ଧା ଓ ପାରସ୍ପରିକତାକୁ ତା'ର ଚାରି ଅଂଶରୁ ଏକ ଅଂଶ ପୁଷ୍ଟ କରୁ ନାହିଁ। ଏପରି ଯଦି ଚାଲେ ତେବେ ଶିକ୍ଷାକ୍ଷେତ୍ରରେ, କର୍ମକ୍ଷେତ୍ରରେ, ପରିବାରରେ ଘୋର ବିଶୃଙ୍ଖଳା ଦେଖାଦେବ।

୧୯୫୯–୬୦ରେ ଶ୍ରୀଶ୍ରୀଠାକୁରଙ୍କ ଜଣେ ଆମେରିକୀୟ ଶିଷ୍ୟ– ରେ ଆର୍ଚର ହାଉଜରମ୍ୟାନ୍ ଗୁରୁଙ୍କ ଜୀବନଦର୍ଶନକୁ ନେଇ ଏକ ପୁସ୍ତକର ପାଣ୍ଡୁଲିପି (Ocean in a Tea cup) ବିଖ୍ୟାତ ପ୍ରକାଶନ ସଂସ୍ଥା ହାର୍ପର ବ୍ରଦର୍ସଙ୍କୁ ଦେଇଥିଲେ। ପାଣ୍ଡୁଲିପିଟି ପ୍ରକାଶ ପାଇଁ ମନୋନୀତ ହେବା ସହ ସଂସ୍ଥାର ବିଶିଷ୍ଟ ଡାଇରେକ୍ଟର ଇଉଜନ୍ ଏକ୍ସମ୍ୟାନଙ୍କୁ ଭୀଷଣ ପ୍ରଭାବିତ କଲା। ସେ, ହାଉଜରମ୍ୟାନ୍‌ଙ୍କ ସାହାଯ୍ୟ ନେଇ ଭାରତ ଆସିଲେ ଓ ଶ୍ରୀଶ୍ରୀଠାକୁରଙ୍କ ସହ ତାଙ୍କ ଦେଓଘର ଆଶ୍ରମରେ ଗୋଟିଏ ସପ୍ତାହ ବିତାଇଲେ। ଦୀର୍ଘ ସମୟର ପ୍ରଶ୍ନୋତ୍ତରବେଳେ ଏକ୍ସମ୍ୟାନ କହିଥିଲେ– ଆମେ ଆମେରିକାରେ ଆତ୍ମନିୟନ୍ତ୍ରଣ ପୁସ୍ତକରୁ ଶିଖୁ କିନ୍ତୁ ଜଣେ ଆତ୍ମନିୟନ୍ତ୍ରିତ ମଣିଷର ଅନୁସରଣ ନ କଲେ ତାହା ଫଳପ୍ରସୂ ହେବ ନାହିଁ ବୋଲି ମୁଁ ଜାଣି ନ ଥିଲି। ଶ୍ରୀଶ୍ରୀଠାକୁର କହିଲେ– ଡିସିପ୍ଲିନ୍‌ଡ (disciplined) ହେବାକୁ ହେଲେ ଶିଷ୍ୟ (disciple) ହେବାକୁ ପଡ଼ିବ। ଯିଶୁଖ୍ରୀଷ୍ଟ ଥିଲେ ଲୋକଶିକ୍ଷକ। ତାଙ୍କ ପରି ଲୋକ ଶିକ୍ଷକଙ୍କୁ ଅନୁସରଣ କଲେ ଆତ୍ମନିୟନ୍ତ୍ରଣ ହେବ ଓ ସନ୍ତୁଳିତ ପ୍ରଗତି ସମ୍ଭବ ହେବ। ସେ ପୁଣି କହିଲେ– କେବଳ ଗୁଡାଏ ଅନୁଷ୍ଠାନ ଠିଆ କରିଦେଲେ ହେବ ନାହିଁ, ତାକୁ ଚଳାଇବା ଲୋକଙ୍କ ଆଚରଣ ଯଦି ଠିକ୍ ନ ହୁଏ, ତେବେ କୁଫଳ ମିଳିବ।

ଶ୍ରୀଶ୍ରୀଠାକୁରଙ୍କ କଥାକୁ କେହି ଗୁରୁତ୍ୱ ଦେଇନାହାନ୍ତି ଏବଂ ଆମେ ତା'ର ବିଷମ ଫଳ ଭୋଗୁଛେ। ତେଣୁ ଦୁଃଖ କରି ସେ କହିଥିଲେ: ମୁଁ ତ ମୂର୍ଖ ଲୋକ, ମୋ କଥା ଶୁଣିବ କିଏ ? କିନ୍ତୁ ଦାସୀର କଥା ବାସି ହେଲେ ବି କାମରେ ଲାଗିବ।

ଭୁବନେଶ୍ୱର, ମୋ: ୯୪୩୭୦୨୯୩୪୩

## ଏଇ ଭାରତରେ

ପେଟ୍ରୋଲକୁ ତରଳ ସୁନା କହିବାର ଯଥାର୍ଥତା ବର୍ତ୍ତମାନ ଉପଲବ୍ଧି କରିହେଉଛି। କାରଣ ଏହାର ଲିଟର ପ୍ରତି ଦର ୧୦୦ଟଙ୍କା ଛୁଇଁବାକୁ ଆଉ ବେଶି ଦିନ ବାକି ନାହିଁ। ଭାରତର କେତେକ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୮୫ ଟଙ୍କା ଛୁଇଁଛି। ଏହା ବାସ୍ତବରେ ମୋଟରଗାଡି ଚାଳକଙ୍କୁ ଖୁବ୍ ବାଧୁଛି। ଏହାର ମହାର୍ଘ ମୂଲ୍ୟ ଦୃଷ୍ଟିରୁ କେତେକେ ଏହାକୁ ନବଦମ୍ପତିଙ୍କୁ ଉପହାର ଦେବାକୁ ଉଚିତ ମଣୁଛନ୍ତି। ତାମିଲନାଡୁର କୁଡାଲୋରଠାରେ ନବଦମ୍ପତି କେ. ପ୍ରଭୁ ଏବଂ ପି. ଦିବ୍ୟାଙ୍କୁ ସେମାନଙ୍କ ଅଭ୍ୟର୍ଥନା ଉତ୍ସବରେ ୪ ଲିଟର ପେଟ୍ରୋଲ୍ ଥିବା ଏକ କ୍ୟାନ୍ ପ୍ରଦାନ କରାଯାଇଥିଲା। ଏହାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ପ୍ରଭୁ ହେଉଛନ୍ତି ଜଣେ ଅଟୋରିକ୍ସା ଚାଳକ। ଦୈନିକ ଅଟୋରିକ୍ସା ଚଳାଇ ସେ ଜୀବିକା ନିର୍ବାହ କରିଥାନ୍ତି। ପ୍ରଭୁଙ୍କର ପ୍ରାୟ ୨୦ଜଣ ସାଙ୍ଗସାଥୀ ଏକ ପ୍ଲାଷ୍ଟିକ୍ କ୍ୟାନ୍‌ରେ ୪ ଲିଟର ପେଟ୍ରୋଲ ଉପହାର ଦେବାବେଳେ ସମବେତ ଅତିଥି ଓ ଅଭ୍ୟାଗତ ଚକିତ ହୋଇଯାଇଥିଲେ। ତାଙ୍କ ଅଟୋରିକ୍ସା ପାଇଁ ଏହାକୁ ବ୍ୟବହାର କରିବେ କି ବୋଲି ପ୍ରଶ୍ନରେ ପ୍ରଭୁ କହିଥିଲେ, ଏହି ଉପହାରକୁ ସେ କିଛିଦିନ ସାଇତି ରଖିବେ। ତାଙ୍କ କହିବାନୁଯାୟୀ, ବର୍ତ୍ତମାନ ପେଟ୍ରୋଲ୍ ଦର ଆଶାତୀତଭାବେ ବୃଦ୍ଧି ପାଇଥିବାରୁ ତାଙ୍କୁ ବାଧିଲେ ବି ଗ୍ରାହକଙ୍କଠାରୁ ସେ ଅଧିକ ଭଡା ଆଦାୟ କରିପାରୁ ନାହାନ୍ତି। ତେଣୁ ପେଟ୍ରୋଲ ଜନିତ ବ୍ୟୟଭାରକୁ ଲାଘବ କରିବା ପାଇଁ ସାଙ୍ଗସାଥୀମାନେ ତାଙ୍କ ମନକଥା ବୁଝି ତାଙ୍କୁ ବିବାହ ଅବସରରେ ଏପରି ଉପହାର ପ୍ରଦାନ କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ।

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ !
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୯୩

- ଗଙ୍ଗାନଦୀରେ ପ୍ରଦୂଷଣ ରୋକିବା ପାଇଁ ଉତ୍ତରପ୍ରଦେଶରେ ଏହି ନଦୀ କୂଳରେ ଅବସ୍ଥିତ ୧୯୦ଟି ଶିଳ୍ପସଂସ୍ଥାକୁ ବନ୍ଦ କରିଦେବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ।
- ବୋସ୍‌ନିଆରେ ମୁସଲମାନ ଏବଂ ସର୍ବୀୟ ପକ୍ଷ ମଧ୍ୟରେ ଏକ ଶାନ୍ତିଚୁକ୍ତି ସ୍ୱାକ୍ଷରିତ।
- ମୋଜାମ୍ବିକରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୭୭ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ହିତାଧିକାରୀ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ

ମହାଶୟ,

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ପ୍ରାୟ ୭୦ଲକ୍ଷ ପରିବାର ଉପକୃତ ହେଉଛନ୍ତି। କିନ୍ତୁ ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଓ ଅନିୟମିତତା ହେତୁ ବହୁ ଅଯୋଗ୍ୟ ହିତାଧିକାରୀ ଏହାର ଫାଇଦା ଉଠାଇ ଚାଲିଛନ୍ତି। ଗାଇଡ୍‌ଲାଇନ୍ ପାଳନରେ ଗୁରୁତ୍ୱ ଦିଆଯାଇନାହିଁ। ଯାଞ୍ଚ ପ୍ରକ୍ରିୟା ମଧ୍ୟ ସୁଚାରୁରୂପେ କରାଯାଇନାହିଁ। ଏତଦ୍‌ବ୍ୟତୀତ ସମସ୍ତ ଏପିଏଲ୍ କାର୍ଡଧାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଖୋଲା ବଜାରରେ ଗହମ, କିରୋସିନ କିଣିବାକୁ ମିଳୁନାହିଁ। ରାଜ୍ୟର ସମସ୍ତ ପରିବାର ଖାଦ୍ୟ ସୁରକ୍ଷା ପାଇବା ଉଚିତ। ଏବେ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୨୫ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। କିନ୍ତୁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରାଯିବା ଆବଶ୍ୟକ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ସମୟସୀମା ଧାର୍ଯ୍ୟ ହେଉ

ବାରବର୍ଷରୁ କମ୍ ବୟସର ବାଳିକାଙ୍କୁ ବଳାତ୍କାର ନିମନ୍ତେ ଫାଶୀ ଦଣ୍ଡାଦେଶକୁ ଦେଶବ୍ୟାପୀ ସମର୍ଥନ ମିଳିଛି। ତତ୍‌ସହିତ ଅନ୍ୟାନ୍ୟ ବଳାତ୍କାର ମାମଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ। ନ୍ୟାୟପାଳିକା ଉପରେ ଭରସା ରଖିଥିବା ଅସଂଖ୍ୟ ଭାରତୀୟ ଏବେ ବି ସାଧାରଣ ଚେକ୍ ବାଉନ୍ସ ମାମଲାଟିଏର ସମାଧାନ ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରନ୍ତି। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହେଉ।

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସଞ୍ଜୀବ ଏନ୍‌ଟିପିସି ନୂତନ ଇଡି



ତାଳଚେର,୧୭।୯(ନି.ପ୍ର.)- କଣିହାଁ ସ୍ଥିତ ଏନ୍‌ଟିପିସିର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ସଞ୍ଜୀବ କିଶୋର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୋପାଳ ୟୁନିଭର୍ସିଟିରୁ ମେକାନିକାଲ ଇଞ୍ଜିନିୟରିଂ (ଗ୍ରାଜୁଏଟ) ପାସ କରିବା ପରେ ୧୯୮୪ରେ ସଞ୍ଜୀବ ଏନ୍‌ଟିପିସିରେ ଏକ୍‌ଜିକ୍ୟୁଟିଭ ଟ୍ରେନିଂ ଭାବେ ଯୋଗ ଦେଇଥିଲେ। ଉତ୍ତରପ୍ରଦେଶର ସିଙ୍ଗରୁଲି ପାୱାର ଷ୍ଟେଶନରୁ ସେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଦୀର୍ଘ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଏନ୍‌ଟିପିସିର ବିଭିନ୍ନ ଷ୍ଟେଶନରେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଆସିଛନ୍ତି। ଏଠାରେ ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ ବିଭିନ୍ନ ପଦାଧିକାରୀ, କର୍ମଚାରୀ, ୟୁନିୟନ ପ୍ରତିନିଧିମାନେ ଭେଟି ଶୁଭେଚ୍ଛା ଜଣାଇଥିଲେ।

### ସାପ କାମୁଡ଼ାରେ ବୃଦ୍ଧ ମୃତ

ଅନୁଗୋଳ ଅଫିସ, ୧୭।୯- ଅନୁଗୋଳ ଜିଲା କାଙ୍ଗୁଲା-ବେନ୍ତପୁର ପଞ୍ଚାୟତ ବାଦିବାହାଳ ଗ୍ରାମର କୁଶ ସାହୁ(୬୭)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଶନିବାର ରାତିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଚିକିତ୍ସା ନିମନ୍ତେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେଠାରୁ କୁଶଙ୍କୁ କଟକ ବଡ ମେଡିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି।

### ଜଳ ପ୍ରକଳ୍ପ ଭୂମି ପୂଜନ

ଅନୁଗୋଳ ଅଫିସ, ୧୭।୯- ଅନୁଗୋଳ ବଡ଼କନ୍ତକୁଳ ପଞ୍ଚାୟତ କଞ୍ଜା ଗ୍ରାମରେ ଏକ ବୃହତ୍ ପାନୀୟ ଜଳ ପ୍ରକଳ୍ପର ଭୂମି ପୂଜା ସ୍ଥାନୀୟ ବିଧାୟକ ରଜନୀକାନ୍ତ ସିଂଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୫୦ ହଜାର ଲିଟର ବିଶିଷ୍ଟ ଏହି ପ୍ରକଳ୍ପ ପାଇଁ ୧ କୋଟି ୮୬ ହଜାର ଟଙ୍କା ଖର୍ଚ୍ଚ ହେବ। ଏହି ଅବସରରେ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମ କୋଠାଘରେ ଏକ ସଭା ଆୟୋଜନ କରାଯାଇଥିଲା। ଜିଲାପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗୀରଥି ମାଝି, ବ୍ଲକ ଯୁବ ସଭାପତି ସରୋଜ ନାରାୟଣ ସାହୁ, ଯୁବ ବାହିନୀ ସଦସ୍ୟ ଓ ଶତାଧିକ ମହିଳା ଉପସ୍ଥିତ ଥିଲେ। ନିର୍ମାଣ ହେବାକୁ ଯାଉଥିବା ପାନୀୟ ଜଳ ପ୍ରକଳ୍ପରୁ କିପରି ସମସ୍ତେ ସୁବିଧା ପାଇପାରିବେ ସେ ନେଇ ବିଧାୟକ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।

### ୬ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ

ଅନୁଗୋଳ ଅଫିସ, ୧୭।୯- ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା ଯୋଗ ଦେଇଥିଲେ। ଶିବିରରେ ଦାଖଲ ହୋଇଥିବା ସମୁଦାୟ ୧୧୩ଟି ଅଭିଯୋଗରୁ ୧୦୮ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲା ରେଡକ୍ରସ ପାଣ୍ଠିରୁ ୬ ଜଣଙ୍କୁ ୧୮ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ନିମନ୍ତେ ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକା, ଇସାନି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ମଦ ବିରୋଧୀ ମହିଳା ଅଟକ

ବଁଅରପାଳ,୧୭।୯(ଡି.ଏନ.ଏ.)- ନାଲ୍‌କୋ ଥାନା ଗିରାଙ୍ଗ ଛକଠାରେ ଥିବା ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ଆନ୍ଦୋଳନ କରୁଥିବା ୭ ଜଣଙ୍କୁ ପୋଲିସ ସୋମବାର ଅଟକ ରଖିଛି। ମହିଳାମାନେ ଦୀର୍ଘ ୪ ମାସ ହେଲା ଏହି ମଦ ବିରୋଧୀ ଆନ୍ଦୋଳନ ଚଳାଇଛନ୍ତି। ସୋମବାର ହଠାତ୍ ପୋଲିସ ଧାରଣାସ୍ଥଳରେ ଚଢ଼ାଉ କରିବା ସହ ଧାରଣା ଦେଇଥିବା ୫ ମହିଳା ଓ ୨ ଜଣ ପୁରୁଷଙ୍କୁ ପୋଲିସ ଉଠାଇନେଇଥିଲା। ତେବେ ପୋଲିସର ଏପରି କାର୍ଯ୍ୟକୁ ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପୋଲିସ କହିଛି।

■ନିର୍ଦ୍ଦୟ ବାପା ମାଡ଼ରେ ଝିଅ ସଙ୍କଟାପନ୍ନ ଘଟଣା

# ସହାୟତା ଦେଇ କଟକ ପଠାଇଲା ପ୍ରଶାସନ

ଅନୁଗୋଳ ଅଫିସ, ୧୭।୯



■ରେଡକ୍ରସ ପାଣ୍ଠିରୁ ଦିଆଗଲା ୫ ହଜାର

■ଆବଶ୍ୟକ ପଡ଼ିଲେ ଅଧିକ ଖର୍ଚ୍ଚ ଦିଆଯିବ

■କଟକ କର୍ତ୍ତୃପକ୍ଷଙ୍କ ସହ ଯୋଗଯୋଗ ରଖିବ ପ୍ରଶାସନ

ନିର୍ଦ୍ଦୟ ବାପାର ମାଡ଼ରେ ସଙ୍କଟାପନ୍ନ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ତାଳଚେର ସିରିଗିଡା ଅଞ୍ଚଳର ସୋନାଲି ସାମଲ (୭)ଙ୍କୁ ସହାୟ ହୋଇଛି ପ୍ରଶାସନ। ସୋମବାର ଜିଲା ପ୍ରଶାସନ ପକ୍ଷରୁ ସୋନାଲିଙ୍କ ଅଧିକ ଚିକିତ୍ସା ପାଇଁ ତାଙ୍କ ମା' ସୁଜାତାଙ୍କୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବା ସହ ଆମ୍ବୁଲାନ୍ସରେ କଟକ ପଠାଇ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ଅର୍ଥ ସାହାଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି।

ପ୍ରକାଶ ଯେ, ସୋନାଲିଙ୍କୁ ତାଙ୍କ ବାପା ସୁଶାନ୍ତ ମାଡ଼ ମାରି ଗୁରୁତର କରିଥିଲେ। ତାଙ୍କୁ ପ୍ରଥମେ ତାଳଚେର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବରପାଇ ମାମୁଘରେ ରହୁଥିବା ମା' ସୁଜାତା ସେଠାରେ ପହଞ୍ଚି ସଙ୍କଟାପନ୍ନ ଅବସ୍ଥାରେ ସୋନାଲିକୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇ ଆସିଥିଲେ। ହେଲେ ଡାକ୍ତର ତୁରନ୍ତ କଟକ ନେଇଯିବାକୁ ପରାମର୍ଶ ଦେବା ପରେ ଅସହାୟ ହୋଇପଡ଼ିଥିଲେ ସୁଜାତା। ପାଖରେ ଅର୍ଥ ନ ଥିବାରୁ ସେ ଝିଅକୁ ଜଗି ବସିବା ବ୍ୟତୀତ କିଛି କରିପାରି ନ ଥିଲେ। ଏ ନେଇ ସୋମବାର 'ଧରିତ୍ରୀ'ରେ 'ନିର୍ଦ୍ଦୟ ବାପା ମାଡ଼ରେ ଝିଅ ସଙ୍କଟାପନ୍ନ, ମେଡିକାଲରେ ଜଗି ବସିଛି ମା'' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ସହାୟତା ନିମନ୍ତେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ଜିଲାପାଳ ଅନିଲ କୁମାର ସାମଲ ସୋନାଲିର ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ଜିଲା ରେଡକ୍ରସ ସଚିବ ବଇତୁରା ଦୀପଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ଡେପୁଟି କଲେକ୍ଟର ବଇତୁରା ଦିପ ମେଡିକାଲକୁ ଯାଇ ସହାୟତା ଦେବାକୁ ଖୋଜାଖୋଜି କରିଥିଲେ ବି ସୋନାଲି କିମ୍ବା ତାଙ୍କ ମା'ଙ୍କୁ ପାଇ ନ ଥିଲେ। ଟଙ୍କା ଯୋଗାଡ଼ କରିବାକୁ ସୁଜାତା ଝିଅକୁ ଧରି ଗଡ଼ସନ୍ତ୍ରୀସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ପରେ ସମ୍ପୃକ୍ତ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହାପରେ ଆହତ ଝିଅକୁ ଧରି ମା ଓ ସମ୍ପର୍କୀୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରି ସୋନାଲିକୁ କଟକ ସ୍ଥାନାନ୍ତର କରାଯାଇଥିଲା। ଅଧିକ ଖର୍ଚ୍ଚର ଆବଶ୍ୟକତା ଥିଲେ ତାହା ପ୍ରଦାନ କରାଯିବ ଓ କଟକ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଜିଲା ପ୍ରଶାସନର ଅଧିକାରୀମାନେ ଆଲୋଚନା କରିବେ ବୋଲି ଉଭୟ ଅଧିକାରୀ ସୁଜାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଡ୍ରେନ୍‌ରେ ଫଶିଥିବା ଠିକା ଶ୍ରମିକ ଉଦ୍ଧାର

ତାଳଚେର,୧୭।୯(ନି.ପ୍ର.)



ଡ୍ରେନ ମଧ୍ୟରେ ଫଶି ରହିଥିବା ଠିକା ଶ୍ରମିକ।

ଏମ୍‌ସିଏଲ୍ ଲିଙ୍ଗରାଜ କୋଇଲା ଖଣି ଟାଇମ୍ ଅଫିସ ନିକଟରେ ସୋମବାର ଜଣେ ଠିକା ଶ୍ରମିକ ବିକ୍ରମ ନାୟକ କୋଇଲା କାଦୁଅ ଭର୍ତ୍ତି ଡ୍ରେନରେ ଫସି ଯାଇଥିଲେ। ଦୀର୍ଘ ସମୟ ପରେ ତାଙ୍କୁ ଉଦ୍ଧାର କରାଯିବାରୁ ଏହାକୁ ନେଇ ଠିକାଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ବିକ୍ରମ ଲିଙ୍ଗରାଜ ଖଣିର ଫାୟାର ଫାଇଟିଂ (ନିଆଁ ଲିଭାଇବା) ବିଭାଗରେ କାର୍ଯ୍ୟ କରନ୍ତି। ସକାଳେ ସେ ଚା ପିଇବାକୁ ଯିବା ବେଳେ ଟାଇମ୍ ଅଫିସ ନିକଟ ରାସ୍ତାରେ ହଠାତ ଡ୍ରେନ୍ ଭିତରେ ପୋତିହୋଇ ଯାଇଥିଲେ। ତାଙ୍କର ୨ ଗୋଡ଼ ମାଟି ଭିତରକୁ ସମ୍ପୂର୍ଣ୍ଣ ପଶିଯାଇଥିଲା। ଯେତେ ଚେଷ୍ଟା କଲେ ମଧ୍ୟ ସେ ସେଠାରୁ ବାହାରି ପାରି ନ ଥିଲେ। ତାଙ୍କ ପାଟି ଶୁଣି ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରି ନ ଥିଲେ। ଖବରପାଇ ଉଦ୍ଧାରକାରୀ ଟିମ୍ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଟାଇମ୍ ଅଫିସ ରାସ୍ତା ନିକଟରେ ଥିବା ଏକ ଡ୍ରେନ୍ ଆବର୍ଜନା ଦ୍ୱାରା ପୋତିହୋଇ ରାସ୍ତା ସହିତ ମିଶିଯାଇଥିବାରୁ ସେହି ବାଟ ଦେଇ ଯିବା ବେଳେ ବିକ୍ରମ ଜାଣି ନ ପାରି ଡ୍ରେନରେ ପଶିଯାଇଥିଲେ।

### ପେଜ ପଡ଼ି ଶିଶୁ ଗୁରୁତର

ଛେଣ୍ଡିପଦା,୧୭।୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବସନ୍ତପୁର ଗ୍ରାମର ଗନ୍ଧର୍ବ ନାଏକଙ୍କ ପୁଅ ସୁବ୍ରତ ନାଏକ(୩)ଙ୍କ ହାତରେ ସୋମବାର ଗରମ ପେଜ ପଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ସନ୍ଧ୍ୟାରେ ତାଙ୍କ ମା' ଭାତ କରୁଥିବାବେଳେ ହାଣ୍ଡିକୁ ଚୁଲି ଉପରୁ ସୁବ୍ରତ ଟାଣି ଦେଇଥିଲେ। ଫଳରେ ପେଜ ପଡି ସୁବ୍ରତ ଗୁରୁତର ହୋଇଥିଲେ। ପରିବାରଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଟ୍ରକ ଧକ୍କାରେ ଯୁବକ ଗୁରୁତର

ପବିତ୍ରନଗର,୧୭।୯(ଡି.ଏନ.ଏ.)

ସମଲ ଥାନା ସମଲ ଗ୍ରାମରେ ସୋମବାର ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଅସିତ ସାହୁ(୨୯)। ଗୁରୁତର ହୋଇଛନ୍ତି। ଅସିତ୍ ବାଇକରେ ଯାଉଥିବାବେଳେ ତାଳଚେରରୁ କୋଇଲା ବୋଝେଇ କରି ପାଲଲହଡ଼ା ଅଭିମୁଖେ ଆସୁଥିବା ଟ୍ରକ(ନଂ. ଓଆର୦୯ଜେ୪୩୪୫) ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

■ବସ୍ତି ଉଚ୍ଛେଦକୁ ବିରୋଧ

## ଜିଲାପାଳଙ୍କୁ ଗୁହାରି କଲେ ସାହି ବାସିନ୍ଦା

ଅନୁଗୋଳ ଅଫିସ, ୧୭।୯

ନିଶା ଶିଳ୍ପାଞ୍ଚଳ ଥାନା ଭୁବନପୁର ମୁଣ୍ଡାସାହିରେ ରହୁଥିବା ୩୨ ଆଦିବାସୀ ପରିବାରକୁ ଗ୍ରାମ ଛାଡ଼ି ଚାଲିଯିବାକୁ ଭୁବନପୁରର କେତେଜଣ ଲୋକ ଧମକ ଦେଉଥିବା ନେଇ ବସ୍ତିବାସିନ୍ଦା ସୋମବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଡେରଜାଙ୍ଗ ଡ୍ୟାମ୍ ନିର୍ମାଣ ସମୟରୁ କାମ ଅନ୍ୱେଷଣରେ ଆସି ଭୁବନପୁର ମୁଣ୍ଡାସାହି ଠାରେ ବସବାସ କରୁଛନ୍ତି। ୩୫ ବର୍ଷ ଧରି ସେମାନେ ବିଭିନ୍ନ ସ୍ଥାନରେ ମୁଲ ମଜୁରୀ କରି ପରିବାର ପୋଷଣ କରୁଛନ୍ତି। ସେମାନଙ୍କ ପାଇଁ ରାସ୍ତା, ଆଲୋକ ଓ ପିଇବା ପାଣିର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ତଥାପି ଭାଗ୍ୟକୁ ଆଦରି ପଡ଼ିରହିଥିବା ବେଳେ ସେମାନଙ୍କୁ ଗ୍ରାମରୁ ବାହାରି ଯିବାକୁ ଧମକ ମିଳୁଛି। ଅଭିଯୋଗ ପାଇ ଜିଲାପାଳ ଛେଣ୍ଡିପଦା ତହସିଲଦାରଙ୍କୁ ଭେଟି ଆଲୋଚନା କରିବା ପାଇଁ ସାହିବାସିନ୍ଦାଙ୍କୁ ପରାମର୍ଶ ଦେଇଥିଲେ।

## ଜେଏସ୍‌ପିଏଲ୍‌ରେ ବିଶ୍ୱକର୍ମା ପୂଜା



ବିଶ୍ୱକର୍ମା ପୂଜା ଅବସରରେ ଜେଏସ୍‌ପିଏଲ୍ ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

ଅନୁଗୋଳ ଅଫିସ, ୧୭।୯

ଅନୁଗୋଳ ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ତାଙ୍କ ପୁତ୍ର ଭେଙ୍କଟେଶ ଜିନ୍ଦଲଙ୍କ ଉପସ୍ଥିତିରେ ପ୍ଲାଣ୍ଟ ପରିସରରେ ସୋମବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଏହି ସମାରୋହରେ ହଜାର ହଜାର ସଂଖ୍ୟାରେ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦାନ କରିଥିଲେ। ଜେଏସ୍‌ପିଏଲ୍ ଅଧ୍ୟକ୍ଷ ଓ ପୁଅ ମଣ୍ଡପରେ ଆଳତୀ କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଜେଏସ୍‌ପିଏଲ୍ ଅନୁଗୋଳ ପ୍ରକଳ୍ପ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ଅତୁଲ୍ୟ ମିଶ୍ର, ଜିନ୍ଦଲ ମହିଳା ସମିତି ସଭାନେତ୍ରୀ ଅଞ୍ଜଳି ମିଶ୍ରଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ନବୀନ ଜିନ୍ଦଲ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଗତି କାମନା କରିଥିଲେ। ସେହିପରି ଜିନ୍ଦଲ ନଗର ଦେବଭୂମି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ବିଶ୍ୱକର୍ମାଙ୍କ ନିକଟରେ ମଧ୍ୟ ଏକ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥିଲା।

## କଲେଜ ଗେଟରେ ତାଲା ପକାଇ ଆନ୍ଦୋଳନ

ବନ୍ତଲା, ୧୭।୯ (ଡି.ଏନ.ଏ.)

ବ୍ଲକ ଗ୍ରାଣ୍ଟ ସମ୍ପୂର୍ଣ୍ଣ ଉଚ୍ଛେଦ ଓ ପୂର୍ଣ୍ଣ ଅନୁଦାନ ଦାବିରେ ରାଜ୍ୟ ବ୍ଲକ ଗ୍ରାଣ୍ଟ ସ୍କୁଲ କଲେଜ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱରରେ ଚାଲିଥିବା ଆନ୍ଦୋଳନ ଏବେ ଗାଁ ମୁହାଁ ହୋଇଛି। ସୋମବାର ଅନୁଗୋଳ ଜିଲା ବନ୍ତଲା ଉଚ୍ଚତର ଡିଗ୍ରୀ ମହାବିଦ୍ୟାଳୟ ଗେଟରେ ତାଲା ପକାଇ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନରେ ବସିଛନ୍ତି। ଅଧ୍ୟକ୍ଷ ମନମୋହନ ସାହୁଙ୍କ ନେତୃତ୍ୱରେ ଅଧ୍ୟାପକ ଅନିଲ ପ୍ରଧାନ, ରସାନନ୍ଦ ମହାପାତ୍ର, ବିବେକାନନ୍ଦ ପଟ୍ଟନାୟକ, ଗଙ୍ଗାଧର ସାହୁ, ବବିତା ପ୍ରଧାନ, ଅଶୋକ ଷଡ଼ଙ୍ଗୀ, ମଣ୍ଟୁ ପ୍ରଧାନ, ସୁବାସ ସାହୁ, ପଦ୍ମ ଚରଣ ସାହୁ, ପବିତ୍ର ଦେହୁରୀଙ୍କ ସମେତ ୩୦ ଜଣ ଏହି ଆନ୍ଦୋଳନରେ ସାମିଲ ଥିଲେ। ଫଳରେ ମହାବିଦ୍ୟାଳୟକୁ ଆସିଥିବା ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଫେରି ଯାଇଥିଲେ। ଗୁରୁମା, ଗୁରୁଜୀଙ୍କ ଦାବିକୁ ସରକାର ନ ମାନିଲେ ଛାତ୍ରୀଛାତ୍ରମାନେ ଏଥିରେ ସହଯୋଗ କରିବେ ବୋଲି ସମସ୍ତ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି।

■ବିଶ୍ୱକର୍ମା ପୂଜା ପାଇଁ ଅନୁଗୋଳ ଜିଲା ଚଳଚଞ୍ଚଳ

# ନାଲକୋରେ ୨୩ ମଣ୍ଡପରେ ଆରାଧନା



▶ମେକାନିକାଲ ସିପିପି



▶ଅପରେଶନ ସିପିପି



▶ପତ୍ରାଲାଇନ ଜାହାଜ ସଦୃଶ ତୋରଣ

ବଁଅରପାଳ/କଣିହାଁ/ବଇଣ୍ଡା/ଛେଣ୍ଡିପଦା ୧୭।୯(ଡି.ଏନ.ଏ.)

ନାଲକୋ ନଗରରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ଅଞ୍ଚଳରେ ମୋଟ ୨୩ ଟି ପୂଜାମଣ୍ଡପ ହୋଇଛି। ବିଭିନ୍ନ ମଣ୍ଡପ ପକ୍ଷରୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ସାଜସଜ୍ଜା କରାଯାଇଛି। ରଙ୍ଗବେରଙ୍ଗର ଆଲୋକମାଳାରେ ସମଗ୍ର ନାଲକୋ ଅଞ୍ଚଳ ଝଲସି ଉଠୁଛି। ବିଭିନ୍ନ କମିଟି ପକ୍ଷରୁ ହୋଇଥିବା ଆକର୍ଷଣୀୟ ମଣ୍ଡପ ଦର୍ଶକଙ୍କୁ ଆକର୍ଷିତ କରିଛି। ମଧ୍ୟାହ୍ନରେ ପୂଜାକମିଟି ଗୁଡିକ ପକ୍ଷରୁ କଳସ ଶୋଭାଯାତ୍ରାରେ ପାଣି ଅଣାଯାଇ ଘଟସ୍ଥାପନ କରାଯିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପୂଜା ଦେଖିବାକୁ ଲୋକମାନଙ୍କ ପ୍ରବଳ ଭିଡ ଜମିଥିଲା।

ସେହିପରି କଣିହାଁ ବ୍ଲକ ଏନ୍‌ଟିପିସି, ଜେଆଇଟିପିଏଲ, ରେଙ୍ଗାଳି ଡ୍ୟାମ ସାଇଟ, ଇଲେକ୍ଟ୍ରିକାଲ ବିଭାଗ ଆଦି ବିଭିନ୍ନ ଶିଳ୍ପ ଅନୁଷ୍ଠାନରେ ସୋମବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ରେଙ୍ଗାଳି ଡ୍ୟାମ ସାଇଟ୍‌ରେ ୧୦ଟି ପୂଜାମଣ୍ଡପକୁ ନେଇ ବଜାର ଉତ୍ସବ ମୁଖର ହୋଇଉଠିଛି। ବର୍ଷା ପାଗ ସତ୍ତ୍ୱେ ଦର୍ଶକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ମିନା ବଜାର ଓ ଯାତ୍ରା ପାର୍ଟି ପଡ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପୂଜା ଦେଖିବାକୁ ଉତ୍ସାହ ଦେଖାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ରେଙ୍ଗାଳି ଥାନା ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ମେଢ ଗୁଡ଼ିକ ଝଲସି ଉଠିଛି। ସେହିପରି ବଇଣ୍ଡା ପୂର୍ତ୍ତବିଭାଗ କାର୍ଯ୍ୟାଳୟ, ଜାମୁନାଳୀ ଗ୍ରୀଡ଼କୋ, ବାମୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ବଇଣ୍ଡା ଛକ ଛୋଟ ଗାଡ଼ି ମାଲିକ ସଂଘ ସମେତ ବିଭିନ୍ନ ଗ୍ୟାରେଜ୍‌ରେ ବିଶ୍ୱକର୍ମା ପୂଜା ପାଳିତ ହୋଇଥିଲା। ଉମାକାନ୍ତ ମାଝି, ମୋହନ ନାୟକ, ପ୍ରହ୍ଲାଦ ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ହିମାଂଶୁ ମହାଳିକ ପ୍ରମୁଖ ସହଯୋଗ କରିଥିଲେ। ଛେଣ୍ଡିପଦା ବ୍ଲକ ଅଞ୍ଚଳ ଥିବା ଛେଣ୍ଡିପଦା ବିଦ୍ୟୁତ୍ ବିଭାଗ, କୋଶଳା ବିଦ୍ୟୁତ୍ ବିଭାଗ, ଜରପଡା ବିଦ୍ୟୁତ୍ ବିଭାଗ ସମେତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ପୂଜା କମିଟି ପକ୍ଷରୁ ବିଶ୍ୱକର୍ମା ପୂଜା ପାଳନ କରାଯାଇଥିଲା।



# ଆଠମଲ୍ଲିକ ବନାଞ୍ଚଳରେ ବାଘୁଣୀକୁ ଦେଖି ମହିଳା ଅଚେତ

ଆଠମଲ୍ଲିକ,୧୭।୯(ଡି.ଏନ.ଏ.)–

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟକୁ ମଧ୍ୟପ୍ରଦେଶରୁ ଆସିଥିବା ବାଘୁଣୀ 'ସୁନ୍ଦରୀ'ର ଉପସ୍ଥିତିକୁ ନେଇ ସୋମବାର ଆଠମଲ୍ଲିକ ବ୍ଲକ ପଇଁଚକୁଳ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ସକାଳେ ବ୍ଲକ ଅନ୍ତର୍ଗତ କୁସୁମକୁହୁରୀ ଗ୍ରାମର ଦୁଇଜଣ ମହିଳା ବାଘୁଣୀକୁ ଦେଖି ଭୟଭୀତ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଚେତା ଶୂନ୍ୟ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଘଟଣାସ୍ଥଳରୁ ଦୌଡ଼ି ପଳାଇଯାଇଥିଲେ। ଅପରପକ୍ଷେ ଏହି ଘଟଣାକୁ ବନ ବିଭାଗ ଅସ୍ୱୀକାର କରିଛି। ବାଘୁଣୀ କୁସୁମକୁହୁରୀ ଅଞ୍ଚଳକୁ ଯାଇ ନାହିଁ। ଏହା ଏକ ମନଗଢ଼ା କାହାଣୀ ବୋଲି ଡିଏଫ୍‌ଓ ସମ୍ୟକ ସାମନ୍ତରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗ୍ରାମବାସୀଙ୍କଠାରୁ ପ୍ରକାଶ, ସକାଳ ପ୍ରାୟ ସାଢେ ୬ଟାରେ କୁସୁମକୁହୁରୀ ଗ୍ରାମ ନିକଟରେ ଥିବା ଗଙ୍ଗାପାଣି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଖ ଗ୍ରାମ୍ୟ ଜଙ୍ଗଲକୁ ଲାଗିଥିବା ଚାଷ ଜମିକୁ ଗ୍ରାମର ଦୁଇ ମହିଳା ଶିତୟା ବିଶ୍ୱାଳ ଓ ଜୟନ୍ତୀ ବିଶ୍ୱାଳ ଘାସ ବାଛିବାକୁ ଯାଇଥିଲେ। ସେହି ସମୟରେ ସେମାନେ ଗୋଟିଏ ବାଘକୁ ଦେଖିବାକୁ ପାଇଥିଲେ। ବାଘ ଦେଖିବା ପରେ ଉଭୟେ ଭୟରେ ଦୌଡିବା ଆରମ୍ଭ କରିଥିଲେ। ଶିତୟା ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିବାବେଳେ ଜୟନ୍ତୀ ଗାଁକୁ ପଳାଇ ଆସିଥିଲେ। ଖବର ପାଇ ଗ୍ରାମବାସୀ ଶିତୟାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି ରବିବାର ନଅଗାଁ ପଞ୍ଚାୟତ ଅନ୍ତର୍ଗତ ନୂଆଗଡ, ଯଦୁପୁର, ଆଠମଲ୍ଲିକ ଏନ୍‌ଏସିର ସିଦ୍ଧପୁର ଅଞ୍ଚଳରେ ବାଘୁଣୀକୁ ଲୋକେ ଦେଖିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବାଘୁଣୀ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମରେ ଚଳପ୍ରଚଳ କରୁଥିବା ନେଇ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ସୋମବାର ଅପରାହ୍ନରେ ଅଏଡା ପଞ୍ଚାୟତର ରଙ୍ଗପୁର ଗ୍ରାମ ନିକଟ ଜଙ୍ଗଲରେ ବାଘୁଣୀ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଠମଲ୍ଲିକ ବନବିଭାଗ ସହିତ ମଧ୍ୟପ୍ରଦେଶର ଏକ ବିଶେଷଜ୍ଞ ଦଳ ଟ୍ରାଙ୍କୁଲାଇଜର ଟିମ୍ ବାଘୁଣୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜନସାଧାରଣ ଏଥିପାଇଁ ଭୟଭୀତ ନ ହେବାକୁ ଡିଏଫଓ ସାମନ୍ତରା କହିଛନ୍ତି। ଅପରପକ୍ଷେ ସୁନ୍ଦରୀ ହାତୀଧରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବର୍ତ୍ତମାନ ଅବସ୍ଥାନ କରିଛି। ସମଗ୍ର ଅଭୟାରଣ୍ୟ ବିଚରଣ କରି ନିଜର ବାସସ୍ଥାନ ଖୋଜିବାରେ ସୁନ୍ଦରୀ ସମୟ ନେଉଥିବା ବନ ବିଭାଗ ପ୍ରକାଶ କରିଛି।

### ଅସ୍ୱୀକାର କଲା ବନ ବିଭାଗ



## ସଂକ୍ଷେପରେ

### ସବୁ ଜିଲାରେ ହେବ ମଡର୍ନ ଥାନା

**ଏସ୍‌ପି, ଡିସିପିଙ୍କ ସହ ଆଲୋଚନା କଲେ ଡିଜିପି**

କଟକ ଅଫିସ୍, ୧୭।୯- ଓଡ଼ିଶାର ସବୁ ଜିଲାରେ ଗୋଟିଏ ଲେଖାଏ ମର୍ଡନ ଥାନା ଖୋଲାଯିବ। ସେଥିରେ ରିସେପଶନ ସେଣ୍ଟର, ପିଇବା ପାଣି, ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ ରହିବ। ଅପରାଧୀମାନଙ୍କ ଫଟୋ ସହ ନାମ ଥାନା ନୋଟିସ୍ ବୋର୍ଡରେ ଲଗାଯିବ ଏବଂ ଏକା ରହୁଥିବା ବୟସ୍କ ଲୋକଙ୍କ ନମ୍ବର ଥାନାରେ ପଞ୍ଜୀକରଣ କରାଯିବ। ଆମ ପୋଲିସ ଯୋଜନାର ପରିଚାଳନା, ମାମଲାଗୁଡିକର ତଦନ୍ତ ପାଇଁ ସ୍ୱତନ୍ତ୍ର ସମୟ ନିର୍ଦ୍ଧାରଣ, ସ୍ଥାନୀୟ ଅଞ୍ଚଳରେ ସଚେତନାମୂଳକ କାର୍ଯ୍ୟକ୍ରମ, ଉଭୟ ଦିନ ଏବଂ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା ସହ ରାତିରେ ରାସ୍ତା ବ୍ଲକ କରି ଯାଞ୍ଚ କରାଯିବ, ହୋଟେଲ ଏବଂ ଲଜ୍‌ଗୁଡିକୁ ନିୟମିତ ବ୍ୟବଧାନରେ ଯାଞ୍ଚ ଭଳି କେତେକ ବ୍ୟବସ୍ଥା ଏହି ଥାନା ମାଧ୍ୟମରେ କରାଯିବ। ଏନେଇ ଡିଜିପି ରଜେନ୍ଦ୍ର ପ୍ରସାଦ ଶର୍ମା ରାଜ୍ୟ ପୋଲିସ ମୁଖ୍ୟାଳୟରେ ସୋମବାର ଭିଡିଓ କନଫେରେନ୍ସିଂ ମାଧ୍ୟମରେ ସମସ୍ତ ଜିଲାର ଏସ୍‌ପି ଏବଂ ଡିସିପିଙ୍କ ସହ ଆଲୋଚନା କରିଛନ୍ତି। ଅଧିକାଂଶ ଜିଲାରେ ଥାନା କାର୍ଯ୍ୟ ତୁଲାଇବା ପାଇଁ ଆବଶ୍ୟକ କର୍ମଚାରୀ ନ ଥିବାବେଳେ କିପରି ଏହି ଥାନା ପରିଚାଳିତ ହେବ ସେ ନେଇ ଏସ୍‌ପିମାନେ ପ୍ରଶ୍ନ କରିଥିଲେ। ତେବେ ଏହି ଥାନା ପାଇଁ ସମସ୍ତ ସୁବିଧା ଏବଂ କର୍ମଚାରୀ ଯୋଗାଇ ଦେବାକୁ ଡିଜିପି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଥାନାରେ ଦକ୍ଷ ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ବିଭାଗ ପକ୍ଷରୁ ଯୋଜନା କରାଯାଇଥିବା ବେଳେ ଏସ୍‌ପିମାନଙ୍କୁ ନାମ ପଠାଇବା ପାଇଁ କୁହାଯାଇଛି। ଆଲୋଚନାରେ ଅତିରିକ୍ତ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବାଘୁଣୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ପରେ ଲଙ୍କାକାଣ୍ଡ ଘଟଣା

# ୪ ମାମଲା ରୁଜୁ, ୨୪୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ

ବନ୍ତଲା, ୧୭।୯ (ଡି.ଏନ.ଏ.)–

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ସାତକୋଶିଆ ଅଭୟାରଣ୍ୟର ଟକରପଡ଼ା ରେଞ୍ଜ ହାତୀବାରି ଗ୍ରାମରେ ଗତ ୧୨ ତାରିଖ ବୁଧବାର ବାଘୁଣୀ ସୁନ୍ଦରୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଯେଉଁ ଲଙ୍କାକାଣ୍ଡ ଘଟାଇଥିଲେ ସେ ନେଇ ଥାନାରେ ୪ଟି ପୃଥକ ମାମଲା ରୁଜୁ କରାଯାଇଛି। ଏଥିରେ ୨୪୦ରୁ ଅଧିକ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି।

### ଅଢ଼େଇ କୋଟି କ୍ଷୟକ୍ଷତି ଆକଳନ

ଆଇଆଇସି ବିଜୟ କୁମାର ହାଇବ୍ରୋ କହିଛନ୍ତି, ରବିବାର ରାତିରେ ଟିକରପଡ଼ା ରେଞ୍ଜରଙ୍କ ଅଭିଯୋଗ ଅନୁଯାୟୀ ନମ୍ବର ୧୩/୧୮ରେ ୧୦୦ରୁ ଅଧିକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ସୋମବାର ଅପରାହ୍ନରେ ମଝିପଡ଼ା ବିଟ୍ ହାଉସ ଗାର୍ଡ ସୁପ୍ରଭା ଦେହୁରୀଙ୍କ ଅଭିଯୋଗ ଆଧାରରେ ନଂ ୨୪/୧୭ରେ ୫୦ ଜଣ ଓ ହାତୀବାରି ବିଟ୍ ହାଉସ ଗାର୍ଡ ବିଜୟ କୁମାର ବେହେରାଙ୍କ ଅଭିଯୋଗ କ୍ରମେ ନଂ. ୨୫/୧୮ରେ ୩୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ବିପ୍ରଡିହରେ ବିଟ୍ ପୋଡ଼ି ଘଟଣାରେ ଘଡ଼ିଆଳ ୱାଚର କୈବଲ୍ୟ ଦାସ ମଧ୍ୟ ଅଭିଯୋଗ କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ଯେଉଁ ପୋଡ଼ାଜଳା କରିଥିଲେ ସେଥିରେ ଅଢ଼େଇ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଥିବା ଥାନା ଆଇଆଇସି ସୂଚନା ଦେଇଛନ୍ତି।

### ଗାଡ଼ି ଚୋରି ଅଭିଯୋଗ

ତାଳଚେର,୧୭।୯(ନି.ପ୍ର.)–

ତାଳଚେର ବ୍ଲକ ବନ୍ତୋଲ ଗ୍ରାମର ଶୁଭେନ୍ଦୁ ରଥଙ୍କ ଏକ ବୋଲେରୋ (ନଂ. ଓଡିଔ୫ଏ– ୨୩୨୪) ରବିବାର ରାତିରେ ଚୋରି ହୋଇଯାଇଥିବା ତାଳଚେର ଥାନାରେ ଅଭିଯୋଗ ହୋଇଛି। ଶୁଭେନ୍ଦୁ ଦର୍ଶାଇଛନ୍ତି ଯେ, ଗ୍ରାମ ଶନି ମନ୍ଦିର ନିକଟରେ ଚାଳକ ଗାଡି ରଖି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଗାଡି ନେଇ ପଳାଇ ଥିବା ଅନୁମାନ କରାଯାଉଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୀବ ଦେଇଛି ଯେ,**
**ଆଧାର ଦେବ ସେ ।**

ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ହିଁ ସୃଷ୍ଟି କର୍ତ୍ତା, ତ୍ରାଣ କର୍ତ୍ତା ଓ ପ୍ରାଣ କର୍ତ୍ତା। ସୃଷ୍ଟିର ସକଳ ଜୀବ ବା ପ୍ରାଣୀଙ୍କ ନିମନ୍ତେ ଆଧାର ବ୍ୟବସ୍ଥା ଖଞ୍ଜି ଦେଇଥିବା ବେଳେ ତାଙ୍କରି କୃପା ବଳରେ କାହାରି ଖାଦ୍ୟର ଅଭାବ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜୁଆ, ଶକଟା, ପାରାରଙ୍ଗ,**
**ପଶା, ନ୍ୟାୟବଳ, ବେଶ୍ୟାସଙ୍ଗ ;**
**ଏ ଷଡ଼ ରସରେ ଯେଉଁ ପୁଅ ଥାଏ**
**ଭୋକେ ମରି ଟାଙ୍କର ଖାଏ ।**

ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରିଦେଇଥାଏ। ଉପର ବର୍ଣ୍ଣିତ ମନ୍ଦ ବା କୁଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନ ଥାନ୍ତି। ବ୍ୟଭିଚାର ତଥା ଅନୀତିପୂର୍ଣ୍ଣ କାର୍ଯ୍ୟ କରି ବସୁଥିବା ବ୍ୟକ୍ତି ଜୀବଦଶାରେ ଅନେକ ଦୁଃଖକଷ୍ଟ ଭୋଗ କରିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଧାନସଭାରେ ଆଗତ ହେଲା ୬ ବିଲ୍

ଭୁବନେଶ୍ୱର,୧୭।୯(ବ୍ୟୁରୋ)–

ସୋମବାର ବିଧାନସଭାରେ ୬ଟି ବିଲ୍ ଆଗତ କରାଯାଇଛି। ଓଡ଼ିଶା ମ୍ୟୁନିସିପାଲିଟି (ସଂଶୋଧନ) ବିଲ୍-୨୦୧୮, ଓଡ଼ିଶା ମହାନଗର ନିଗମ(ସଂଶୋଧନ) ବିଲ୍-୨୦୧୮ ଏବଂ ବିହାର ଓ ଓଡ଼ିଶା ତୀର୍ଥଯାତ୍ରୀ (ସଂଶୋଧନ) ବିଲ୍-୨୦୧୮କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାର ଅନୁମୋଦନ ପାଇଁ ଆଗତ କରିଥିବା ବେଳେ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ(ସଂଶୋଧନ) ବିଲ୍-୨୦୧୮ ଏବଂ ଓଡ଼ିଶା ମୂଲ୍ୟଯୁକ୍ତ ଟିକସ(ସଂଶୋଧନ) ବିଲ୍-୨୦୧୮କୁ ବିଧାନସଭାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଆଗତ କରିଛନ୍ତି। ଓଡ଼ିଶା ହିନ୍ଦୁ ଧର୍ମ ଦେବୋତ୍ତର (ସଂଶୋଧନ) ବିଲ୍-୨୦୧୮କୁ ମଧ୍ୟ ଆଗତ କରାଯାଇଛି। ଏହି ବିଲ୍‌ଗୁଡ଼ିକ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଇବାକୁ ସରକାରୀ ଦଳ ମୁଖ୍ୟ ସଚେତକ ଅମର ଶତପଥୀ ବାଚସ୍ପତିଙ୍କୁ ପ୍ରସ୍ତାବ ଦେଇଥିଲେ।

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ। ଅଗ୍ରିମ 90,00,000/- ଭଡ଼ା - 50,000/-। ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପବନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now **********
7310644383

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time
ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିଷ୍କରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor, Cell : 7873239883

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।

| | |
|---|---|
| ଭୁବନେଶ୍ୱର | 9870548744 |
| କଟକ | 7290022882 |
| ଅନୁଗୁଳ | 7290027866 |
| ବଲାଙ୍ଗୀର | 9870548676 |
| ପୁରୀ | 7290022876 |
| ବରଗଡ଼ | 7290027864 |
| ଭଦ୍ରକ | 7290022886 |
| ଗଞ୍ଜାମ | 7290027860 |
| ଯାଜପୁର | 9870548373 |
| ଖୋର୍ଦ୍ଧା | 9870549050 |
| କୋରାପୁଟ | 9870549092 |
| ମୟୂରଭଞ୍ଜ | 7290022884 |
| ସମ୍ବଲପୁର | 7290022879 |
| ସୁନ୍ଦରଗଡ଼ | 7290027868 |

Shop No. 108, 1st Floor, M.G. Road, Gurgaon

9911436726, 9540938429

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
କମ୍ପାନୀର ସମ୍ପୂର୍ଣ୍ଣ ଓଡ଼ିଶାରେ ଲୋନ ଏଜେଣ୍ଟ ଡିଲର୍ସ, ମାଇକ୍ରୋଫାଇନାନ୍ସ ତଥା ଫିଲ୍ଡ ଅଫିସରମାନଙ୍କର ଆବଶ୍ୟକତା।
ସମ୍ପର୍କ କରନ୍ତୁ
9667679826
9667313428

MTR NETWORK COMPANY
ଡାଇରେକ୍ଟ ଉପକରଣ ସଂଚାର କମ୍ପାନୀ (ସରକାର ଆପ୍ରୁଭଡ୍) ଦ୍ୱାରା ନିଜର କ୍ଷେତ, ପ୍ଲଟ୍, ଛାତରେ ଯାନ୍ତ୍ରିକ ଉପକରଣ ଶତ ପ୍ରତିଶତ ଶୀଘ୍ର ଲଗାନ୍ତୁ।
ଭଡା - ୧,୨୦୦୦୦+ ଆଡଭାନ୍ସ - ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ, ୨ ଚାକିରି, ଉତ୍ତମ ଦରମା + ବୀମା
06202932625

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
MANGAL FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ,ମଙ୍ଗଳବାର, ୧୮ ସେପ୍ଟେମ୍ବର,୨୦୧୮



"ତେଲ ଏବଂ ପାଣି କଦାପି ମିଶିପାରିବେ ନାହିଁ । ଠିକ୍ ସେହିପରି ବିରୋଧୀ ଦଳଗୁଡ଼ିକ ମହାମେଣ୍ଟ କରିବା ପୂରା ଅସମ୍ଭବ । ତେଣୁ ଭାଜପା ଏକଥାକୁ ନେଇ ଚିନ୍ତାରେ ନାହିଁ ।
- ରଘୁବର ଦାସ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ରେୱାଡ଼ି ଗଣବଳାତ୍କାର ପୀଡ଼ିତାଙ୍କ ପାଇଁ ବସିଲା ମହାପଞ୍ଚାୟତ

ରେୱାଡ଼ି,୧୭।୯(ପି.ଟି.)-ରେୱାଡ଼ି ଗଣବଳାତ୍କାର ଘଟଣାକୁ ନେଇ ହରିୟାଣା ସରକାରଙ୍କୁ ଘେରିଛନ୍ତି ବିରୋଧୀ ଏବଂ ବିଭିନ୍ନ ସଙ୍ଗଠନ। ଚାରିଆଡ଼ୁ ଚାପ ପଡ଼ିବା ପରେ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି କୋଶି ସହରରେ ୨୫ଟି ପଞ୍ଚାୟତକୁ ନେଇ 'ମହାପଞ୍ଚାୟତ' ଅନୁଷ୍ଠିତ ହୋଇଥିଲା। କୌଣସି ଓକିଲ ଅଭିଯୁକ୍ତଙ୍କ ମାମଲା ନ ଲଢ଼ିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। କନିନା ସହରରେ ବୁଧବାର ଜଣେ ୧୯ ବର୍ଷୀୟା ସ୍କୁଲ୍ ଟପ୍ପର ଛାତ୍ରୀ କୋଚିଂ କ୍ଲାସ୍‌ରୁ ଫେରୁଥିବାବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଅପହରଣ କରି ଗଣବଳାତ୍କାର କରିଥିଲେ। ଘଟଣାରେ ଜଣେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣ ଗିରଫ ହୋଇଛନ୍ତି। ଅନ୍ୟ ଦୁଇ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି।

### ଦୁଇ ସାଥୀଙ୍କୁ ଗୁଳିକରି ହତ୍ୟାକଲେ ଯବାନ

ଶିମ୍ଲା,୧୭।୯(ପି.ଟି.)-ହିମାଚଳ ପ୍ରଦେଶର ଧର୍ମଶାଳା କ୍ୟାଣ୍ଟନ୍‌ମେଣ୍ଟରେ ସୋମବାର ଜଣେ ଯବାନ ନାରକୀୟ କାଣ୍ଡ ଭିଆଇଛନ୍ତି। ନିଜ ସର୍ଭିସ୍ ବନ୍ଧୁକରେ ଦୁଇ ସାଥୀ ଯବାନ୍‌ଙ୍କୁ ଗୁଳି ହତ୍ୟା କରିବା ପରେ ନିଜକୁ ଗୁଳିମାରିଛନ୍ତି। ଏଥିରେ ସେ ମଧ ପ୍ରାଣ ହରାଇଥିବା ସେନା ମୁଖପାତ୍ର କଲୋନେଲ ଦାବିନ୍ଦର ଆନନ୍ଦ ସୂଚନା ଦେଇଛନ୍ତି। ୬ମାସ ପୂର୍ବରୁ ଯବାନ ଜଣକ ସେନାର ଏହି ୟୁନିଟ୍‌ରେ ମୁତୟନ ହୋଇଥିଲେ। ହଠାତ୍ ମଧାହ୍ନ ୨ଟା ୩୦ ମିନିଟ୍‌ରେ ସେ ବାରାକ୍‌ରେ ଥିବା ଅନ୍ୟ ଦୁଇ ଯବାନଙ୍କୁ ଗୁଳିକରି ଥିଲେ। ଏହାର କାରଣ ଜଣାପଡ଼ି ନାହିଁ। ଘଟଣାର କୋର୍ଟ ଅଫ୍ ଏନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଥିବା କଲୋନେଲ୍ ଆନନ୍ଦ ପ୍ରକାଶ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଚାରିଆଡ଼ୁ ଜନ୍ମଦିନ ଶୁଭେଚ୍ଛା

ନୂଆଦିଲ୍ଲୀ,୧୭।୯(ପି.ଟି.)- ୬୮ତମ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ଚାରିଆଡ଼ୁ ଶୁଭେଚ୍ଛା ସୁଅ ଛୁଟିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ, ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ମମତା ବାନାର୍ଜୀ, ଅରବିନ୍ଦ କେଜରିୱାଲ, ଅମରିନ୍ଦର ସିଂ, କେ. ପାଲାନିସାମୀ, କେ. ଚନ୍ଦ୍ରଶେଖର ରାଓ ପ୍ରମୁଖ ଜନ୍ମଦିନ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ରାଜନାଥ ସିଂ, ଅରୁଣ ଜେଟ୍‌ଲୀ, ସୁଷମା ସ୍ୱରାଜଙ୍କ ସମେତ ବହୁ ମନ୍ତ୍ରୀ ଏବଂ ନେତା ମଧ ଅଭିନନ୍ଦନ ଜଣାଇଛନ୍ତି। ମେଗାଷ୍ଟାର୍ ଅମିତାଭ ବଚ୍ଚନ, ଅଭିନେତା ଅକ୍ଷୟ କୁମାର, ମାଧୁରୀ ଦୀକ୍ଷିତ, ଋଷି କପୁର ମଧ ଜନ୍ମଦିନ ବାର୍ତ୍ତା ପଠାଇଛନ୍ତି। ଏବର୍ଷ ଜନ୍ମଦିନରେ ମୋଦି ନିଜ ନିର୍ବାଚନ ମଣ୍ଡଳୀ ବାରାଣସୀରେ ସମୟ ବିତାଇଛନ୍ତି। ସ୍କୁଲ ପିଲାଙ୍କ ସହ ସେ ଭାବବିନିମୟ କରିଛନ୍ତି।

### ଜେଲକୁ ଫେରିଲେ ଶରିଫ

ଲାହୋର,୧୭।୯(ପି.ଟି.)-ପାରୋଲ ମିଆଦ ଶେଷ ହେବା ପରେ ସୋମବାର ଜେଲକୁ ଫେରିଛନ୍ତି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ। ଝିଅ ମରିୟମ ଏବଂ ଜାମାତା ଏମ୍. ସଫଦାର ମଧ ତାଙ୍କ ସହ ଜେଲକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶରିଫଙ୍କ ସ୍ତ୍ରୀ ବେଗମ୍ କୁଲସୁମ୍‌ଙ୍କ ପରଲୋକ ପରେ ସମସ୍ତେ ପାଞ୍ଚଦିନିଆ ପାରୋଲ୍‌ରେ ବାହାରିଥିଲେ। କୁଲସୁମ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ପରେ ରାୱଲପିଣ୍ଡିର ଅଦିଆଲା ଜେଲକୁ ଯାଇଛନ୍ତି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୧୮ର ପ୍ରମୁଖ ଘଟଣା

୧୯୬୧ ସେପ୍ଟେମ୍ବର ୧୮ ରେ ଜାତିସଂଘର ଦ୍ୱିତୀୟ ମହାସଚିବ ଡାଗ୍ ହାମ୍ମାର୍ସ୍କୋଲ୍ଡ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। କଙ୍ଗୋରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିବାକୁ ଯାଉଥିବା ବେଳେ ଉତ୍ତର ରୋଡେସିଆ(ବର୍ତ୍ତମାନ ଜାମ୍ବିଆ)ରେ ବିମାନ ଦୁର୍ଘଟଣାରେ ସେ ଓ ଅନ୍ୟ ୧୮ ଜଣ ପ୍ରାଣ ହରାଇଥିଲେ।

୨୦୧୬ ସେପ୍ଟେମ୍ବର ୧୮ରେ ଜମ୍ମୁ-କଶ୍ମୀରର ଉରି ସେକ୍ଟରରେ ଥିବା ଭାରତୀୟ ସେନାର ସ୍ଥାନୀୟ ମୁଖ୍ୟାଳୟ ଉପରେ ୪ ଜଣ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୧୮ ଜଣ ଯବାନ୍ ଶହୀଦ ହୋଇଥିବା ବେଳେ ସମସ୍ତ ଆତଙ୍କବାଦୀ ମଧ ନିହତ ହୋଇଥିଲେ।

■ ହସ୍ପିଟାଲରେ ପାରିକର: ଗୋଆ ରାଜନୀତି ସରଗରମ

# ଗାଦି ପାଇଁ କଂଗ୍ରେସର ଅଣ୍ଟାଭିଡ଼ା

ପଣଜୀ/ନୂଆଦିଲ୍ଲୀ, ୧୭।୯(ପି.ଟି.)



ମନୋହର ପାରିକର



ଚନ୍ଦ୍ରକାନ୍ତ କାଭଲେକର

■ ସରକାର ଗଠନ ଲାଗି ରାଜ୍ୟପାଳଙ୍କୁ କଂଗ୍ରେସ ବିଧାୟକଙ୍କ ଦାବିପତ୍ର
■ ସ୍ଥିତି ପରଖୁଛନ୍ତି ଭାଜପା କେନ୍ଦ୍ରୀୟ ଟିମ୍
■ ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ: ଗୋଆ ମନ୍ତ୍ରୀ

କର୍କଟ ରୋଗରେ ପୀଡ଼ିତ ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର ଆମେରିକାରୁ ଚିକିତ୍ସିତ ହୋଇ ଫେରିବା ପରେ ଏବେ ଦିଲ୍ଲୀ ଏମ୍ସରେ ଶଯ୍ୟାଶାୟୀ। ତାଙ୍କ ଅସୁସ୍ଥତା କାରଣରୁ ରାଜ୍ୟର ଶାସନ କଳ ଏକପ୍ରକାର ସ୍ଥାଣୁ ପାଲଟିଯାଇଛି। ତେଣୁ ସରକାରରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ପାରିକରଙ୍କ ବିକଳ୍ପ ଖୋଜିବାକୁ ଭାଜପାର ସହଯୋଗୀ ଦଳ ଏମ୍‌ଜିପି କହିଆସୁଛି। ସେହିପରି କୌଣସି ଗୋଟିଏ ସୁଯୋଗକୁ ଚାହିଁରହିଥିବା କଂଗ୍ରେସ ଏବେ ଗୋଟିଚାଳନା କରିଛି। ସୋମବାର ସରକାର ଗଠନ ପାଇଁ ଦାବି କରିଛି କଂଗ୍ରେସ। ରାଜ୍ୟପାଳ ମୃଦୁଳା ସିହ୍ନାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦାଖଲ କରିଛି। ତେବେ ଗୋଆରେ ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ ବୋଲି ଗୋଆ ମନ୍ତ୍ରୀ କହିଛନ୍ତି।

ଗୋଆରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ସରକାର ଚାଲିଛି, ଯାହାର ମୁଖ୍ୟ ହେଉଛନ୍ତି ୬୨ ବର୍ଷୀୟ ପାରିକର। ସେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବାରୁ ରାଜ୍ୟର ବିକାଶ କାର୍ଯ୍ୟ ଆଗେଇପାରୁ ନାହିଁ। ଏନେଇ ସହଯୋଗୀ ଦଳ ଏମ୍‌ଜିପି ଅସନ୍ତୋଷ ବ୍ୟକ୍ତ କରିବା ପରେ ଭାଜପା ହାଇ କମାଣ୍ଡ ଦଳର ତିନି ବରିଷ୍ଠ ନେତା ରାମଲାଲ, ବି.ଏଲ୍. ସନ୍ତୋଷ ଏବଂ ବିନୟ ପୁରାଣିକଙ୍କୁ ଗୋଆ ପଠାଇଛନ୍ତି। କେନ୍ଦ୍ରୀୟ ଟିମ୍ ଦଳୀୟ ନେତାଙ୍କୁ ଭେଟି ରାଜ୍ୟର ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କରିବେ ଏବଂ ତଦନୁଯାୟୀ ନିଷ୍ପତ୍ତି ଗ୍ରହଣ ହେବ। ଏବେସୁଦ୍ଧା ଭାଜପା ପଦରେ ଅନ୍ୟ କାହାକୁ ଅବସ୍ଥାପିତ କରିବା କଥା ଚିନ୍ତା କରିନାହିଁ। ଏତିକିବେଳେ ସରକାର ଗଠନ କରିବାକୁ ଅଣ୍ଟା ଭିଡ଼ିଲାଣି କଂଗ୍ରେସ। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ କଂଗ୍ରେସର ୧୬ ସଦସ୍ୟ ଅଛନ୍ତି। ବିଧାନସଭା ଭଙ୍ଗ ନ କରି କଂଗ୍ରେସକୁ ସରକାର ଗଢ଼ିବା ଲାଗି ରାଜ୍ୟପାଳ ଆମନ୍ତ୍ରଣ କରନ୍ତୁ ବୋଲି ବିରୋଧୀ ଦଳ ନେତା ଚନ୍ଦ୍ରକାନ୍ତ କାଭଲେକର କହିଛନ୍ତି। ଶାସନ କରିବାରେ ବିଫଳ ହେଲେ ରାଜ୍ୟରେ ରାଜ୍ୟପାଳ ଶାସନ ଜାରି କରିବା ଭାଜପାର ଅଭ୍ୟାସ ପାଲଟିଗଲାଣି। କିନ୍ତୁ ଗୋଆରେ ଏପରି ଘଟିବାକୁ କଂଗ୍ରେସ ପ୍ରଶ୍ରୟ ଦେବ ନାହିଁ ବୋଲି ସେ କହିଛନ୍ତି। କାଭେଲକରଙ୍କ ନେତୃତ୍ୱରେ କଂଗ୍ରେସର ବିଧାୟକ ରାଜଭବନ ଯାଇଥିଲେ। କିନ୍ତୁ ରାଜ୍ୟପାଳ ରାଜ୍ୟ ବାହାରେ ଥିବାରୁ ସେମାନେ ଭେଟିପାରିଲେ ନାହିଁ। କଂଗ୍ରେସ ସହ ଅନ୍ୟ ଦଳର ସମର୍ଥନ ରହିଛି ଏବଂ ସେମାନେ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବେ ବୋଲି କାଭେଲକର ଜୋର୍‌ଦେଇ କହିଛନ୍ତି।

ଗୋଆ ବିଧାନସଭାରେ ଭାଜପାର ୧୪ ସଦସ୍ୟ ଅଛନ୍ତି। ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି)ଏବଂ ଏମ୍‌ଜିପିର ୩ ଜଣ ଲେଖାଏ ସଦସ୍ୟ, ୩ ସ୍ୱାଧୀନ ବିଧାୟକ ଏବଂ ଏନ୍‌ସିପିର ଜଣେ ବିଧାୟକଙ୍କ ସମର୍ଥନ ପାଇ ଭାଜପା ସରକାର ଚଳାଇଛି। ଭାଜପା ନେତା ରାମଲାଲ କହିଛନ୍ତି ଯେ, ଗୋଆ ସରକାର ସ୍ଥିର ରହିଛି। ନେତୃତ୍ୱରେ ପରିବର୍ତ୍ତନ ପାଇଁ କୌଣସି ଦାବି ହୋଇ ନାହିଁ। ତା'ଛଡ଼ା ଭାଜପା ଯେଉଁ ନିଷ୍ପତ୍ତି ନେବ, ତାହାକୁ ମାନିନେବାକୁ ସହଯୋଗୀ ଦଳ ଜିଏଫ୍‌ପି, ଏମ୍‌ଜିପି ଓ ଅନ୍ୟମାନେ ରାଜି ଅଛନ୍ତି। ସେହିପରି ହସ୍ପିଟାଲରେ ଥାଇ ପାରିକର ଫାଇଲ ମଞ୍ଜୁର କରୁଛନ୍ତି। ତେଣୁ ଅନ୍ୟ କାହାକୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ଆବଶ୍ୟକ ନାହିଁ ବୋଲି ପୂର୍ତ୍ତବିଭାଗ ମନ୍ତ୍ରୀ ସୁଦିନ୍ ଧାବଲିକର କହିଛନ୍ତି। ସେହିପରି ପଞ୍ଚାୟତ ମନ୍ତ୍ରୀ ମୌଭିନ୍ ଗୋଦିହ୍ନୋ କହିଛନ୍ତି ଯେ, ପାରିକରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ସେ ବେଶ୍ ଖୁସି ଅଛନ୍ତି ଏବଂ ବିଶ୍ରାମ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ପଦ ଖାଲି ପଡ଼ିଛି ବୋଲି ଯେଉଁମାନେ ଭାବୁଛନ୍ତି, ସେମାନଙ୍କ ମନରେ ଭ୍ରମ ସୃଷ୍ଟି ହୋଇଛି। ସେପଟେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଓ ଦଳର ଅନ୍ୟ ନେତାମାନେ ଏମ୍ସ ଯାଇ ପାରିକରଙ୍କୁ ଭେଟିଛନ୍ତି।

# ନିର୍ବାଚନ ପରେ ଜେଏନ୍‌ୟୁ ଅଶାନ୍ତ

ନୂଆଦିଲ୍ଲୀ, ୧୭।୯(ପି.ଟି.)

■ ଛାତ୍ରଙ୍କୁ ଆକ୍ରମଣ ଅଭିଯୋଗ
■ ପରସ୍ପରକୁ ଦୋଷ ଲଦିଲେ ଏବିଭିପି, ବାମମେଣ୍ଟ
■ ନୂଆ ସଭାପତିଙ୍କୁ ମାଡ଼

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ (ଜେଏନ୍‌ୟୁଏସ୍‌ୟୁ) ନିର୍ବାଚନରେ ବାମମେଣ୍ଟ କେନ୍ଦ୍ରୀୟ କମିଟିର ଚାରୋଟି ଯାକ ପଦରେ ଜିତିଯାଇଛି। ଆର୍‌ଏସ୍‌ଏସ୍‌ର ଛାତ୍ରଶାଖା ଏବିଭିପିକୁ ପରାଜୟର ମୁଖ ଦେଖିବାକୁ ପଡ଼ିଛି। ଭୋଟ ଫଳାଫଳ ପ୍ରକାଶ ପାଇବାର କିଛିଘଣ୍ଟା ପରେ କ୍ୟାମ୍ପସ୍ ଅଶାନ୍ତ ହୋଇପଡ଼ିଛି। ସୋମବାର ପୂର୍ବାହ୍ନରେ ଏବିଭିପି ଏବଂ ବାମ ସମର୍ଥିତ ଏଆଇଏସ୍‌ଏର ସଦସ୍ୟମାନେ ହାତାହାତି ହୋଇଯାଇଛନ୍ତି। ନିଜର ସମର୍ଥକଙ୍କ ଉପରେ ଆକ୍ରମଣ ହୋଇଥିବା ପରସ୍ପର ବିରୋଧରେ ଅଭିଯୋଗ ଆଣୁଛନ୍ତି।

ଜେଏନ୍‌ୟୁ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀଙ୍କୁ ଅନେକ ଭୋଟ ବ୍ୟବଧାନରେ ହରାଇଛନ୍ତି ବାମ ପ୍ରାର୍ଥୀ। ତେବେ ନିର୍ବାଚନ କମିଟି ପକ୍ଷପାତିତା କରିଥିବା ଏବଂ ବିଶ୍ୱବିଦ୍ୟାଳୟରେ ହିଂସା ଘଟିଥିବା ଶନିବାର ଏବିଭିପି ଅଭିଯୋଗ ଆଣିଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ହେବା ଯୋଗୁ ଭୋଟଗଣତି ସାମୟିକ ବନ୍ଦ ରହିଥିଲା। ରବିବାର ଫଳାଫଳ ଘୋଷଣା ହେବାପରେ ଅସନ୍ତୋଷର ବହ୍ନି ଅଧିକ କୁହୁଳୁଛି। ସୋମବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ପୁଣି ଦ୍ୱିତୀୟ ଥର ଛାତ୍ର ସଂଘର୍ଷ ଘଟିଛି। ଗଣ୍ଡଗୋଳ ହେବା ପରେ ଏବିଭିପି ଏବଂ ବାମମେଣ୍ଟର ଛାତ୍ର ନେତାମାନେ ପରସ୍ପରକୁ କାଦୁଅ ଫିଙ୍ଗୁଛନ୍ତି। ଏଆଇଏସ୍‌ଏର ଅଭିଯୋଗ ଅନୁଯାୟୀ, ଏବିଭିପି ସଦସ୍ୟମାନେ ଛାତ୍ରମାନଙ୍କୁ ଅନେକଥର ଆକ୍ରମଣ କରିଛନ୍ତି ଏବଂ ଜଣେ ପୂର୍ବତନ ଛାତ୍ରଙ୍କୁ ହତ୍ୟା କରିଛନ୍ତି। ଜେଏନ୍‌ୟୁଏସ୍‌ୟୁର ନୂଆ ସଭାପତି ଏନ୍. ସାଇ ବାଲାଜୀଙ୍କୁ ଏବିଭିପି ସଦସ୍ୟ ନିଯୁକ୍ତ ମାଡ଼ ମାରିଛନ୍ତି। ଅନ୍ୟପଟେ ଆର୍‌ଏସ୍‌ଏସ୍ ସମର୍ଥିତ ଏବିଭିପି ପାଲଟା ଅଭିଯୋଗ କରିଛି। ବାମ ସମର୍ଥକମାନେ ଏହାର କର୍ମୀମାନଙ୍କୁ ଆକ୍ରମଣ କରିବା ଯୋଗୁ ୩ ଜଣ ଆହତ ହୋଇଥିବା ଏହା ଦର୍ଶାଇଛି।

# ଆଇବିରେ ସ୍ମାର୍ଟ ବର୍ଡର ଫେନ୍ସିଂ

ଜମ୍ମୁ,୧୭।୯(ପି.ଟି.)

ଜମ୍ମୁ-କଶ୍ମୀରରେ ଅନ୍ତର୍ଜାତୀୟ ସୀମାରେଖା (ଆଇବି)ରେ କାର୍ଯ୍ୟକାରୀ ହେଲା ସ୍ମାର୍ଟ ବର୍ଡର ଫେନ୍ସିଂ ସିଷ୍ଟମ୍। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର କମ୍ପ୍ରେହେନ୍‌ସିଭ୍ ଇଣ୍ଟିଗ୍ରେଟେଡ୍ ବୋର୍ଡର୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସିଆଇବିଏମ୍‌ଏସ୍) ଜରିଆରେ ନିର୍ମିତ ଦୁଇଟି ସ୍ମାର୍ଟ ବର୍ଡର ଫେନ୍ସିଂ ପ୍ରକଳ୍ପକୁ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଛନ୍ତି। ସିଆଇବିଏମ୍‌ଏସ୍‌କୁ ଜମ୍ମୁ-କଶ୍ମୀରରୁ ଆସାମ ପର୍ଯ୍ୟନ୍ତ ୨୬୦୦ କିଲୋମିଟର୍ ସୁଦୀର୍ଘ ସୀମାରେ ବ୍ୟବସ୍ଥା କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ବର୍ତ୍ତମାନ ଦୁଇଟି ପାଇଲଟ୍ ପ୍ରୋଜେକ୍ଟରେ ଆଇବି ନିକଟରେ ୫ କିଲୋମିଟର ଲେଖାଏ ସୀମାରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟ ସ୍ଥାନରେ ବ୍ୟବସ୍ଥା କରାଯିବ।

ବିଏସ୍‌ଏଫ୍‌ର ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ସୀମାପାର ଆତଙ୍କବାଦୀ ଅନୁପ୍ରବେଶ ଉପରେ ଲଗାମ ଲଗାଇବାରେ ଅଧିକ ସଫଳ ହେବ। ଏହି ନୂଆ ଟେକ୍ନୋଲୋଜି ଜରିଆରେ ସ୍ଥଳ, ଜଳ, ଆକାଶ ହେଉ ଅବା ଭୂତଳ ମାର୍ଗ, ସୀମାନ୍ତରେ କୌଣସି ପ୍ରକାର ଗତିବିଧିକୁ ଏହି ସ୍ମାର୍ଟ ଫେନ୍ସିଂ ଠାବ କରିପାରିବ। କୁହୁଡ଼ି, ବନ୍ୟା, ଝଡ଼ତୋଫାନ ହେଉ ଅବା କୌଣସି ସ୍ଥିତିରେ ଏହା କାର୍ଯ୍ୟ କରିବ ବୋଲି ବିଏସ୍‌ଏଫ୍ ଅତିରିକ୍ତ ମହାନିର୍ଦ୍ଦେଶକ ଏ.କେ. ଶର୍ମା ସୂଚନା ଦେଇଛନ୍ତି। ସ୍ମାର୍ଟ ବର୍ଡର ଫେନ୍ସିଂ ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ରାଜନାଥ ଆଇବି ସଂଲଗ୍ନ ଫରୱାର୍ଡ ଏରିଆକୁ ଗସ୍ତ କରିଥିଲେ। ଏହି ଅବସରରେ ସେ ସହରୀ ମାଓବାଦୀଙ୍କ ବିଷୟରେ କହିଥିଲେ। ସହରୀ ମାଓବାଦୀ ବିପଦ ଆକଳନ କରିବା ଜଟିଳ। କିନ୍ତୁ ଉଚିତ ଢଙ୍ଗରେ ଏହାର ମୁକାବିଲା କରାଯିବ ବୋଲି ରାଜନାଥ କହିଛନ୍ତି।

# ପାକ୍‌ରେ ଏବେ ବି ଚାଲିଛି ସେନା ଶାସନ

ନୂଆଦିଲ୍ଲୀ/ଜମ୍ମୁ,୧୭।୯(ପି.ଟି.)



ଇସାରା ଇସାରାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଟାର୍ଗେଟ୍ କରିଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ଭି.କେ. ସିଂ। ସେ କହିଛନ୍ତି, ଇସ୍‌ଲାମାବାଦରେ ଏବେ ବି ସେନା ଶାସନ ଚାଲିଛି। ଭାରତକୁ ନେଇ ପାକିସ୍ତାନର ଆଗାମୀ ପଦକ୍ଷେପ ଉପରେ ନୂଆଦିଲ୍ଲୀର ନଜର ରହିଛି। ଇସ୍‌ଲାମାବାଦରେ ନୂଆ ସରକାର ଆସିବା ପରେ ଭାରତ ବର୍ତ୍ତମାନ 'ୱେଟ୍ ଆଣ୍ଡ ୱାଚ୍ ପଲିସି' ଆପଣାଇଛି ବୋଲି ସିଂ କହିଛନ୍ତି। ସୀମାନ୍ତରେ ଅନୁପ୍ରବେଶ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଇମ୍ରାନଙ୍କ ନାମ ନ ନେଇ ସିଂ କହିଛନ୍ତି, ସେହି ବ୍ୟକ୍ତି ଜଣକ ପରିବର୍ତ୍ତନ ଆଣିବେ କି ନାହିଁ ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ପ୍ରତି ଭାରତର ନୀତି ହେଲା ଏକ ଅନୁକୂଳ ବାତାବରଣ ମଧ୍ୟରେ ଆଲୋଚନା ପ୍ରକ୍ରିୟାକୁ ଆଗେଇ ନେବା। ଇମ୍ରାନଙ୍କ ନେତୃତ୍ୱରେ ପାକିସ୍ତାନ ଭାରତ ପ୍ରତି ନିଜର ମାନସିକତା ପରିବର୍ତ୍ତନ କରୁଛି କି ନାହିଁ ତାହା ଭବିଷ୍ୟତ କହିବ। କିନ୍ତୁ ଇମ୍ରାନଙ୍କ ଶାସନରେ ସେଭଳି କିଛି ବାତାବରଣ ଦେଖାଯାଉ ନାହିଁ। ତଥାପି ଆଶାବାଦୀ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ସ୍ପଷ୍ଟ କରିସାରିଛନ୍ତି ବୋଲି ଭି.କେ. ସିଂ କହିଛନ୍ତି।

## ଫୁରସତ

# ୨୦୨୫ ସୁଦ୍ଧା ମାନବକୁ ଟପିଯିବ ମେଶିନ

ନୂଆଦିଲ୍ଲୀ:



୨୦୨୫ ବେଳକୁ ଅଧାରୁ ଅଧିକ କାର୍ଯ୍ୟ ମେଶିନ ଦ୍ୱାରା ହେବ। ରୋବୋ ବିପ୍ଳବ ଫଳରେ ଆସନ୍ତା ୫ବର୍ଷ ମଧ୍ୟରେ ଅଧିକାଂଶ କାର୍ଯ୍ୟ ମେଶିନ ଦ୍ୱାରା କରାଯିବ ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ୱାର୍ଲଡ ଇକୋନୋମିକ୍ ଫୋରମ୍ ଦ୍ୱାରା କରାଯାଇଥିବା ନୂତନ ଗବେଷଣା ଅନୁଯାୟୀ, ସ୍ୱୟଂକ୍ରିୟ ବ୍ୟବସ୍ଥା ଏବଂ ରୋବୋ ଦ୍ୱାରା ମାନବର କାର୍ଯ୍ୟ ପଦ୍ଧତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିବ। ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବିଭିନ୍ନ ସଂସ୍ଥାରେ ସମୁଦାୟ କାର୍ଯ୍ୟର ୭୧% ମଣିଷ ଦ୍ୱାରା କରାଯାଉଥିବା ବେଳେ ୨୯% ମେଶିନ୍ ଦ୍ୱାରା କରାଯାଉଛି। ୨୦୨୨ ବେଳକୁ ୫୮% କାର୍ଯ୍ୟ ମଣିଷ ଦ୍ୱାରା ଏବଂ ୪୨% ମେଶିନ୍ ଦ୍ୱାରା କରାଯାଉଥିବ। ୨୦୨୫ ବେଳକୁ ସମୁଦାୟ କାର୍ଯ୍ୟର ୫୨% ମେଶିନ୍ ଦ୍ୱାରା ହେଉଥିବ ବୋଲି ଉକ୍ତ ସର୍ବେକ୍ଷଣ ରିପୋର୍ଟରୁ ସୂଚନା ମିଳିଛି।

# ୧୮ ମିଶନ ଲଞ୍ଚ୍ କରିବ ଇସ୍ରୋ

ଚେନ୍ନାଇ:




ପିଏସ୍‌ଏଲ୍‌ଭି ମିଶନ୍‌ର କ୍ରମାଗତ ସଫଳତା ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆସନ୍ତା ୬ମାସ ମଧ୍ୟରେ ୧୮ଟି ମିଶନ୍ ଲଞ୍ଚ୍ କରିବାକୁ ସ୍ଥିର କରିଛି। ପ୍ରତି ୨ ସପ୍ତାହରେ ହାରାହାରି ଗୋଟିଏ ଲେଖା ମିଶନ୍ ଲଞ୍ଚ୍ ହେବ। ରବିବାର ରାତିରେ ଇସ୍ରୋ ସଫଳତାର ସହିତ 'ନୋଭାସାର' ଏବଂ 'ଏସ୍୧-୪' ନାମକ ଦୁଇଟି ବିଦେଶୀ ସାଟେଲାଇଟ୍ ଲଞ୍ଚ୍ କରି ପୃଥିବୀର କକ୍ଷପଥରେ ଅବସ୍ଥାନ କରିପାରିଛି। ଭୂପୃଷ୍ଠ ପର୍ଯ୍ୟବେକ୍ଷଣକାରୀ ଏହି ଦୁଇଟି ସାଟେଲାଇଟ୍‌କୁ ବ୍ରିଟେନ୍‌ର ସୁରେ ସାଟେଲାଇଟ୍ ଟେକ୍ନୋଲୋଜିକ୍ ଲିମିଟେଡ୍ ଦ୍ୱାରା ନିର୍ମାଣ କରାଯାଇଥିଲା।

ଇସ୍ରୋ ଚେୟାରମ୍ୟାନ୍ କେ. ଶିବନ୍ ଏକ ପ୍ରେସ୍ ଇସ୍ତାହାରରେ ୧୮ଟି ମିଶନ୍ ଲଞ୍ଚ୍ ବିଷୟ ପ୍ରକାଶ କରିଛନ୍ତି। ବରିଷ୍ଠ ବୈଜ୍ଞାନିକଙ୍କ କହିବାନୁଯାୟୀ, ଲଞ୍ଚ୍ ହେବାକୁ ଥିବା ସାଟେଲାଇଟ୍‌ଗୁଡ଼ିକ ମଧ୍ୟରେ ଜିଏସ୍‌ଏଟି-୧୧, ଚାନ୍ଦ୍ରାୟଣ-୨ ମୁନ୍ ମିଶନ୍ ଏବଂ ଜିଏସ୍‌ଏଲ୍‌ଭି-ଏମ୍‌କେ ୩-ଡି୨ ମିଶନ୍।

ଜିଏସ୍‌ଏଟି-୧୧ ହେଉଛି ଏକ ଯୋଗାଯୋଗକାରୀ ସାଟେଲାଇଟ୍। ଏହାକୁ ଫ୍ରେଞ୍ଚ୍ ଗୁଏନାରୁ ଉତ୍‌କ୍ଷେପଣ କରାଯିବ। ଚନ୍ଦ୍ରକୁ ଦ୍ୱିତୀୟ ମିଶନ୍ କ୍ରମରେ ଇସ୍ରୋ ୬ ଚକ ବିଶିଷ୍ଟ ଏକ ରୋଭର ଯାନକୁ ଚାନ୍ଦ୍ରାୟଣ-୨ ଦ୍ୱାରା ଚନ୍ଦ୍ରପୃଷ୍ଠରେ ଅବତରଣ କରାଇବ। ଜିଏସ୍‌ଏଲ୍‌ଭି-ଏମ୍‌କେ୩-ଡି୨ ମିଶନ୍ ପ୍ରଥମ ଥର ପାଇଁ ଯୋଗାଯୋଗକାରୀ ଯନ୍ତ୍ରାଂଶ ପରିବହନ କରିବ। ଗ୍ରାମାଞ୍ଚଳରେ ଡିଜିଟାଲ୍ ଯୋଗାଯୋଗ କ୍ଷେତ୍ରରେ ଏହା ସହାୟକ ହେବ।

# 'ବେବି'ଙ୍କୁ ଚୁମ୍ବନ ଦେଲେ ପ୍ରିୟଙ୍କା

ମୁମ୍ବାଇ:



ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପ୍ରେମିକ ବନ୍ଧୁ ନିକ୍ ଜୋନାସ୍‌ଙ୍କୁ ତାଙ୍କ ଜନ୍ମଦିନରେ ଚୁମ୍ବନ ଦେଇଥିଲେ। ଉକ୍ତ ଫଟୋଗ୍ରାଫ୍‌କୁ ପ୍ରିୟଙ୍କା ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ପ୍ରିୟଙ୍କା ଆମେରିକୀୟ ପପ୍ ଗାୟକ ନିକ୍ ଜୋନାସ୍‌ଙ୍କୁ ଶ୍ରଦ୍ଧାରେ 'ବେବି' ସମ୍ବୋଧନ କରନ୍ତି। ରବିବାର ନିକ୍ ୨୬ତମ ଜନ୍ମଦିବସ ପାଳନ କରିବା ଅବସରରେ ପ୍ରିୟଙ୍କା ଚୋପ୍ରା ତାଙ୍କୁ ଖୁସିରେ ଏହି ମହାର୍ଘ ଉପହାର ଦେଇଛନ୍ତି। ପ୍ରିୟଙ୍କା ବର୍ତ୍ତମାନ ଡଲାସ୍‌ରେ ଅଛନ୍ତି ଏବଂ ପପ୍‌ଷ୍ଟାର ଜୋନାସ୍‌ଙ୍କ ଚିବୁକରେ ଚୁମ୍ବନ ଦେଉଥିବାର ଫଟୋଗ୍ରାଫ୍‌କୁ ସେ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି।

ପ୍ରିୟଙ୍କାଙ୍କ ସମ୍ପର୍କୀୟ ପରିଣିତୀ ଚୋପ୍ରା ମଧ ଟୁଇଟ୍ କରି ନିକ୍‌ଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱର ସକଳ ସୁଖ ତୁମର ପ୍ରାପ୍ୟ ହେଉ ବୋଲି ସେ କାମନା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଅଗଷ୍ଟ ୧୮ରେ ମୁମ୍ବାଇରେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନାସ୍‌ଙ୍କର ପାରମ୍ପରିକ ରୀତିରେ 'ରୋକା'(ନିର୍ବନ୍ଧ) ଉତ୍ସବ ପାଳିତ ହୋଇଥିଲା। ଏହି ଉତ୍ସବରେ ଉଭୟଙ୍କ ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଏହାର ଦିନକ ପରେ ନିକ୍ ଆମେରିକା ଫେରିଯାଇଥିବା ବେଳେ ପ୍ରିୟଙ୍କା ତାଙ୍କର ନୂଆ ହିନ୍ଦୀ ଫିଲ୍ମ 'ଦି ସ୍କାଏ ଇଜ୍ ପିଙ୍କ୍'ର ଶୁଟିଂ ପାଇଁ ଯାଇଥିଲେ।


## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶା ସମେତ ବିଭିନ୍ନ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୩.୬ |
| ଚାନ୍ଦବାଲି | ୩୪.୦ | ୨୪.୯ |
| କଟକ | ୩୪.୦ | ୨୨.୬ |
| ପାରାଦ୍ୱୀପ | ୩୩.୬ | ୨୫.୪ |
| ଭୁବନେଶ୍ୱର | ୩୪.୨ | ୨୪.୦ |
| ଗୋପାଳପୁର | ୩୬.୧ | ୨୪.୮ |
| ପୁରୀ | ୩୩.୮ | ୨୪.୪ |
| ଅନୁଗୋଳ | ୩୩.୭ | ୨୦.୬ |
| ବାରିପଦା | ୩୪.୪ | ୨୫.୦ |
| ଝାରସୁଗୁଡ଼ା | ୩୩.୪ | ୨୪.୭ |
| କେନ୍ଦୁଝର | ୩୧.୮ | ୨୧.୬ |
| ସମ୍ବଲପୁର | ୩୧.୫ | ୨୩.୨ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୨.୫ | ୨୩.୫ |
| ତାଳଚେର | ୩୩.୨ | ୨୪.୬ |
| ଭବାନୀପାଟଣା | ୩୨.୨ | ୨୩.୦ |
| ବଲାଙ୍ଗୀର | ୩୨.୫ | ୨୨.୬ |
| କୋରାପୁଟ | ୨୬.୪ | ୧୯.୦ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | --- | ୨୦.୦ |
| ମାଲକାନଗିରି | ୩୦.୦ | --- |
| ସୋନପୁର | ୩୨.୮ | ୨୨.୦ |
| ଦାରିଙ୍ଗିବାଡ଼ି | ୨୭.୨ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ,ମଙ୍ଗଳବାର, ୧୮ ସେପ୍ଟେମ୍ବର,୨୦୧୮

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର, ରାଜପଥ ଅବରୋଧ

ଓଡାପଡା,୧୭।୯(ଡି.ଏନ.ଏ)- ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡିଆ ଫାଣ୍ଡି ୫୫ନଂ ଜାତୀୟ ରାଜପଥର ଗଦାଶିଳା ଛକ ନିକଟରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟି ସେହି ଅଞ୍ଚଳର ବିକାଶ ଦାସଙ୍କ ସମେତ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଉତ୍ତ୍ୟକ୍ତ ହୋଇ ରାଜପଥକୁ ଅବରୋଧ କରିଥିଲେ। ଘଟଣାରୁ ପ୍ରକାଶ ଯେ, ଅପରାହ୍ନ ପ୍ରାୟ ସାଢେ ୪ଟାରେ ବିକାଶ ଚାଲିଚାଲି ଓ ଅନ୍ୟଜଣେ ଯୁବକ ବାଇକ୍‌ରେ ରାସ୍ତା ପାର ହେଉଥିଲେ । ଏହି ସମୟରେ ଏକ କାର ଦ୍ରୁତ ଗତିରେ ଆସି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ଟି ବିକାଶଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ଝାରଗାଡିଆ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଖବରଲେଖା ହେବା ସୁଦ୍ଧା ଏ ନେଇ କୌଣସି ଅଭିଯୋଗ ହୋଇଥିବା ଝାରଗାଡିଆ ଫାଣ୍ଡି ସୂତ୍ରରୁ ପ୍ରକାଶ।

### ପୂର୍ବ ଶତ୍ରୁତାରୁ ମାର୍‌ପିଟ୍,୨ ମାମଲା

ଭୁବନ,୧୭।୯(ଡି.ଏନ.ଏ)- ଢେଙ୍କାନାଳ ଜିଲା ଭୁବନ ଥାନା ଭୂଷଳ ଗ୍ରାମ ତଳସାହିରେ ରବିବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଏହାକୁ ନେଇ ଉଭୟ ପକ୍ଷରୁ ଥାନାରେ ୨ଟି ମାମଲା ରୁଜୁ ହୋଇଛି । ଗ୍ରାମର ନିଶାକର ମାହୁନ୍ତ ଅଭିଯୋଗ କରିଛନ୍ତି ଯେ, ସେ ବନ୍ଧୁ ଘରକୁ ଭୋଜିଖାଇ ଯାଇଥିବା ବେଳେ ଗ୍ରାମର ସରୋଜ ମାହୁନ୍ତ, କୈଳାସ ମାହୁନ୍ତ, ଦୁଷ୍ମନ୍ତ ମାହୁନ୍ତ, ଶ୍ରୀନିବାସ ମାହୁନ୍ତ ଓ ପବିତ୍ର ମାହୁନ୍ତ ମିଶି ତାଙ୍କୁ ମାଡ ମାରିଥିଲେ। ଏ ସଂକ୍ରାନ୍ତରେ ନଂ. ୧୭୩।୧୮ରେ ଏକ ମାମଲା ରୁଜୁ କରାଯାଇଛି । ଅପରପକ୍ଷେ କୁମ୍ଭସେନ ମାହୁନ୍ତ ଅଭିଯୋଗ କରିଛନ୍ତି ଯେ, ପୂର୍ବ ଶତ୍ରୁତାକୁ ନେଇ ପ୍ରଭାସ ମାହୁନ୍ତ, ଚିତ୍ତରଞ୍ଜନ ମାହୁନ୍ତ, ନିରାକାର ମାହୁନ୍ତ, ମୁରଲୀଧର ମାହୁନ୍ତ, ବିଭୀଷଣ ମାହୁନ୍ତ, ଚିତ୍ରସେନ ମାହୁନ୍ତ ଓ ସନାତନ ମାହୁନ୍ତ ମିଶି ଆକ୍ରମଣ କରିଥିଲେ । ଏ ନେଇ ନଂ. ୧୭୪/୧୮ରେ ଆଉ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ୫୦ ଏକର ଜମିରେ ଫସଲ ନଷ୍ଟ

ଢେଙ୍କାନାଳ ଅଫିସ,୧୭।୯- ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗଦାଶିଳା ପଞ୍ଚାୟତର ସାଇଁବିରି ଗ୍ରାମରେ କେନ୍ଦ୍ର ସରକାରଙ୍କ କୃଷି ଯୋଜନାରେ ହୋଇଥିବା ୫୦ଏକର ଜମିରେ ଚିନାବାଦାମ ଚାଷ ବାର୍‌ହା ଉପଦ୍ରବ ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀମାନେ ଗୁରୁତର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ସରକାରଙ୍କଠାରୁ ବିହନ ପାଇ ୫୦ରୁ ଉର୍ଦ୍ଧ୍ୱ ଚାଷୀ ନିଜସ୍ୱ ଖର୍ଚ୍ଚରେ ନିକଟସ୍ଥ ପାତେଳି ପାହାଡ ନିକଟରେ ଚିନାବାଦାମ ଚାଷ କରିଥିଲେ। ରାତିରେ ନିକଟସ୍ଥ ଜଙ୍ଗଲରୁ ବହୁ ସଂଖ୍ୟାରେ ବାର୍‌ହା ପଶି ଫସଲ ନଷ୍ଟ କରିଥିବା ସେମାନେ ପ୍ରକାଶ କରିଛନ୍ତି। ସେହିପରି ମୁଗ ଫସଲଗୁଡିକ ମଧ ନଷ୍ଟ ହୋଇଛି । କେନ୍ଦ୍ର ସରକାର ସାଇଁବିରି ଗ୍ରାମକୁ କୃଷି ଯୋଜନା ସହାୟତାରେ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରାଯାଇଛି । କୃଷି ଓ ବନ ବିଭାଗ ବାର୍‌ହା ଘଉଡାଇବା ସହ କ୍ଷତିପୂରଣ ଯୋଗାଇବାକୁ ଚାଷୀ ଧନେଶ୍ୱର ରାଉଳ, ଜଗନ୍ନାଥ ସାହୁ, ସରୋଜ କୁମାର ସାହୁ, ପ୍ରହଲ୍ଲାଦ ସାହୁ ପ୍ରମୁଖ ଦାବି କରିଛନ୍ତି।

### ଶିକ୍ଷକ ସମସ୍ୟା ସମାଧାନ ଦାବି

ଢେଙ୍କାନାଳ ଅଫିସ,୧୭।୯- ରାଜ୍ୟରେ ଶିକ୍ଷକଙ୍କ ସମସ୍ୟା ସମାଧାନ ଦାବି କରି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ରାଜ୍ୟ ସଂଘ ଆହ୍ୱାନରେ ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଓ ତାଳବରକୋଟ ପଞ୍ଚାୟତରେ ସୋମବାର ଆନ୍ଦୋଳନ କରାଯାଇଛି। ଶିକ୍ଷକ କର୍ମଚାରୀମାନେ ସାଇକେଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଭିଭାବକ, ବିଦ୍ୟାଳୟ କମିଟି ସଭ୍ୟ ଓ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ମିତ୍ରଭାନୁ ମହାପାତ୍ର, ଜିଲା ସଂଯୋଜକ ବିଭୂତି ସାମଲଙ୍କ ନେତୃତ୍ୱରେ ଗୋବିନ୍ଦପୁର, ସିଆରିଆ ଓ ତାଳବରକୋଟ ଗ୍ରାମରେ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ, କର୍ମଚାରୀ ପ୍ରଭାତ ସାମଲ, ଦୁଃଖବନ୍ଧୁ ରାଉତ, ସୁରେଶ ପ୍ରଧାନ, କମିଟି ସଭ୍ୟ ବସନ୍ତ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ଗେଙ୍ଗୁଟିଆ ଓ ବାରଦା ପଞ୍ଚାୟତରେ ମଧ ଆନ୍ଦୋଳନ କରାଯାଇଥିଲା।

# ବଢୁଛି ସାର କଳାବଜାର

ଢେଙ୍କାନାଳ ଅଫିସ,୧୭।୯



- ୬,୫୦୦ ବଦଳରେ ଆସିଛି ୪ ହଜାର ମେଟ୍ରିକ ଟନ୍
- ବାହାରୁ ଚଢା ଦରରେ କିଣୁଛନ୍ତି ଚାଷୀ
- ୧୮ ତାରିଖ ସୁଦ୍ଧା ଜିଲାରେ ପହଞ୍ଚିବ ୟୁରିଆ

ସାର ସଙ୍କଟ ଓ ବାହାରେ ଚଢା ଦରରେ ସାର କଳାବଜାରକୁ ନେଇ ଚିନ୍ତାରେ ପଡିଛନ୍ତି ଚାଷୀ। ଚଳିତ ବର୍ଷ ଭଲ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ଆଗେଇଥିବାବେଳେ ଏବେ ସାର ସମସ୍ୟା ଯୋଗୁ ଭଲ ଫସଲ ଅମଳରେ ବାଧା ଉପୁଜିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଢେଙ୍କାନାଳ ଜିଲାରେ ଦେଖାଦେଇଥିବା ଏହି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ତଥା କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ସରକାର ପଦକ୍ଷେପ ନେବା ସହ ସାର ଠିକ୍ ସମୟରେ ସାର ଯୋଗାଇଦେବାକୁ ଚାଷୀ ମହଲରେ ଦାବି ହୋଇଛି।

ଜିଲାର ଓଡାପଡା ବ୍ଲକର ଚାଇଁପୁର, ଗଦାଶିଳା, ସିମିନଇ, ବଉଳପୁର, ସଦାଶିବପୁର, ବଳରାମପୁର, କାଶିଆଡିହ, ସଦର ବ୍ଲକର ମଣ୍ଡାପାଳ, ନୁଆଗାଁ ଆଦି ସ୍ଥାନରେ ସାରର କଳାବଜାର ହେଉଥିବା ଅଭିଯୋଗ ହୋଇଛି । ବ୍ୟବସାୟୀମାନେ ୟୁରିଆ ସାରକୁ ଗଚ୍ଛିତ ରଖି କେଜି ୬ ଟଙ୍କା ବଦଳରେ ୧୫ରୁ ଉର୍ଦ୍ଧ୍ୱ ଟଙ୍କାରେ ଚାଷୀଙ୍କୁ ବିକ୍ରି କରୁଛନ୍ତି। ଚଢା ଦରରେ ସାର କିଣିବାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲାର ଗଁଦିଆ ଓ ଭୁବନ ବ୍ଲକ ଅଞ୍ଚଳରେ ମଧ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାକୁ ପ୍ରତିବର୍ଷ ୬୫୦୦ ମେଟ୍ରିକ୍ ଟନ ୟୁରିଆ ସାର ଯୋଗାଯାଇଥଏ। ହେଲେ ଚଳିତବର୍ଷ ମାତ୍ର ୪ହଜାର ମେଟ୍ରିକ ଟନ୍ ସାର ମିଳିଥିବାରୁ ସମସ୍ୟା ଦେଖାଦେଇଛି। ଏଥିଯୋଗୁ ଜିଲାର ଭୁବନ ବ୍ଲକ ସମେତ ଅନେକ ଅଞ୍ଚଳରେ ଚାଷ ବିଳମ୍ୱ ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କୁହନ୍ତି, ଚଳିତବର୍ଷ ସମଗ୍ର ରାଜ୍ୟରେ ୟୁରିଆ ସାରର ଅଭାବ ରହିଛି। ଏ ନେଇ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ୧୮ ତାରିଖ ମଙ୍ଗଳବାର ସୁଦ୍ଧା ୟୁରିଆ ସାର ଜିଲାକୁ ପହଞ୍ଚିବ ବୋଲି ଖବର ମିଳିଛି। ସେହିପରି କଳାବଜାରି ହେଉଥିବା ୩୬ଟି ସ୍ଥାନରେ କୃଷି ବିଭାଗ ଅଧିକାରୀମାନେ ଚଢାଉ କରିବା ସହିତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ବ୍ୟବସାୟୀମାନଙ୍କୁ ତାଗିଦ କରାଯାଇଥିବା ଜିଲା କୃଷି ଉପନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

## ବାପା, ୨ ଭାଇଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

ପରଜଙ୍ଗ,୧୭।୯(ଡି.ଏନ.ଏ.)

ପାରିବାରିକ କଳହକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଲେଇ ରଗଡିସାହିର ପ୍ରଦୀପ ଜେନା ନିଜ ବାପା ଓ ଦୁଇ ଭାଇଙ୍କୁ ଟ୍ରକ୍ ଚଢାଇ ହତ୍ୟା ଉଦ୍ୟମ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଟ୍ରକ୍ (ନଂ.ଓଆର-୧୯-ଏମ ୩୫୧୭)କୁ ଜବତ କରିବା ସହ ପ୍ରଦୀପଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୋଲିସ ସୂଚନା ମୁତାବକ, ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ ନଂ. ଜାତୀୟ ରାଜପଥର ରାଣା ସ୍ପଞ୍ଜ ଆଇରନ କାରଖାନାଠାରୁ ଅଳ୍ପ ଦୂରରେ ଥିବା କୁଲେଇ ରଗଡ଼ି ସାହିର ନେପାଳ ଜେନାଙ୍କ ଘରେ କିଛିଦିନ ହେବ ଝଗଡ଼ା ଲାଗି ରହିଥିଲା। ସୋମବାର ସକାଳେ ଥର୍ମାଲଠାରେ ପ୍ରଦୀପଙ୍କ ସହିତ ତାଙ୍କ ସାନ ମଝିଆ ଭାଇ ମିଟୁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଖବରପାଇ ସାନ ଭାଇ ଭୀମସେନ ଓ ବାପା ନେପାଳ ସେଠାରେ ପହଞ୍ଚି ଥିଲେ। ଝଗଡ଼ା ବଢିବାରୁ ଉତ୍ତ୍ୟକ୍ତ ହୋଇ ପ୍ରଦୀପ ବାପା ନେପାଳ, ଭାଇ ମିଟୁ ଓ ଭୀମସେନଙ୍କୁ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ସେଠାରୁ ତୁରନ୍ତ ନେପାଳ, ମିଟୁ ଓ ଭୀମସେନ ବାଇକ ଯୋଗେ ଘରକୁ ଆସିବାକୁ ଚେଷ୍ଟା କରୁଥିବାବେଳେ ପ୍ରଦୀପ ତାଙ୍କ ଭଡା ଟ୍ରକ୍‌ରେ ପଛରେ ଯାଇ ସେମାନଙ୍କ ଉପରେ ଚଢ଼ାଇ ଦେବାକୁ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ପ୍ରଦୀପଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

## ଇଭିଏମ୍‌ର ପ୍ରଥମସ୍ତରୀୟ ଯାଞ୍ଚ ଆରମ୍ଭ



ଢେଙ୍କାନାଳରେ ଇଭିଏମ୍ ଯାଞ୍ଚ କରାଯାଉଛି।

ଢେଙ୍କାନାଳ ଅଫିସ,୧୭।୯

ଆଗାମୀ ସାଧାରଣ ନିର୍ବାଚନରେ ଢେଙ୍କାନାଳ ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସିଥିବା ଇଭିଏମ୍‌ର ପ୍ରଥମସ୍ତରୀୟ ଯାଞ୍ଚ କାର୍ଯ୍ୟକ୍ରମ ସୋମବାର ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଏହା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାର ୪ଟି ଯାକ ନିର୍ବାଚନ ମଣ୍ଡଳୀ ପାଇଁ ସମୁଦାୟ ୨୫୪୦ଟି ବାଲଟ୍ ଓ କଣ୍ଟ୍ରୋଲ ୟୁନିଟ ଆସିଛି । ପ୍ରଥମ ଦିବସରେ ୧୩୧ଟି କଣ୍ଟ୍ରୋଲ ୟୁନିଟ ମଧ୍ୟରୁ ୯୭ଟି ଠିକ୍ ଥିବା ବେଳେ ୩୪ଟି ଖରାପ ଥିବା ଜଣାପଡିଛି। ସେହିପରି ୯୯ଟି ବାଲଟ୍ ୟୁନିଟ ଯାଞ୍ଚ ପରେ ସେଥିମଧ୍ୟରୁ ୫ଟି ଖରାପ ଥିବା ଜଣାପଡିଛି। ଜିଲାପାଳ ତଥା ତଥା ଜିଲା ନର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ତତ୍ତ୍ୱାବଧାନରେ ଏହି ଯାଞ୍ଚ କାର୍ଯ୍ୟବେଳେ ଏସ୍‌ପି ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ । ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର ଓ କଂଗ୍ରେସର ଜିଲା ସଭାପତି ସୁରେଶଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ୨୦ଜଣ ସରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରଥମସ୍ତରୀୟ ଯାଞ୍ଚ କାର୍ଯ୍ୟକ୍ରମର ସୁପରଭାଇଜର ରହିଛନ୍ତି । ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ, ଢେଙ୍କାନାଳ ଉପଜିଲାପାଳ ପୀତାମ୍ବର ସାମଲ, ଯାଞ୍ଚ କାର୍ଯ୍ୟ ତଦାରଖ କରୁଛନ୍ତି। ସଦର ବିଡିଓ ସରୋଜ କୁମାର ଦତ୍ତ ନୋଡାଲ ଅଫିସର ଓ ସହକାରୀ ଜିଲାପାଳ ସ୍ମୃତିରଞ୍ଜନ ମହାପାତ୍ର ଚେକିଂ ମାଜିଷ୍ଟ୍ରେଟ ଭାବେ ନିୟୋଜିତ ଅଛନ୍ତି। ଇଲେକ୍ଟ୍ରୋନିକ୍ସ କର୍ପୋରେଶନ ଅଫ୍ ଲିମିଟେଡ୍ ହାଇଦ୍ରାବାଦର ପ୍ରମୁଖ ଇଞ୍ଜିନିୟର ଆଶିଷ କୁମାରଙ୍କ ସମେତ ୭ ଜଣ ଇଞ୍ଜିନିୟର ଯାଞ୍ଚ କାର୍ଯ୍ୟ କରୁଛନ୍ତି। ସହକାରୀ ଜିଲା ନିର୍ବାଚନ ଅଧିକାରୀ ଭଜନାନନ୍ଦ ସାହୁ, ଜିଲା ଆପାତକାଳୀନ ଅଧିକାରୀ ସୀତାଂଶୁ ଶେଖର ଦାସ ସହଯୋଗ କରୁଛନ୍ତି । ଏଥିପାଇଁ କଡା ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଭୂଷଣରେ ଦୁର୍ଘଟଣା, ଶ୍ରମିକ ମୃତ

ଓଡାପଡା,୧୭।୯(ଡି.ଏନ.ଏ)

**ଟାଟା ଅଧିଗ୍ରହଣର ୪ ମାସରେ ୨ ମୃତ, ୫ ଗୁରୁତର**

ଢେଙ୍କାନାଳ ଜିଲା କଣ୍ଟାବଣିଆଠାରେ ଥିବା ଭୂଷଣ ଷ୍ଟିଲ କାରଖାନାରେ ସୋମବାର ପୂର୍ବାହ୍ନରେ ଏକ ଦୁର୍ଘଟଣାରେ ଶ୍ରମିକ ସୋମନାଥ କୋହ୍ଲାର(୨୧)ଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଘର ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଖମାର ଅଞ୍ଚଳରେ।

ଘଟଣାରୁ ପ୍ରକାଶ, ସୋମନାଥ ଭୂଷଣ କମ୍ପାନୀରେ ଲକି ମିନେରାଲ ନାମକ ଠିକା ସଂସ୍ଥାର ଉପ ଠିକାଦାର କେଏନ୍‌କେ ଟ୍ରେଡ୍‌ସରେ ଜଣେ କପଲିଙ୍ଗ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀକୁ ଆସୁଥିବା ମାଲବାହୀ ଟ୍ରେନ୍‌ର ଡବାଗୁଡିକୁ ଖୋଲିବା, ବନ୍ଦ କରିବା, ସଂଯୋଗ ଓ ବିଚ୍ଛିନ୍ନ କରିବା ଆଦି କାର୍ଯ୍ୟ କରୁଥିଲେ। ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ କମ୍ପାନୀର ର’ ମ୍ୟାଟେରିଆଲ ହାଣ୍ଡଲିଙ୍ଗ୍ ସିଷ୍ଟମ ଅଞ୍ଚଳରେ ସେ କାର୍ଯ୍ୟ କରୁଥିଲେ । ଏକ ମାଲବାହୀ ଟ୍ରେନ୍ ବଗିକୁ ସେ ସଂଯୋଗ କରୁଥିବା ବେଳେ ହଠାତ୍ ସେଥିରୁ ଏକ ଲୁହା ଆର୍ମ ତାଙ୍କ ପେଟରେ ବାଜି ଯାଇଥିଲା । ଫଳରେ ସେ ଚେତାଶୂନ୍ୟ ହୋଇ ତଳେ ଖସିପଡିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ କାରଖାନା ପରିସରରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା । ଭୂଷଣ କମ୍ପାନୀକୁ ଟାଟା ଷ୍ଟିଲ ଅଧିଗ୍ରହଣ କରିବାର ମାତ୍ର ୪ ମାସ ମଧ୍ୟରେ ଦୁର୍ଘଟଣାରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସର୍ବନିମ୍ନ ସୁରକ୍ଷା ବ୍ୟବସ୍ଥାକୁ ଠିକ୍ ଭାବରେ ପାଳନ କରାଯାଇ ନ ଥିବାରୁ ଦୁର୍ଘଟଣା ଘଟିଥିବା ଭୂଷଣ ଷ୍ଟିଲ ଶ୍ରମିକ ସଭାର ସାଧାରଣ ସମ୍ପାଦକ ପବିତ୍ର କୁମାର ବିଶ୍ୱାଳ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବାକୁ ସେ ଦାବି କରିଛନ୍ତି।

■ପାଲା ଗାୟକ ସଂଘର ଅଭିଯୋଗ

## ଭତ୍ତା କରାଇଦେବା ନାଁରେ ଅର୍ଥ ଆଦାୟ

ଢେଙ୍କାନାଳ ଅଫିସ,୧୭।୯



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ପାଲା ଗାୟକ ସଂଘର କର୍ମକର୍ତ୍ତାମାନେ।

ପାଲା କଳାକାରଙ୍କ ପେନସନ କରାଇଦେବାକୁ କହି ଜିଲା ସଂସ୍କୃତି କାର୍ଯ୍ୟାଳୟରେ ଅର୍ଥ ଆଦାୟ ହେଉଥିବା ଅଭିଯୋଗ ଆଣିଛି ଢେଙ୍କାନାଳ ଜିଲା ପାଲାଗାୟକ ସଂଘ। ଏ ନେଇ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ତଦନ୍ତ କରାଯିବା ସହ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ଯୋଜନାରେ ସାମିଲ ପାଇଁ ସଂଘ ଦାବି କରିଛି।

ସଂଘର ଅଭିଯୋଗ ମୁତାବକ, ଜିଲା ସଂସ୍କୃତି କାର୍ଯ୍ୟାଳୟ ଓ ସଂସ୍କୃତି ପରିଷଦ ସହିତ ଜଡିତ କିଛି ବ୍ୟକ୍ତି ବିଶେଷ କଳାକାରମାନଙ୍କୁ ଶୋଷଣ କରୁଛନ୍ତି। ଭତ୍ତା କରାଇଦେବା ନାଁରେ କଳାକାରମାନଙ୍କଠାରୁ ଟଙ୍କା ଦାବି କରାଯାଉଛି। ଫଳରେ ଅନେକ କଳାକାର ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବା ସହ ପାଲା କଳାକାରମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା, ଜିଲା ସଂସ୍କୃତି କାର୍ଯ୍ୟାଳୟକୁ ନିରପେକ୍ଷ ଭାବେ ପରିଚାଳନା କରାଯିବା, ନିର୍ବାଚନ ଭିତ୍ତିରେ ଜିଲାର ସମସ୍ତ କଳାକାରଙ୍କୁ ଅବଗତ କରାଇ ବ୍ଲକ ସଂସ୍କୃତି ପରିଷଦ ଓ ଉପସଭାପତି ନିର୍ବାଚନ କରାଯିବା ଆଦି ଦାବି ହୋଇଛି। ଏ ନେଇ ସଂଘ ଉପସଭାପତି କାମେଶ୍ୱର ପଣ୍ଡା, ଜିଲା ସଭାପତି ଉଦୟ କୁମାର ପଟ୍ଟନାୟକ, ରାଜ୍ୟସଂଘ ସଭ୍ୟ ଦୁର୍ଗାମାଧବ ପୃଷ୍ଟି, ଉମେଶ କୁମାର ମହାନ୍ତ, ରୁଦ୍ରାକ୍ଷ ମଲ୍ଲିକ ଓ ରମେଶଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଜିଲାପାଳଙ୍କୁ ଜଣାଇଛନ୍ତି । ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ହରିହର ପଞ୍ଝିଆରି କୁହନ୍ତି, ମୁଁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି । ଜିଲା ସଂସ୍କୃତି ପରିଷଦର କାର୍ଯ୍ୟକାଳ ଆସନ୍ତା ୨୭ରେ ପୁରି ଯାଉଛି । ଏହାର ପୁର୍ନଗଠନ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଜଣାଇଛି। ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ କୁହନ୍ତି, ଅଭିଯୋଗ ମିଳିଛି। କଳାକାରଙ୍କୁ ଭତ୍ତା ପାଇଁ ଚୟନ ପ୍ରକ୍ରିୟା ହୋଇନାହିଁ । ଏଥିପାଇଁ ଏକ ସ୍କ୍ରିନିଂ କମିଟି ଗଠନ ନିମନ୍ତେ ଜିଲାପାଳଙ୍କୁ ଜଣାଯାଇଛି। ଅଭିଜ୍ଞତା ଥିବା ଓ ନିରପେକ୍ଷ ବ୍ୟକ୍ତି ବିଶେଷଙ୍କୁ ଏହି କମିଟିରେ ସ୍ଥାନ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ।

## ବାଣ ବିସ୍ଫୋରଣରେ ୯ ଗୁରୁତର

ଭୁବନ,୧୭।୯(ଡି.ଏନ.ଏ.)

ଗଣେଶ ପୂଜା ଭସାଣିବେଳେ ରବିବାର ରାତିରେ ବାଣ ବିସ୍ଫୋରଣ ଯୋଗୁ ଢେଙ୍କାନାଳ ଜିଲା ଭୁବନ ଥାନା ଭୂଷଳ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମର ୯ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୁମ୍ଭକର୍ଣ୍ଣ କୁମାର(୨୦), ନୟନ କମାର(୬୨), ସୀତା କମାର(୪୨), ସଞ୍ଜୟ କମାର(୪୦), ପ୍ରଦୀପ କମାର (୨୭), ମୁକୁନ ମେହେଣା (୮), ଶକ୍ତି ବେହେରା (୯), ଝରିଆ କମାର (୪୫) ଓ ପ୍ରଶାନ୍ତ ନାଥ(୪୦)। ଗ୍ରାମବାସୀ ସେମାନଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କୁମ୍ଭକର୍ଣ୍ଣଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ଘଟଣାରୁ ଜଣାପଡିଛି, ଗ୍ରାମର ଦେହୁରୀ ସାହିରେ ସନ୍ଧ୍ୟାରେ ଭସାଣି ଚାଲିଥିବାବେଳେ କୁମ୍ଭକର୍ଣ୍ଣ ଏକ ଖୋଳା ବାଣର ବାରୁଦକୁ ଡବାରେ ପୁରାଇ ନିଆଁ ଲଗାଇଦେବାରୁ ଏହା ଫାଟି ବିସ୍ଫୋରଣ ହୋଇଥିଲା। କୁମ୍ଭକର୍ଣ୍ଣଙ୍କ ଡାହାଣ ହାତର ଦୁଇଟି ଆଙ୍ଗୁଠି ଛିଡ଼ି ପଡିଥିଲା। ସେହି ସମୟରେ ଶୋଭାଯାତ୍ରା ଦେଖୁଥିବା ଅନ୍ୟ ୮ ଜଣ ଗୁରୁତର ହୋଇଥିଲେ।

## ମିନାବଜାର କମିଟିର ପ୍ଲାଟିନମ୍ ଜୁବିଲି



ମିନାବଜାର କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଉଛି।

ଢେଙ୍କାନାଳ ଅଫିସ,୧୭।୯

ଢେଙ୍କାନାଳ ମିନାବଜାରସ୍ଥିତ ଶ୍ରୀଶ୍ରୀ ମଉଡମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବୁଲି ପାଳନ କରାଯାଉଛି। ଏହି ଉତ୍ସବର ପ୍ରଥମପର୍ବ ଭାବେ ସୋମବାର ପବିତ୍ର ରାଧାଷ୍ଟମୀ ଅବସରରେ ପୂଜା ପ୍ରତିଷ୍ଠାନ ପକ୍ଷରୁ ମା’ ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ବଡଯୋରା ନାଳଠାରୁ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଥିଲା। ଏହାପରେ ମାଟିକୁ ବଳରାମ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ନିଆଯାଇଥିଲା। ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆଉ ପ୍ରାୟ ମାସେ ଥିବାରୁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖଦେଇଛି। ମୀନାବଜାର ପୂଜା ପ୍ରତିଷ୍ଠାନ ସଭାପତି ଲୁଲୁ ପଟ୍ଟନାୟକ ଓ ସମ୍ପାଦକ ନିରୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୧ ତାରିଖ ସୁନିଆ ପର୍ବ ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ଅନ୍ୟ ପୂଜା ପ୍ରତିଷ୍ଠାନ ପକ୍ଷରୁ ବ୍ରାହ୍ମଣୀ ନଦୀ ଓ ବଡଯୋରା ନାଳରୁ ମା’ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯିବ।

## ୨୪ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ,୧୭।୯

ଢେଙ୍କାନାଳ ଜିଲା ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ଇନ୍ଦିରାଆବାସ, ବିଜୁ ପକ୍କାଘର ଓ ପୋଲିସ ସମ୍ବନ୍ଧୀୟ ୬୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ୪ ଜଣଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ, ଏସ୍‌ପି ସନ୍ତୋଷ କୁମାର ନାୟକ, ଡିଏଫ୍‌ଓ ମିରାସେ ପ୍ରଦୀପଦେବୀ ଦାସ, ଡିଆରଡିଏ ସହକାରୀ ନିର୍ଦ୍ଦେଶକ ଧୀରେନ୍ଦ୍ର କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା, ଜଳ ଓ ପରିମଳ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଜିଲା କଲ୍ୟାଣ ଅଧିକାରୀ ମାନସ ରଞ୍ଜନ ମିଶ୍ର, ମଙ୍ଗଳ ଅଧିକାରୀ ଅହଲ୍ୟା ହୋତା, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ତହସିଲଦାର ଉଦୟନାଥ ମହାପାତ୍ର, ପିଜି ସେଲ ଅଧିକାରୀ ଲଲାଟ କେଶରୀ ଦଳେଇ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

■ଜିଲାପାଳଙ୍କଠାରେ ରୁଙ୍ଗ୍‌ଟା କ୍ଷତିଗ୍ରସ୍ତଙ୍କ ଅଭିଯୋଗ

## ୧୨ ବର୍ଷ ହେଲା ପ୍ରତିଶ୍ରୁତି ରଖୁନି କମ୍ପାନୀ

ଓଡାପଡା,୧୭।୯(ଡି.ଏନ.ଏ)



ରୁଙ୍ଗ୍‌ଟା କ୍ଷତିଗ୍ରସ୍ତ ପ୍ରଜା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

- ଜାଣିଶୁଣି ବିଳମ୍ୱ ହେଉଛି ନିର୍ମାଣ କାର୍ଯ୍ୟ
- ବିଶୃଙ୍ଖଳା ପଛରେ କମ୍ପାନୀ କର୍ତ୍ତୃପକ୍ଷ
- ୧୫ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡବନ୍ଧ ଗ୍ରାମର ରୁଙ୍ଗ୍‌ଟା କମ୍ପାନୀରେ ଜମି ହରାଇଥିବା ଗ୍ରାମବାସୀ ସେମାନଙ୍କ ସମସ୍ୟା ନେଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜମି ଅଧିଗ୍ରହଣକୁ ୧୨ ବର୍ଷ ବିତିଥିଲେ ବି ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ ଇସ୍ପାତ କାରଖାନା ପାଇଁ କମ୍ପାନୀ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ଥିବା ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ୧୩ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଅଭିଯୋଗ ମୁତାବକ, ୧୨ ବର୍ଷ ହେଲା କମ୍ପାନୀ କାରଖାନା ପାଇଁ ଜମି ଅଧିଗ୍ରହଣ କରିଥିବାବେଳେ ଜାଣିଶୁଣି ନିର୍ମାଣ କାର୍ଯ୍ୟରୁ ବିରତ ରହିଥିଲା । ପ୍ରାୟ ବର୍ଷେ ହେବ ମନ୍ଥର ଗତିରେ କମ୍ପାନୀ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ମଧ ଜମି ଅଧିଗ୍ରହଣ ସମୟରେ ଦେଇଥିବା ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ ପାଳନ କରାଯାଇନାହିଁ। ଫଳରେ ଜମିହରାମାନେ ନିଜର ଜୀବିକା ହରାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଜମିହରା ପ୍ରଜାଙ୍କୁ ପରିଚୟପତ୍ର ପ୍ରଦାନ, ପରିବାରକୁ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ଭତ୍ତା ପ୍ରଦାନ, ଜମିର ପୁନଃ ମୂଲ୍ୟାୟନ, ଗ୍ରାମର ପ୍ରତ୍ୟେକ ପରିବାରକୁ ପାନୀୟଜଳ ଯୋଗାଣ, ଅଧିଗୃହୀତ ପୋଖରୀ ବଦଳରେ ନୂତନ ପୋଖରୀ ନିର୍ମାଣ, ନୂତନ ଗୋଚର ଜମି ପ୍ରଦାନ, ଝାଡବନ୍ଧ-ନିମବାହାଳୀ ରାସ୍ତା ପୁନଃ ନିର୍ମାଣ, ଆଇଟିଆଇ ପାସ୍ ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ, କମ୍ପାନୀର ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ଓ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ଆଦି ଦାବି ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ କମ୍ପାନୀର କାର୍ଯ୍ୟବନ୍ଦ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ୧୮ ସେପ୍ଟେମ୍ବର, ୨୦୧୮



ମଧ୍ୟପ୍ରଦେଶ ଇନ୍ଦୋରରେ ଘଟିଛି ଏକ ଅଘଟଣା। ଶିକ୍ଷୟିତ୍ରୀ ଏକ ଲକ୍ଷରୁ ଅଧିକ ଟଙ୍କା ଏବଂ କିଛି ଅଳଙ୍କାର ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଶଙ୍କରବାଗ୍ କଲୋନୀରେ ୨୮ ବର୍ଷ ବୟସ୍କା ସ୍ୱପ୍ନା ଚୌହ୍ୱାନ ନାମ୍ନୀ ଅଭିଯୁକ୍ତା ଶିକ୍ଷୟିତ୍ରୀ ୧୫ ଏବଂ ୧୬ ବର୍ଷ ବୟସ୍କ ଦୁଇ ଏକାଦଶ ଶ୍ରେଣୀ ଛାତ୍ରଙ୍କୁ ଅପହରଣ କରିନେଇଥିବା ମାମଲା ଥାନାରେ ଦାଏର ହୋଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଟିଆଇ ସନ୍ତୋଷ ସିଂ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଗ୍ରାମବାସୀ ମୃତ

**ମାଲକାନଗିରି,୧୭।୯(ଡି.ଏନ.ଏ.):** ଲାଲବାହିନୀ ପକ୍ଷରୁ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ନିକଟସ୍ଥ ଗ୍ରାମର ୨ ଜଣ ଗ୍ରାମବାସୀଙ୍କ ଜୀବନହାନୀ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ସୁକ୍‌ମା ଜିଲା ଚିନ୍ତାଗୁଫା ଥାନା ଅନ୍ତର୍ଗତ ମେଟାଗୁଡେମ ଗ୍ରାମ ନିକଟରେ ରବିବାର ଏପରି ଘଟଣା ଘଟିଛି ବୋଲି ସୁକ୍‌ମା ଏସପି ଅଭିଷେକ ମୀନା କହିଛନ୍ତି। ମୃତକମାନଙ୍କ ପରିଚୟ ମିଳିପାରିନାହିଁ। ଘଟଣାକୁ ନେଇ ସମ୍ପୃକ୍ତ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଖବରରୁ ଜଣାପଡିଛି ଚିନ୍ତାଗୁଫା ଥାନାର ମେଟାଗୁଡେମ ଗ୍ରାମ ନିକଟସ୍ଥ ରାସ୍ତାଦେଇ ରବିବାର ଯବାନଙ୍କ ଯାତାୟାତ କାର୍ଯ୍ୟକ୍ରମ ରହିଥିବା ଖବରପାଇ ମାଓବାଦୀମାନେ ଲ୍ୟାଣ୍ଡମାଇନ ବିଛାଇଥିଲେ। ମାତ୍ର ଯବାନମାନେ ଏହି ରାସ୍ତାରେ ଯିବା ପୂର୍ବରୁ ୨ଜଣ ଗ୍ରାମବାସୀ ଲ୍ୟାଣ୍ଡମାଇନ ବିସ୍ଫୋରଣର ଶିକାର ହୋଇଥିଲେ। ୨ ଗ୍ରାମବାସୀଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବାବେଳେ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

■ ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ ଉତ୍ସବ

# ସ୍ଥିତି ସମୀକ୍ଷା କଲେ ଧର୍ମେନ୍ଦ୍ର

**ଝାରସୁଗୁଡ଼ା ଅଫିସ,୧୭।୯**

ଝାରସୁଗୁଡ଼ା ବିମାନବନ୍ଦର ସେପ୍ଟେମ୍ବର ୨୨ ତାରିଖରେ ଲୋକାର୍ପଣ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନବନ୍ଦରର ଉଦ୍‌ଘାଟନ କରିବେ। ଏହାକୁ ନେଇ ଜିଲା, ରାଜ୍ୟ ଏବଂ ଜାତୀୟସ୍ତରର ଭାଜପା ନେତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହାସହ ଆଉ ୨ଟି ପ୍ରକଳ୍ପର ଲୋକାର୍ପଣ ମଧ୍ୟ ଝାରସୁଗୁଡ଼ାରୁ ପ୍ରଧାନମନ୍ତ୍ରୀଙ୍କ ହାତରେ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ଝାରସୁଗୁଡ଼ା ବିମାନବନ୍ଦର, ଅମଲିପାଲିସ୍ଥିତ ସଭାସ୍ଥଳ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ପୂର୍ବକ କାର୍ଯ୍ୟ ତଦାରଖ ଓ ସମୀକ୍ଷା କରିଛନ୍ତି। ବିମାନବନ୍ଦର କର୍ତ୍ତୃପକ୍ଷ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ବିମାନବନ୍ଦରରେ ଉପଲବ୍ଧ ହେବାକୁ ଥିବା ବିଭିନ୍ନ ସେବା ଓ ସୁବିଧା ବିଷୟରେ ଅବଗତ କରାଇଛନ୍ତି।

୧୦୨୭.୫ ଏକର ପରିମିତ ଜମିରେ ଝାରସୁଗୁଡ଼ା ବିମାନବନ୍ଦର ନିର୍ମିତ। ଉଦ୍‌ଘାଟନ ଦିନ ହିଁ ଝାରସୁଗୁଡ଼ାରୁ ଉଡାନ ଯୋଜନାରେ ୩ଟି ପ୍ରମୁଖ ସ୍ଥାନକୁ ବିମାନ ଉଡିବ। ଆଗାମୀ ଦିନରେ ଏୟାର ବସ୍ ଭଳି ବୋଇଂ ବିମାନ ମଧ୍ୟ ଝାରସୁଗୁଡ଼ାରୁ ଉଡିବା ଆରମ୍ଭ କରିବ। ସେଥିପାଇଁ ସେ ସ୍ପାଇସ୍ ଜେଟ୍ ଓ ଇଣ୍ଡିଗୋ ମୁଖ୍ୟଙ୍କ ସହ କଥାବାର୍ତ୍ତା କରିଛନ୍ତି। ସେମାନଙ୍କ ତରଫରୁ ପଜିଟିଭ୍ ରେସପନ୍ସ ମିଳିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଉଡାନ୍ ଯୋଜନାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ସମେତ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, ରସାୟନ ଓ ସାର ମନ୍ତ୍ରୀ ଅନନ୍ତ କୁମାର, କେନ୍ଦ୍ର ଆଦିବାସୀ ବ୍ୟାପାରମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଯୋଗଦେବେ। ଏହି ଅବସରରେ ହିଁ ଝାରସୁଗୁଡ଼ା ବିମାନବନ୍ଦର ସହିତ ଝାରସୁଗୁଡ଼ା-ସରଡେଗା ରେଳ ଲାଇନ୍ ଏବଂ ସୁନ୍ଦରଗଡ଼ ଜିଲାର ୨ଟି କୋଇଲା ଖଣି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ। ସୋମବାର ତଦାରଖ ଏବଂ ସ୍ଥିତି ସମୀକ୍ଷା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମେତ, ମନ୍ତ୍ରୀ ଓରାମ, ଭାଜପା ରାଷ୍ଟ୍ରୀୟ ସଚିବ ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ସୁବାସ ଚୌହାନ, ଟଙ୍କଧର ତ୍ରିପାଠୀ, ଦିନେଶ ଜୈନ, ରଞ୍ଜନ ପଟେଲ, ସୁନୀଲ ପଣ୍ଡା, ନରେଶ ନାଏକ, ବିମଳେନ୍ଦୁ ଭୋଳ, ବଲବିନ୍ଦର ସିଂ ପ୍ରମୁଖ ଝାରସୁଗୁଡ଼ା ବିମାନବନ୍ଦର ବୁଲି ଦେଖିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଝାରସୁଗୁଡ଼ା ବିମାନବନ୍ଦର ଟର୍ମିନାଲ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

■ ଉଡ଼ାଣ ପରେ ଏୟାରବସ୍ ସେବା

■ ଯୋଗଦେବେ ପ୍ରଧାନମନ୍ତ୍ରୀ, ୩ କେନ୍ଦ୍ରମନ୍ତ୍ରୀ

# ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ୨୪.୫୯ ଲକ୍ଷ

■ କର୍ନାଟକ ସର୍ବାଗ୍ରେ ■ ସବାତଳେ ଛତିଶଗଡ଼

**ନୂଆଦିଲ୍ଲୀ,୧୭।୯:** ଆମ ଦେଶରେ ବିଧାୟକଙ୍କ ବାର୍ଷିକ ଆୟ ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ସବୁ ରାଜ୍ୟର ବିଧାୟକଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି, ସେମାନଙ୍କ ହାରାହାରି ଆୟ ବାର୍ଷିକ ୨୪.୫୯ଲକ୍ଷ ଟଙ୍କା। କର୍ନାଟକ ଏହି ତାଲିକାରେ ସର୍ବାଗ୍ରେ ରହିଥିବା ବେଳେ ସବାତଳେ ଛତିଶଗଡ଼ ରହିଛି। କର୍ନାଟକରେ ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ୧ କୋଟି ଟଙ୍କା। ସୋମବାର ପ୍ରକାଶ ପାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି, ଛତିଶଗଡର ବିଧାୟକଙ୍କ ଆୟ ସର୍ବନିମ୍ନ ୫.୪ ଲକ୍ଷ ଟଙ୍କା।

ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର୍) ଏବଂ ଦି ନ୍ୟାଶନାଲ ଇଲେକଶନ ୱାଚ୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡିଛି, ଆୟ କରିବାରେ ଲିଙ୍ଗଗତ ପାର୍ଥକ୍ୟ ମଧ୍ୟ ବେଶ୍ ବାରି ହୋଇପଡୁଛି। ମହିଳା ବିଧାୟକଙ୍କ ଆୟ ତୁଳନାରେ ପୁରୁଷଙ୍କ ଆୟ ଦ୍ୱିଗୁଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ, ନିଜକୁ ନିରକ୍ଷର ବା ଅପାଠୁଆ କହୁଥିବା ବିଧାୟକମାନଙ୍କ ହାରାହାରି ବାର୍ଷିକ ଆୟ ୯.୩୧ ଲକ୍ଷ ଟଙ୍କା। ଏଥିସହ ପ୍ରାୟ ଅର୍ଦ୍ଧାଧିକ ବିଧାୟକ ବ୍ୟବସାୟ ଅଥବା ଚାଷକୁ ନିଜର ପେସା ଭାବେ ଉଲ୍ଲେଖ କରିଛନ୍ତି। ସାରା ଦେଶରେ ଥିବା ୪,୦୮୬ ବିଧାୟକଙ୍କ ମଧ୍ୟରୁ ୩୧୪୫ ଜଣଙ୍କ ସ୍ୱଘୋଷିତ ସତ୍ୟପାଠକୁ ତର୍ଜମା କରାଯିବା ପରେ ରିପୋର୍ଟ ପ୍ରକାଶ କରାଯାଇଛି। ବିଧାୟକଙ୍କ ସ୍ୱଘୋଷିତ ଆୟକୁ ନେଇ ତର୍ଜମା କରାଯାଇଥିବାରୁ ଆୟ ଘୋଷଣା କରି ନ ଥିବା ୯୪୧ ଜଣଙ୍କୁ ଏହି ସର୍ଭେରେ ସାମିଲ କରାଯାଇ ନ ଥିଲା। ୩,୧୪୫ ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ୨୪.୫୯ ଲକ୍ଷ ଟଙ୍କା ହୋଇଥିବା ବେଳେ ଦକ୍ଷିଣ ଭାରତର ୭୧୧ଜଣଙ୍କ ବାର୍ଷିକ ଆୟ ହାରାହାରି ୫୧.୯୯ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ପୂର୍ବଭାରତର ୬୧୪ ଜଣ ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ମାତ୍ର ୮.୫୩ ଲକ୍ଷ ଟଙ୍କା ରହିଛି। ରାଜ୍ୟୱାରି ହିସାବକୁ ନେଲେ କର୍ନାଟକର ୨୦୩ ବିଧାୟକଙ୍କ ହାରାହାରି ଆୟ ୧.୧୧ କୋଟି ଟଙ୍କା ଲେଖାଏ ରହିଥିବା ବେଳେ ମହାରାଷ୍ଟ୍ରର ୨୫୬ ବିଧାୟକଙ୍କ ଆୟ ୪୩.୪ ଲକ୍ଷ ଟଙ୍କା ଲେଖାଏ ରହିଛି। ଏହା ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଛତିଶଗଡ଼ର ୬୩ ଜଣ ବିଧାୟକଙ୍କ ବାର୍ଷିକ ହାରାହାରି ଆୟ ୫.୪ ଲକ୍ଷ ଟଙ୍କା ଲେଖାଏ। ଝାଡଖଣ୍ଡର ବିଧାୟକଙ୍କ ଆୟ ୭.୪ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ରିପୋର୍ଟ ଅନୁଯାୟୀ ୩୧୪୫ ବିଧାୟକଙ୍କ ଆୟକୁ ତର୍ଜମା କଲେ ଜଣାପଡୁଛି ଯେ, ପ୍ରାୟ ୫୫ ଅର୍ଥାତ ୨ ପ୍ରତିଶତ ବିଧାୟକ ସତ୍ୟପାଠରେ ସେମାନଙ୍କର ବୃତ୍ତି ଦର୍ଶାଇ ନାହାନ୍ତି। ଏହାଛଡା ୭୭୧ ବିଧାୟକ ଅର୍ଥାତ ୨୫ ପ୍ରତିଶତ ବ୍ୟବସାୟକୁ ଏବଂ ୭୫୮ ବା ୨୪% ଚାଷକୁ ସେମାନଙ୍କର ପେସା ଭାବେ ଦର୍ଶାଇଛନ୍ତି। ଏହାଛଡା ୩୯୭ ବା ୧୩% ବିଧାୟକ ଉଭୟ ବ୍ୟବସାୟ ଓ ଚାଷକୁ ନିଜର ପେସା ଭାବେ ଦର୍ଶାଇଛନ୍ତି ଏବଂ ସେମାନଙ୍କର ହାରାହାରି ବାର୍ଷିକ ଆୟର ପରିମାଣ ୫୭.୮୧ ଲକ୍ଷ ଟଙ୍କା ଲେଖାଏ ବୋଲି ଜଣାପଡିଛି। ପ୍ରାୟ ୧ ପ୍ରତିଶତ ବିଧାୟକ ରିୟଲ ଇଷ୍ଟେଟ କିମ୍ବା ଅଭିନୟ/ଚଳଚ୍ଚିତ୍ର ନିର୍ମାଣକୁ ନିଜର ବୃତ୍ତି ଭାବେ ଦର୍ଶାଇଛନ୍ତି।

# କୋର୍ଟ ପାଚେରି ଡେଇଁ ମାଓବାଦୀ ଚମ୍ପଟ

■ ୭ ପୋଲିସ କର୍ମଚାରୀ ନିଲମ୍ବିତ

**ନୂଆପଡା ଅଫିସ,୧୭।୯:** ନୂଆପଡା ଏସଡିଜେଏମଙ୍କ କୋର୍ଟରେ ସୋମବାର ହାଜର ହେବାକୁ ଆସିଥିବା ଜଣେ ମାଓବାଦୀ ପୋଲିସ ଆଖିରେ ଚକମା ଦେଇ ପାଚେରି ଡେଇଁ ଚମ୍ପଟ ମାରିଛନ୍ତି। ଏହି ମାଓବାଦୀ ଜଣକ ହେଲେ ବଲାଙ୍ଗୀର-ବରଗଡ-ମହାସମୁନ୍ଦ ଡିଭିଜନର ଜଣେ କ୍ୟାଡର ମାଓବାଦୀ ମନୋଜ ମାଡକାମୀ (୨୯) ଓରଫ ରୋଶନ। ତାଙ୍କୁ ଧରିବା ଲାଗି ସରକାର ପୂର୍ବରୁ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଦୁର୍ଦ୍ଦାନ୍ତ ମାଓବାଦୀ କ୍ୟାଡର ମନୋଜ ଚମ୍ପଟ ମାରିବା ଘଟଣାରେ ନୂଆପଡା ଏସ୍‌ପି ସ୍ମିତ ପରମାର ୨ ଅଧିକାରୀ ସମେତ ୭ଜଣ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ହୋଇଥିବା ଦୁଇଜଣ ଅତିରିକ୍ତ ସବଇନ୍ସପେକ୍ଟର ପଙ୍କଜ କୁମାର ତାଣ୍ଡି, ପୁଷ୍ପଲତା ସୁନାନୀ, କନଷ୍ଟେବଳ ଭୋଳାନାଥ ମାଝି, ପାଣ୍ଡୁ ବାଇ ନାଏକ, ହରିଶଙ୍କର ଶବର, ଲକ୍ଷ୍ମଣ ଶବର, ମଧୁସୂଦନ ମାଝି।

ଗତ ମେ ୨୯ ତାରିଖରେ ନୂଆପଡା ପୋଲିସ ମନୋଜଙ୍କୁ ଧରିଥିବା ବେଳେ ୩୦ ତାରିଖରେ କୋର୍ଟରେ ହାଜର କରିଥିଲା। ସେହି ଦିନଠାରୁ ନୂଆପଡା ସବଜେଲରେ ବିଚାରାଧୀନ କଏଦୀ ଭାବେ ସେ ରହୁଥିଲେ। ସୋମବାର ପୂର୍ବାହ୍ନ ୧୧ଟା ୪୦ ମିନିଟରେ ୨ଜଣ କନଷ୍ଟେବଳ ମନୋଜଙ୍କୁ ଜେଲରୁ କୋର୍ଟକୁ ଆଣିଥିବା ସବଜେଲର ପ୍ରକାଶ କରିଛନ୍ତି। ମନୋଜଙ୍କୁ ଠିକ ଦେଢଟା ସମୟରେ ଏସଡିଜେଏମଙ୍କ କୋର୍ଟରେ ପୋଲିସ ହେପାଜତରେ ହାଜର କରାଯାଇଥିଲା। ସେଠାରୁ ବାହାରିବା ସମୟରେ ଠିକ ବାରଣ୍ଡାରେ ପୋଲିସକୁ ଚକମା ଦେଇ ସେ ଦୌଡିଥିଲେ। ପରେ ସ୍ଥାନୀୟ ପୋଲିସ ଖବର ପାଇ ପିଛା କରିଥିଲେ। ହେଲେ ସେ ନିକଟସ୍ଥ ଝିଲମିଲା ଜଙ୍ଗଲକୁ ଚାଲିଯାଇଥିଲେ। ପୋଲିସ ଛାନଭିନ୍ ଚଳାଇଛି। ସ୍ଥାନୀୟ ଜଙ୍ଗଲ ଅଞ୍ଚଳକୁ ସିଲ କରି ତନଖି ଚାଲିଛି ବୋଲି ଏସଡିପିଓ ବିଦ୍ୟୁତ ଚନ୍ଦ୍ର ପଣ୍ଡା ଖବରଦାତାଙ୍କୁ କହିଛନ୍ତି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
**INVITATION FOR BIDS (SHORT NOTICE)**
**eerw_kendraparat@yahoo.co.in**
**'E' PROCUREMENT NOTICE NO.**
**RWD-II/KPD-04/18-19 DTD 04.09.2018**

No.775-O

| | | | |
|---|---|---|---|
| 1. | Name of work | : | Construction of building work in the District of Kendrapara for the year 2018-19 |
| 2. | Total No of building | : | 1 No building |
| 3. | Estimated Cost | : | Rs.55.00 |
| 4. | Period of Completion | : | 12 (Twelve) months |
| 5. | Class of contractors | : | A & B class |
| | Other details as follows: | | |
| a) | Procurement officer | : | Executive Engineer Rural Works Division-II, Kendrapara |
| b) | Availability of tender on-line & submission of bid | : | 19.09.2018 at 11:00 AM to 04.10.2018 up to 5:00 PM |
| c) | Last date & time of seeking of tender clarification | : | 03.10.2018 up to 5:00 PM |
| d) | Opening of Technical Bid | : | 05.10.2018 at 11:00 A.M. |
| e) | Opening of Financial Bid | : | 10.10.2018 at 11:00 A.M |

Further details can be seen from the Govt. website www.tendersorissa.gov.in

**Sd./- Executive Engineer,**
**Rural Works Division-II, Kendrapara**
25098/11/0007/1819



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, BHUBANESWAR**

Lr.No. 23227 dt. 12 .9.2018

"e" Procurement Notice for bridge works in Odisha

**(Corrigendum to Online-4 (Lumpsum-Bridge)/2018-19 dt. 29.8.2018)**

No.771-O: The time schedule for the tender of the two bridge works invited vide above notice is hereby extended as follows:

| Sl. No. | Items | Time schedule as per original TCN | Time schedule as per Corrigendum notice |
|---|---|---|---|
| 1 | Availability of Tender on-line for bidding | From 10.9.2018 at 11.00 AM To 1.10.2018 upto 3.00 P.M. | From 20.9.2018 at 11.00 AM To 11.10.2018 up to 3.00 P.M. |
| 2 | Date & Time of seeking tender clarification if any | 17.9.2018 at 11.00 A.M. (in the Conference Hall of EIC,RW) | 27.9.2018 at 11.00 A.M. (in the Conference Hall of EIC,RW) |
| 3 | Date & Time of opening of tender (Technical Bid) | 5.10.2018 at 11.00 A.M. | 20.10.2018 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders. | Will be intimated later on to the successful bidders. |

All other items remain unaltered.
Other details can be seen in the bidding documents, which is available in website **www.tendersorissa.gov.in**.

**Sd./- dtd 12.9.2018**
25123/11/0038/1819 **Engineer-in-Chief, Rural Works, Odisha, Bhubaneswar**



**SHRI JAGANNATH TEMPLE OFFICE, PURI**
**QUOTATION CALL NOTICE**

No. 9910, dt.15.09.18

"For auction of old Electrical materials" Please follow website www.jagannath.nic.in

Last date : 28.09.18 at 4.00PM
Opening date : 28.09.18 at 4.30PM

*Sd./- Administrator, Shri Jagannath Temple, Puri*



**COLLECTORATE, JAJPUR**
**Ph: 06728-222001, 222330 (R), Fax: 222087,**
**E-mail: dm-jajpur@nic.in, website: www.jajpur.nic.in**
**(Social Welfare Section)**
**NOTICE INVITING TENDER**

**NO. 1839** **Dated: 11.09.2018**

**(TENDER CALL NOTICE FOR PRINTING AND SUPPLY OF MAMATA REGISTER)**

Sealed tenders in the prescribed form are invited from the intending Registered printing press/ Supplying agencies for printing and supply of MAMATA Registers to different ICDS Project of Jajpur Dist. for the year 2018-19. The tender documents are available in the district Website http://www.jajpur.nic.in. For further details the interested applicants may access the same from the Website.

**Sd./- 11.09.2018**
**District Social Welfare Officer**
**Jajpur**



**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
**At/Po/Dist- Balangir, Pin - 767002 (Odisha)**
**E-mail : gmcbalangir@gmail.com,**
**Tel : 06652-236001, Fax : 06652-236002**
**[Formerly known as Government Medical College & Hospital, Balangir]**

No. 1482/ Date : 17.09.2018

**NOTICE**

No. 427-E: This is for information of all concerned that, the tender notice floated vide this Office Letter No. 1125/18-19 GMCH dated 24.07.2018 for procurement of Models, Charts and Specimens etc. is here by cancelled.

A fresh tender notice will be published soon with inclusion of more items.

**Sd./- Dean & Principal,**
**Government Medical College & Hospital, Balangir**
10126/11/0008/1819



**ODISHA CO-OPERATIVE TASAR & SILK FEDERATION LTD., (SERIFED)**
Sahid Nagar, Janpath, Bhubaneswar-751007
**Tel.:** (0674)- 2545586, 2545852, **Email:** serifedodisha@gmail.com

**No-VI-28(15)SERIFED/2018-19/1029** **Date: 17.09.2018**

**TENDER CALL NOTICE**

Sealed tenders in two bids are invited from the registered contractors for the "Renovation & Interior Furnishing work of Utkalika Showroom" at Baba Khadak Singh Marg, NDMC Bldg, New Delhi as follows. **(1)** Nature of the work : Renovation (Civil, Electrical, PHD), Interior & Exterior Furnishing work. **(2)** Tender value : **Rs.3,49,67,168/-** (Excluding GST). **(3)** Cost of Tender Paper : Rs.10,000/- (Non-refundable). **(4)** E.M.D. : Rs.3,49,700/-. **(5)** Class of Contractor : "A" & "Special" Class. **(6)** Date & Time of availability of Tender Paper : **Office of SERIFEED.** (up to 09.10.2018, 10:00 A.M. to 5:00 P.M.). Website 11:00 A.M. on Dt.20.09.2018 to Dt.09.10.2018 up to 5:00 P.M. **(7)** Pre bid meeting for clarification of bidders : Dt.28.09.2018 at 3:00 P.M. in the office of SERIFED. **(8)** Last date of receipt of Tender : Up to 5:00 P.M. Dt.10.10.2018. **(9)** Opening of Technical Bid : 11:00 A.M. on Dt.11.10.2018. For details of tender document, Terms & Conditions and further corrigenda, please visit Serifed own website **www.serifed.in**.

Sd/- **MANAGING DIRECTOR**



**idco** | **ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**No. HO/Civil/T&E/E/4056/04/2018/19069** **Date:12.09.2018**

**QUOTATION CALL NOTICE**

Sealed Quotations are invited from the original Manufacturer/Registered Supplier/Authorized Dealers of Eureka Forbes for **"Supply & Installing of 8nos of Eureka Forbes Aquaguard Pure Chill RO+UV Storage Water Cooler Cum Purifier (Water Storage Tank Capacity 80 Litre) For Krushi Bhawan at Bhubaneswar"**. The last date of submission of the quotation is 06.10.2018 by 3.00 P.M and the quotation will be opened on same day at 4.00 P.M.

For the detail Quotation Call Notice, Terms & Condition, Specification and B.O.Q, Please visit web site **www.idco.in** (Tender & Quotation)

**Sd/-**
**Chief General Manager (Civil) I/C**
**IDCO, Bhubaneswar**



**idco** | **ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.**
**Tender Call Notice No. HO/CIVIL/T&E/4421/01/2018/ 19185** **DT: 15.09.2018**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Fire Fighting & Fire Alarm Systems for Renovated Hockey field at Kalinga Stadium, Bhubaneswar, Odisha

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID No.CIVIL/ EST/40/2018-19 | 11.00 Hours of dt.19.09.2018 | 17.00 Hours of dt. 04.10.2018 |

Further details can be seen from the e-procurement portal. **www.tendersodisha.gov.in** . Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website**.

**Sd/-**
**Chief General Manager (Civil) i/c**
**IDCO, Bhubaneswar**



**ODISHA STATE MEDICAL CORPORATION LTD.**
OSMC — Assuring Quality, Saving Lives
(A Govt. of Odisha Undertaking)
Phone No.: (0674) 2380660, 2380950, Website: www.osmcl.nic.in, Email: admn.osmcl@nic.in

Date:15.09.2018

**No. CAD-842:-** Sealed Expression of Interests (EOIs) are invited from interested Industries (Manufacturing/ Service) for following projects.

| Sl. | Reference Number | Name of the Project |
|---|---|---|
| 1 | OSMCL/CILM/ 2018-19/02 | Set up a Clinical Immunology Laboratory for Department of Microbiology in SCB Medical College & Hospital, Cuttack |
| 2 | OSMCL/CILR/ 2018-19/03 | Set up a Immunology Laboratory for Department of Rheumatology in SCB Medical College & Hospital, Cuttack |
| 3 | OSMCL/MBLB/ 2018-19/04 | Set up a Molecular Biology Laboratory for Department of Biochemistry in SCB Medical College & Hospital, Cuttack |
| 4 | OSMCL/SLMO/ 2018-19/05 | Submission of Proposal and Project Feasibility Report on Supply and Setting up of Liquid Medical Oxygen (LMO) Storage System |

The details of documents to be submitted under EOI, Scope of work to be taken up, List of items to be supplied, EOI schedule and other terms & conditions and relevant information etc. in the document available on the website **www.osmcl.nic.in & www.odisha.gov.in** which may be downloaded for use. Hard copy of the EOI can be collected by the intending applicants from the office of OSMCL, Bhubaneswar **between 11A.M. to 4 P.M. on any working day between 17.09.2018 to 27.09.2018**. Any query related to this EOI can be asked on or before **27.09.2018** through e-mail to **proc.osmcl.od@nic.in**. Interested applicants may send their offers containing all the requisite details in sealed covers to the undersigned by **5 P.M. of 28.09.2018** through **Registered Post/Speed Post/ Courier only**. The Authority reserves the right to accept or reject any or all the offers without assigning any reason thereof.

10112/11/0038/1819 ***Sd./- Managing Director***

Regd. Office: Odisha State Medical Corporation Ltd., Convent Square, Bhubaneswar – 751007, Odisha



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**JEYPORE (R&B) DIVISION, JEYPORE**
**e-Procurement Notice**
**Bid Identification No. E.E (R&B)-04/2018-19/JYP(K)**

No.3797 Date. 06.09.2018

No.591-B: Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e **www.tendersodisha.gov.in**.

1. Name of the Work : Electrical & Civil Works as mentioned in DTCN
2. No. of Works : 01 No.
3. Estimated Cost : Rs.39.03 lakhs
4. Period of completion : 1 Month
5. Date & Time of Bidding : From 11.00 hours of 20.09.2018 upto 16.00 hours of 30.09.2018
6. Last date & time for receipt of bids in portal : 16.00 hours of 30.09.2018
7. Bids received online shall be opened on : 11.00 hours of 01.10.2018
8. Name and address of the officer inviting Bid : Executive Engineer, Jeypore (R&B) Division, Jeypore

Further details can be seen from the **www.tendersodisha.gov.in**.

**Sd./- Executive Engineer**
34027/11/0010/1819 **Jeypore (R&B) Division**



**ODISHA LIFT IRRIGATION CORPORATION LTD**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, KEONJHAR**
**E-mail: olickjr@gmail.com**
**NOTICE INVITING TENDER e-Procurement**
Bid ID No. 04 EELID (KJR/ 2018-19) Dt. 17.09.2018

No. CAD-844: Bid documents consisting of detail work, Estimated Cost, Cost of Tender Paper, EMD, Time of Completion, Class of Contractor and the set of Terms and Conditions of contract and other necessary documents can be seen in Govt. Website i.e. www.tenderodisha.gov.in.

| | | |
|---|---|---|
| 1) | Name of the Work | Installation & Energisation/ Revival of L.I. Projects Drilling of Medium Deep Tubewell. |
| 2) | No. of Works | 23 Nos. |
| 3) | Amount Put to tender | As per DTCN Rs. 2.33 Lakhs to Rs. 15.96 Lakhs. |
| 4) | Period of Completion | As per DTCN |
| 5) | Date and time of bidding | From dt. 24.09.2018 to dt. 01.10.2018 |
| 6) | Submission of Original Documents | on or before dt. 03.10.2018 upto 5.00 P.M. |
| 7) | Date of Opening of on-line tender as well as Tender Box | dt. 04.10.2018 at 11.00 AM. |
| 8) | Name and Address of the Officer inviting Bid | Executive Engineer, Lift Irrigation Division, Keonjhar. |

**Sd./- Executive Engineer**
32156/11/0010/1819 **L.I. Division, Keonjhar**

# ତ୍ୱଚାକୁ ଆକର୍ଷଣୀୟ କରେ କମଳା

ସୌନ୍ଦର୍ଯ୍ୟ

କମଳା ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ସେତିକି ବି ଟେଷ୍ଟି। ତେବେ ଏଥିରେ ଭରି ରହିଥିବା ଅନେକ ଉପକାରୀ ପୋଷକ ତତ୍ତ୍ୱ କେବଳ ଶରୀରକୁ ସୁସ୍ଥ ରଖି ନ ଥାଏ ବରଂ ଏହାକୁ ଉଭୟ ଖାଇବା ଏବଂ ଲଗାଇବା ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ମଧ୍ୟ ହୋଇଥାଏ। ଜାଣି ରଖନ୍ତୁ ଏହାର ଉପକାରିତା ସମ୍ପର୍କରେ...



■ଏକ୍ନି ସମସ୍ୟା ଦେଖାଦେବା ମାତ୍ରେ କମଳା ରସ ମୁହଁରେ ଲଗାନ୍ତୁ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆପଣଙ୍କୁ ୟଙ୍ଗରଲୁକ୍ ଦେବ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଭରି ରହିଛି, ଯାହା କି ସ୍କିନ୍ ଟୋନ୍ ବଢ଼ାଇଥାଏ।

■କମଳା ଚୋପାକୁ ଗୁଣ୍ଡ କରି ସ୍କ୍ରବ୍ ଭାବେ ବ୍ୟବହାର କରିପାରିବେ। ଏଥିରେ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇଲେ ଇନ୍‌ଷ୍ଟାଣ୍ଟ ଗ୍ଲୋ ମିଳିବା ସହ ଡାର୍କ ସ୍ପଟ୍ ବି ଦୂର ହୋଇଥାଏ।

■କମଳା ଚୋପୋକୁ ବାଟି ଏହି ପ୍ୟାକ୍‌କୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ତୈଳୀୟାଂଶ ହ୍ରାସ ପାଇଥାଏ। ଫଳରେ ବ୍ରଣର ସମସ୍ୟା ଏବଂ ଏହାର ଦାଗ ମଧ୍ୟ ଧୀରେ ଧୀରେ କମିଥାଏ।

■ସନ୍‌ଟ୍ୟାନ୍ ସମସ୍ୟା ଦୂର କରିବାରେ କମଳା ବେଶ୍ ଉପକାରୀ। ଏହାର ଚୋପା ନାଚୁରାଲ୍ ବ୍ଲିଚିଂ ଏଜେଣ୍ଟ ଭାବେ କାର୍ଯ୍ୟ କରିଥାଏ। ତେଣୁ ଏହାକୁ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣର ହାନିକାରକ ରଶ୍ମି ଯୋଗୁ ହେଉଥିବା ସନ୍‌ଟ୍ୟାନ୍ ଦୂର ହୋଇଥାଏ।

■ଯଦି ବ୍ଲାକ୍‌ହେଡ୍ ସମସ୍ୟା ପାଇଁ ଚିନ୍ତିତ ତେବେ କମଳା ଚୋପା ଗୁଣ୍ଡକୁ ସ୍କ୍ରବ୍ ଭାବେ ବ୍ୟବହାର କରନ୍ତୁ, ଉପକୃତ ହୋଇପାରିବେ।

■କମଳା ରସକୁ ଆଇସ୍ ଟ୍ରେରେ ରଖି ଫ୍ରିଜ୍‌ରେ ରଖି ଦିଅନ୍ତୁ। ଯଦି ସ୍କିନ୍ ତେଲିଆ ଏବଂ ଡଲ୍ ଲାଗୁଛି ତେବେ ଉକ୍ତ କମଳାରସ ବରଫ ହେବା ପରେ ତାହାକୁ ମୁହଁରେ ଘଷନ୍ତୁ। ଏହା ସ୍କିନ୍‌ରେ ଗ୍ଲୋ ଆଣିବା ସହ ବ୍ରାଇଟ୍ କରିଥାଏ।

■ସ୍କିନ୍ ଗ୍ଲୋ ଆଣିବା ପାଇଁ ଗରମ ପାଣିରେ କମଳା ଚୋପାକୁ ଗୋଟିଏ ଦିନ ଭିଜାଇ ଦିଅନ୍ତୁ। ପରଦିନ ଏହାକୁ ଛାଣି ପାଣି ଅଲଗା କରିଦିଅନ୍ତୁ। ତୁଳାରେ ଏହି ପାଣିକୁ ମୁହଁରେ ଲଗାଇ ସୁଖିବାକୁ ଛାଡି ଦିଅନ୍ତୁ।

■କମଳା ରସରେ ଅଳ୍ପ ପାଣି ଏବଂ ଏକ ଚାମଚ ମହୁ ମିଶାଇ ଆପଣ ଉକ୍ତ ମିଶ୍ରଣକୁ ଶାମ୍ପୁ କରିବା ପରେ କଣ୍ଡିସନର୍ ଭାବେ କେଶରେ ଲଗାଇ ପାରିବେ। ଏହା କେଶକୁ ମଜଭୁତ ଏବଂ ଚମକଦାର କରିଥାଏ।

■ରୁପି ସମସ୍ୟା ଥିଲେ କେଶରେ କମଳାଚୋପା ରସ କିମ୍ବା ବଟା ଲଗାନ୍ତୁ ଉପକୃତ ହେବେ।




# ଭାବୀ ସନ୍ତାନର ଚେହେରା

ସନ୍ତାନଟିଏ ଜନ୍ମନେବାର କଥା ଜାଣିଲେ ଉଭୟ ମା'ବାପା ଭାବୀସନ୍ତାନଟିର ରୂପରେଖର କଳ୍ପନାରେ ଏକ ଆଶ୍ଚର୍ଯ୍ୟଜନକ ଆବେଗ ଓ କଂପନରେ ଅସ୍ଥିର ହୋଇଯାଆନ୍ତି। ତେବେ ଜନନୀର ଚିନ୍ତାଧାରାର ପ୍ରାବଲ୍ୟ ଶିଶୁଟିର ଚେହେରା ଉପରେ ଅନେକ ପ୍ରଭାବ ପକାଇଥାଏ...

ଡା. ସରୋଜିନୀ ଷଡ଼ଙ୍ଗୀ







ନିଜର ଅବିକଳ ରୂପର ପ୍ରତିଫଳନ ରକ୍ତମାଂସର ଶରୀରରେ ଦେଖିବା ପାଇଁ କିଏ ବା ନ ଚାହେଁ ? ବାପା ଓ ମା' ଉଭୟ ଭାବୀସନ୍ତାନଟିର ରୂପରେଖର କଳ୍ପନାରେ ଏକ ଆଶ୍ଚର୍ଯ୍ୟଜନକ ଆବେଗ ଓ କଂପନରେ ଅସ୍ଥିର ହୋଇଯାଆନ୍ତି । ମା'ଟି ଭାବେ ଏତେ ଦିନର ଅସୀମ ପ୍ରତୀକ୍ଷା ପରେ ଶିଶୁଟି ମୋରି ରୂପନେଇ ପୃଥିବୀକୁ ଆସିବ, ପୁଣି ପିତା ଭାବନ୍ତି ହୁଏତ ଶିଶୁଟି ତା'ର ପିତାର ହିଁ ରୂପନେଇ ଜନ୍ମହେବ । ଜେଜେ ବାପା, ଜେଜେ ମା', ଅଜା, ଆଈ, ମାଉସୀ, ପିଉସୀ ତଥା ମାମୁଁ ସମସ୍ତେ ଶିଶୁଟିର ରୂପନେଇ ଆସିବାର ପରିକଳ୍ପନାରେ ଅଥୟ ହୋଇପଡନ୍ତି । ଜନ୍ମ ମୃତ୍ୟୁ ଉପରେ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା ଚଳାଇଥିବା ଜଣେ ବିଶେଷଜ୍ଞ କୁହନ୍ତି ଯେ, ଜନନୀର ଜରାୟୁରେ ଭ୍ରୁଣସଂଚାର ହେବାମାତ୍ରେ, ଶିଶୁଟିର ଶରୀର ଗଠନ ଆରମ୍ଭ ହୋଇଥାଏ । ତେବେ ଜନନୀର ଚିନ୍ତାଧାରାର ପ୍ରାବଲ୍ୟ ଶିଶୁଟିର ଚେହେରା ଉପରେ ଅନେକ ପ୍ରଭାବ ପକାଇଥାଏ । ମହିଳା ଜଣକ ଯାହାକୁ ସବୁଠୁ ବେଶି ଜୀବନରେ ଭଲ ପାଆନ୍ତି ପ୍ରାୟ ସେହି ରୂପନେଇ ସନ୍ତାନଟି ଜନ୍ମ ହୋଇଥାଏ । ତା'ଛଡା ଗୋଟିଏ ସୁନ୍ଦର ଶିଶୁର ମୁହଁ, ବା ହସ ବା ଚେହେରା ଅନବରତ ଚିନ୍ତାକଲେ ଶିଶୁର ଚେହେରା ସେହିଭଳି ହୋଇଥାଏ । ମା'ର ଚିନ୍ତାଧାରା ଶିଶୁର ମାନସିକ ବିକାଶ କ୍ଷେତ୍ରରେ ଅନେକ ପ୍ରଭାବ ପକାଇଥାଏ । ସେଥିପାଇଁ ଗର୍ଭବତୀ ନାରୀଙ୍କୁ ଧାର୍ମିକ ଚିନ୍ତାଧାରା ଥିବା ବହି ପଢିବାକୁ ଦିଆଯାଇଥାଏ । ଗର୍ଭଧାରଣ ସମୟରେ କୁଚିନ୍ତା କଲେ ବା' ଅସ୍ୱାସ୍ଥ୍ୟକର ଶାରୀରିକ ତଥା ମାନସିକ ପରିବେଶ ମଧ୍ୟରେ ରହିଲେ ଶିଶୁର ମାନସିକ ତଥା ଶାରୀରିକ ବିକାଶ ହୋଇପାରେନାହିଁ ଏବଂ ଏହି ଭାବନାଧାରା ତା'ର ଚେହେରାରେ ପ୍ରତିଫଳିତ ହୋଇଥାଏ ।

ତେବେ ଆଜିକାଲି ବିଜ୍ଞାନର ହାତ, ଭାବୀସନ୍ତାନର ଚେହେରା ଅବିକଳ ଭାବରେ ଆଙ୍କିବାକୁ ସକ୍ଷମ ହେଲାଣି । ଗୋଟିଏ ବିଦ୍ୟୁତ୍ କମ୍ପାନୀର କମ୍ପ୍ୟୁଟର ଏଇ ଚିତ୍ର ସବୁ ଆଙ୍କି ପାରୁଛି । ମା' ଓ ବାପାଙ୍କର ଫଟୋକୁ ଏକାଠି ରଖି ଏବଂ ତାଙ୍କର ମୁହଁର ରେଖାକୁ ନେଇ କମ୍ପ୍ୟୁଟରଟି ଶିଶୁର ପୋଟ୍ରେଟ୍ ତିଆରି କରିପାରୁଛି । ଏହି ଯନ୍ତ୍ରରେ ଗୋଟିଏ ନିଜସ୍ୱ କମ୍ପ୍ୟୁଟର (ପର୍ସନାଲ୍ କମ୍ପ୍ୟୁଟର ) ସହ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ଏବଂ ଗୋଟିଏ ସର୍କିଟ୍ ବୋର୍ଡ ରହିଛି । ବିଭିନ୍ନ ଫଟୋଚିତ୍ରର ରେଖା ଏବଂ ରଙ୍ଗର ସମାଗମରେ ଗୋଟିଏ ଥ୍ରୀ ଡାଇମେନ୍‌ସନାଲ୍ ଚିତ୍ର ହୋଇପାରୁଛି । କେବଳ ଏତିକି ନୁହେଁ କିଶୋର ବା କିଶୋରୀମାନେ ପ୍ରୌଢାବସ୍ଥା ଓ ବୃଦ୍ଧାବସ୍ଥାରେ ମଧ୍ୟ କିଭଳି ଦେଖାଯିବେ ତାହା ମଧ୍ୟ କମ୍ପ୍ୟୁଟର ଦ୍ୱାରା କରାଯାଇପାରୁଛି । ପ୍ଲାଷ୍ଟିକ୍ ସର୍ଜରି ଦ୍ୱାରା ମୁହଁର ବିଭିନ୍ନ ଅଂଶ ପରିବର୍ତ୍ତନ, ନିଜର ଚେହେରା କେଉଁଭଳି ଦେଖାଯିବ, ସେ କଥା ମଧ୍ୟ କମ୍ପ୍ୟୁଟର ଦ୍ୱାରା ସ୍ଥିରୀକୃତ ହେବାପରେ ପ୍ଲାଷ୍ଟିକ୍ ସର୍ଜରି ଅସ୍ତ୍ରୋପଚାର କରାଯାଇପାରୁଛି । ଅପରାଧ କ୍ଷେତ୍ରରେ ମଧ୍ୟ ଏହାର ଅନେକ ଅବଦାନ ରହିଛି । ଗୋଟିଏ ଅପରାଧୀ ଆସାମୀର ମୁହଁର କେତେ ଗୁଡିଏ ଅଙ୍ଗଭଙ୍ଗୀ ବା' ରେଖାଚିତ୍ର ଦେଲେ ଚେହେରାଟି ଅବିକଳ ଆଙ୍କି ହୋଇପାରୁଛି ଏବଂ ଏ କ୍ଷେତ୍ରରେ ପୋଲିସ୍ ପକ୍ଷରେ ଅପରାଧୀକୁ ଧରିବା ସହଜ ହୋଇପାରୁଛି । ଏହି କମ୍ପ୍ୟୁଟରଟିକୁ ଆବିଷ୍କାର କରିଥିବା କମ୍ପାନୀର ବ୍ୟବହାର ପାଇଁ ନିମନ୍ତ୍ରଣ ପତ୍ର ସହ ପ୍ରାୟ ଶହ ଶହ ଆବେଦନ ପତ୍ର ପହଞ୍ଚିଲାଣି ।

ବର୍ତ୍ତମାନ ନବବିବାହିତ ଦମ୍ପତିମାନେ ମଧ୍ୟ ଏହା ସାହାଯ୍ୟରେ ବିବାହ ମଣ୍ଡପରେ ନିମନ୍ତ୍ରିତ ଅତିଥିମାନଙ୍କୁ ନିଜ ସହ ନିଜର ଭାବୀସନ୍ତାନର ରୂପରେଖ ଦେଖାଇବାକୁ ଉତ୍ସୁକତା ପ୍ରକାଶ କଲେଣି ।

– ଲିଙ୍କ୍‌ରୋଡ, କଟକ–୧୨
ମୋ–୯୪୩୭୦୪୫୦୦୭

ଫ୍ୟାଶନ

# ଜିନ୍ସରେ ଲାଗିବେ ସ୍ଲିମ୍

ଜିନ୍ସ ପିନ୍ଧିବା ଅନେକଙ୍କୁ ପସନ୍ଦ। ହେଲେ ଏଥିରେ ଫିଗର ମୋଟା ଲାଗୁଥିବା କାରଣରୁ କେହି କେହି ଇଚ୍ଛାଥିଲେ ସୁଦ୍ଧା ଏହାକୁ ପିନ୍ଧି ପାରନ୍ତି ନାହିଁ। ହେଲେ ଜିନ୍ସ ପିନ୍ଧିବା ସମୟରେ କେତୋଟି କଥା ପ୍ରତି ଦୃଷ୍ଟି ଦେଲେ ଆପଣ ଅପେକ୍ଷାକୃତ ସ୍ଲିମ୍ ଲାଗିପାରିବେ। ଜାଣି ରଖନ୍ତୁ ଟିପ୍ସ...

❖ଜିନ୍ସରେ ସ୍ଲିମ୍ ଲାଗିବାକୁ ଚାହୁଁଥିଲେ ପ୍ରଥମେ ଏହାର କଲର ଉପରେ ଧ୍ୟାନ ଦିଅନ୍ତୁ। କୌଣସି ଲାଇଟ୍ କଲର ପରିବର୍ତ୍ତେ ଡିପ୍ ବ୍ଲୁ, ଡିପ୍ ଇଣ୍ଡିଗୋ କିମ୍ବା ବ୍ଲାକ୍ କଲର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ଏହା କେବଳ ସ୍ଲିମ୍ ଲାଗି ନ ଥାଏ ବରଂ ସବୁ ପ୍ରକାର ଟପ୍ସ ଏବଂ ଟିଜ୍‌କୁ ମ୍ୟାଚ୍ ବି କରିଥାଏ।

❖ଯଦି ଆପଣଙ୍କ ପେଟ ଏବଂ ଅଣ୍ଟା ପାଖ ମୋଟା ତେବେ ଲୋ ୱେଷ୍ଟ ଜିନ୍ସ ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ଏଭଳି ପ୍ୟାଣ୍ଟ ଆପଣଙ୍କ ଫ୍ୟାଟ୍‌କୁ ହାଇଲାଇଟ୍ କରିବ। ତେଣୁ ଏହା ବଦଳରେ ହାଇ ୱେଷ୍ଟ ପ୍ୟାଣ୍ଟ ବାଛନ୍ତୁ। ଏହା ଆପଣଙ୍କ ଫ୍ୟାଟ୍‌କୁ ଟାଇଟ୍ ଏବଂ ଟୋନ୍‌ଡ୍ ରଖିବାରେ ସାହାଯ୍ୟ କରିବ।

❖ନ୍ୟାରୋ ଫିଟ୍ ଏବଂ ଫୁଲ୍ ଲେନ୍ଥ ପ୍ୟାଣ୍ଟ ସ୍ଲିମ୍ ଲୁକ୍ ଦେବାରେ ସାହାଯ୍ୟ କରେ। ତେଣୁ ମୋଟାଲିଆ ଫିଗର ହୋଇଥିଲେ ଆଙ୍କେଲ ଲେନ୍ଥ କିମ୍ବା ଶର୍ଟ ଜିନ୍ସ ବାଛନ୍ତୁ ନାହିଁ।

❖ସେହିପରି ଠିକ୍ ଫିଟ୍ ପ୍ୟାଣ୍ଟ ପିନ୍ଧିବା ବି ସ୍ଲିମ୍ ଲୁକ୍ ଦେବାରେ ସାହାଯ୍ୟ କରେ। ଟାଇଟ୍ ସ୍କିନ୍ ଜିନ୍ସ, ଷ୍ଟ୍ରେଚେବଲ୍ ଜିନ୍ସ ଆଦି ବାଛନ୍ତୁ, ଏହା ଆପଣଙ୍କୁ ଶେପ୍ ୱେୟାର୍ ଭାବେ କାମ କରିବ। ତେବେ କୌଣସି ପ୍ୟାଣ୍ଟ କିଣିବା ପୂର୍ବରୁ ପ୍ରଥମେ ଟ୍ରାଏ କରି ମିରର୍‌ରେ ଏହାର ଫିଟିଙ୍ଗ୍ ଆପଣଙ୍କୁ ପରଫେକ୍ଟ ଫିଟ୍ କରୁଛି କି ନାହିଁ ଦେଖିନେବା ଭଲ।

❖ଦେଖାଯାଏ ମୋଟା ଫିଗର ଥିବା ଅଧିକାଂଶ ଝିଅ ଢିଲା ଜିନ୍ସ କିଣିଥାନ୍ତି। ହେଲେ ମନେ ରଖନ୍ତୁ ଯଦି ଆପଣ ଫ୍ୟାଟ୍ ଲୁଚାଇ ଜିନ୍ସରେ ଏକ ସ୍ଲିମ୍ ଲୁକ୍ ପାଇବାକୁ ଚାହୁଁଛନ୍ତି ତେବେ ଆଦୌ ଓଭର ସାଇଜ୍ କିମ୍ବା ବଏଫ୍ରେଣ୍ଡ ଜିନ୍ସ ଭଳି ଢିଲା ଜିନ୍ସ ପିନ୍ଧନ୍ତୁ ନାହିଁ। କାରଣ ଏହା ଆପଣଙ୍କୁ ଅଧିକ ମୋଟା ଲୁକ୍ ଦେବ।


❖ତେବେ ଜିନ୍ସ କିଣିବା ସମୟରେ ଅନ୍ୟ ଏକ ବଡ କଥା ହେଉଛି ସବୁବେଳେ ଭଲ କ୍ୱାଲିଟି ପ୍ରତି ଧ୍ୟାନ ଦିଅନ୍ତୁ। ଯଦିଓ ଏହା ଦାମୀ କିନ୍ତୁ ଏହା ପରଫେକ୍ଟ ଫିଟ୍ ହୋଇଥାଏ।

❖ସେହିପରି ଜିନ୍ସରେ ସ୍ଲିମ୍ ଲାଗିବାରେ ଠିକ୍ ଆସେସରିଜ୍ ଯେପରି କି କି ସ୍ୟାଣ୍ଡେଲ୍ ପରିବର୍ତ୍ତେ ବୁଟ୍ କିମ୍ବା ହାଇ ହିଲ୍ ସୁଜ୍ ବ୍ୟବହାର କରନ୍ତୁ।



# ସୁନ୍ଦର ଲାଗିବ ଡ୍ରଇଂରୁମ୍

ସାଧାରଣତଃ ଡ୍ରଇଂରୁମ୍‌ର ସାଜସଜ୍ଜା ପ୍ରତି ସମସ୍ତେ ଅଧିକ ଗୁରୁତ୍ୱ ଦେଇଥାନ୍ତି। କାରଣ ଏହା ହିଁ ଆପଣଙ୍କ ପୁରା ଘରର ଇଣ୍ଟେରିଅର୍ ଡେକୋରେଶନ୍ ପ୍ରତି ଅତିଥିଙ୍କ ମନରେ ଏକ ଭଲ ଇମ୍ପ୍ରେଶନ୍ ସୃଷ୍ଟି କରିଥାଏ। ତେଣୁ ଡ୍ରଇଁରୁମ୍ କିପରି ସଜାଇଲେ ତାହା ଅଧିକ ସୁନ୍ଦର ଓ ଆକର୍ଷଣୀୟ ଲାଗିବ ଜାଣି ରଖନ୍ତୁ...





❖ ପ୍ରଥମେ ଡ୍ରଇଂରୁମ୍‌ର ସାଇଜ୍ ଅନୁସାରେ ସେଥିରେ କେଉଁ ଫର୍ନିଚର ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିଲେ ତାହା ସୁନ୍ଦର ଲାଗିବା ସହ ଚଲାବୁଲା କରିବାରେ ମଧ୍ୟ ଅସୁବିଧା ହେବ ନାହିଁ ସେଥିପାଇଁ ଏକ ଗ୍ରାଫ୍ ପ୍ରସ୍ତୁତ କରନ୍ତୁ। କାରଣ ସାମଗ୍ରୀ ଯେତେ ସୁନ୍ଦର ହୋଇଥାଉ ନା କାହିଁ ଆବଶ୍ୟକରୁ ଅଧିକ ରଖିଲେ ତାହା ଦେଖିବାକୁ ଭଲ ଲାଗି ନ ଥାଏ।

❖ଯଦି ଡ୍ରଇଁରୁମ୍ ସଜାଇବା ଲାଗି ବିଭିନ୍ନ ଶୋ ପିସ୍, ୱାଲ୍‌ହାଙ୍ଗିଙ୍ଗ୍ କିମ୍ବା ଫୁଲଦାନୀ ବାଛୁଛନ୍ତି ତେବେ ମନେ ରଖନ୍ତୁ ଏଥିରେ ରୁମ୍ ଯେପରି ଅଧିକ ଭର୍ତ୍ତୀ ନ ଲାଗେ। ଡ୍ରଇଂରୁମ୍‌ର ୱାଲ୍ କଲରକୁ କଣ୍ଟ୍ରାଷ୍ଟ ଲୁକ୍ ଦେବା ଭଳି ଫୁଲ ରଖିଲେ ଅଧିକ ଆକର୍ଷଣୀୟ ଲାଗିବ। ତେବେ ଯଦି ମଲ୍ଟି କଲର ଫୁଲ ରଖୁଛନ୍ତି ତେବେ ତା'ର ସବୁ ପତ୍ର ଗ୍ରୀନ୍ ହିଁ ରଖନ୍ତୁ ଏବଂ ସିଙ୍ଗଲ କଲର ଫୁଲ ରଖୁଥିଲେ ମଲ୍ଟି କଲର ପତ୍ର ରଖିଲେ ଆଇକ୍ୟାଚି ଲାଗିବ।

❖ଯଦି ଡ୍ରଇଁରୁମର ସାଇଜ୍ ବଡ ତେବେ ଆପଣ ଚାହିଁଲେ ଶୋ'କେସ୍ ରଖି ସେଥିରେ ବିଭିନ୍ନ ପ୍ରକାର ଡେକୋରେଟିଭ୍ ପିସ୍ ରଖି ରୁମ୍‌ର ଶୋଭା ବଢାଇ ପାରିବେ।

❖ସେହିପରି ଡ୍ରଇଂରୁମକୁ ସୁନ୍ଦର କରିବା ଲାଗି ଏହାର କାନ୍ଥର କଲର ସହ କଣ୍ଟ୍ରାଷ୍ଟ ଲୁକ୍ ଦେବା ଭଳି ପରଦା ବାଛନ୍ତୁ। ତେବେ ତାହା ଫର୍ଣ୍ଣିଚର ସହ ସାମଞ୍ଜସ୍ୟ ରହିଲେ ଅଧିକ ଆକର୍ଷଣୀୟ ଲାଗିବ।

❖ଆପଣ ଚାହିଁଲେ ରୁମ୍‌ର ସ୍ପେଶ୍ ଅନୁଯାୟୀ ଛୋଟ କିମ୍ବା ବଡ ସୁନ୍ଦର କାର୍ପେଟ୍ ଆଣି ପକାଇ ପାରିବେ। ଏହା ବି ଡ୍ରଇଂରୁମ୍‌ର ଆକର୍ଷଣ ବଢାଇବାରେ ଏକ ପ୍ରମୁଖ ଭୂମିକା ବହନ କରିଥାଏ।

❖ଡ୍ରଇଁରୁମ୍‌ରେ ଭଲ ଭାବେ ଲାଇଟ୍ ବ୍ୟବସ୍ଥା କରନ୍ତୁ। ପ୍ରତ୍ୟେକ ସାମଗ୍ରୀକୁ ଏପରି ରଖନ୍ତୁ ଯେପରି ସେସବୁରେ ଭଲ ଭାବେ ଲାଇଟ୍ ପଡିବ। ନଚେତ୍ ଆପଣ ଯେତେ ସୁନ୍ଦର ସମାଗ୍ରୀରେ ଘର ସଜାନ୍ତୁ ନା କାହିଁକି ତାହାର ଆକର୍ଷଣ କମିଯିବ। ଯଦି ଡ୍ରଇଁରୁମ୍‌କୁ ବାହାର ଲାଇଟ୍ ଅସିବାର ସୁବିଧା ଅଛି ତେବେ ଦିନ ସମୟରେ ଭଲ ଲାଗିଥାଏ।

“ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ଖୁବ୍ ଶୀଘ୍ର ମାଗଣାରେ ଉଭୟ ଜୀବନ ବୀମା ଓ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବା।
– ସନ୍ତୋଷ କୁମାର ଗଙ୍ଗୱାର, ଶ୍ରମମନ୍ତ୍ରୀ



“ଆଗାମୀ ୪ରୁ୫ ବର୍ଷ ମଧ୍ୟରେ କେଣ୍ଟ୍ ଆର୍‌ଓ ସିଷ୍ଟମ ଏହାର ତୃତୀୟ ମାନୁଫାକ୍ଚରିଂ ୟୁନିଟ୍ ନୋଏଡାଠାରେ ସ୍ଥାପନ କରିବା।
– ମହେଶ ଗୁପ୍ତା, ଅଧ୍ୟକ୍ଷ,କେଣ୍ଟ୍ ଆର୍‌ଓ



## ସଂକ୍ଷେପରେ

### ଦିନକରେ ମୁଦ୍ରା ମୂଲ୍ୟ ୬୭ ପଇସା ହ୍ରାସ

**ବମ୍ବେ,୧୭-୯:** ଆମେରିକୀୟ ଡଲାର ତୁଳନାରେ ଗତ ଦୁଇ ଦିନ ଧରି ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସାମାନ୍ୟ ମଜଭୁତ ହୋଇଥିବା ବେଳେ ସୋମବାର ଏହା ପୁଣି ୬୭ ପଇସା ଦୁର୍ବଳ ହୋଇଛି। ଫଳରେ ସୋମବାର କାରବାର ଶେଷ ବେଳକୁ ଏହା ୭୨ ଟଙ୍କା ୫୧ ପଇସାକୁ ଖସି ଆସିଛି। ଅର୍ଥାତ୍ ଆମେରିକାର ଏକ ଡଲାର ପାଇଁ ଭାରତକୁ ୭୨ ଟଙ୍କା ୫୧ ପଇସା ଗଣିବାକୁ ପଡ଼ିବ। ସୂଚନା ଅନୁସାରେ ବୈଦେଶିକ ମୁଦ୍ରାଭଣ୍ଡାରକୁ ସୁଦୃଢ଼ କରିବା ଏବଂ ଦେଶରେ ଆମଦାନୀ ହ୍ରାସ କରିବା ପାଇଁ ସରକାର ଶୁକ୍ରବାର କେତୋଟି ପଦକ୍ଷେପ ସମ୍ପର୍କରେ ଘୋଷଣା କରିଥିଲେ। କିନ୍ତୁ ନିବେଶକଙ୍କ ଆଶାକୁ ଏହା ପୂରଣ କରିବାରେ ବିଫଳ ହେବାରୁ ମୁଦ୍ରାର ବିନିମୟ ମୂଲ୍ୟ ପୁଣି ହ୍ରାସ ପାଇଛି। ସୂଚନା ଅନୁସାରେ ସୋମବାର କାରବାର ମଧ୍ୟ ଭାଗରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୨ ଟଙ୍କା ୭୦ ପଇସାକୁ ଖସି ଆସିଥିଲା। ପରେ ଏଥିରେ ସାମାନ୍ୟ ଉନ୍ନତି ଘଟି ୭୨ ଟଙ୍କା ୩୦ ପଇସା ପର୍ଯ୍ୟନ୍ତ ସୁଦୃଢ଼ ହୋଇଥିଲେ ମଧ୍ୟ କାରବାର ଶେଷ ବେଳକୁ ୭୨.୫୧ ଟଙ୍କାରେ ବନ୍ଦ ହୋଇଥିଲା।

### ୧୪%ରୁ ଅଧିକ ବଢ଼ିବ ପ୍ରତ୍ୟକ୍ଷ ଟିକସ ଆଦାୟ

**ନୂଆଦିଲ୍ଲୀ,୧୭-୯:** ଚଳିତ ଆର୍ଥିକ ବର୍ଷରେ ଦେଶରେ ପ୍ରତ୍ୟକ୍ଷ ଟିକସ ଆଦାୟ ପରିମାଣ ୧୧.୫ ଲକ୍ଷ କୋଟି ଟଙ୍କା ଟପିବ। କେନ୍ଦ୍ର ସରକାର ଏହି ବିଶ୍ୱାସ ରଖିଛନ୍ତି। ଏହି ଧାର୍ଯ୍ୟ ଲକ୍ଷ୍ୟ ହାସଲ ହେଲେ ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ପ୍ରତ୍ୟକ୍ଷ ଟିକସ ଆଦାୟ ପରିମାଣ ଚଳିତ ଆର୍ଥିକ ବର୍ଷରେ ୧୪.୩% ବୃଦ୍ଧି ପାଇବ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ସୋମବାର ଏହା କହିଛନ୍ତି। ଅନ୍ୟପକ୍ଷରେ ଦେଶର ମହାଲେଖାକାରଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଏଥିରେ ୪.୨% ବୃଦ୍ଧି ପାଇଥିଲା। ସେହିପରି ଚଳିତ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ମୋଟ ୯୫ ହଜାର କୋଟି ଟଙ୍କା ଟିକସ ଫେରସ୍ତ କରାଯାଇଛି। କିନ୍ତୁ ଜୁନ୍ ୩୦ ସୁଦ୍ଧା ଯେତେ ସବୁ ରିଫଣ୍ଡ୍ କ୍ଲେମ୍ କରାଯାଇଛି ତାହାର ୯୯% ସମାଧାନ ହୋଇନାହିଁ ବୋଲି ସିବିଡିଟି ପକ୍ଷରୁ ପ୍ରକାଶ।

### ଏନ୍‌ଏଚ୍‌ଏଆଇର ନୂତନ ଅଧ୍ୟକ୍ଷ ସଞ୍ଜୀବ ରଞ୍ଜନ

**ନୂଆଦିଲ୍ଲୀ,୧୭-୯:** ବରିଷ୍ଠ ପ୍ରଶାସନିକ ଅଧିକାରୀ ସଞ୍ଜୀବ ରଞ୍ଜନ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ଅଧିକାରୀ ସଞ୍ଜୟ ଅଗ୍ରୱାଲ କୃଷି ସଚିବ ଭାବେ ନିଯୁକ୍ତି ପାଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମା ଅନୁସାରେ ଏହି ଖବର ଜଣାପଡିଛି। ସେହିପରି ଭାରତୀୟ ଜାତୀୟ ଅଭିଲେଖାଗାରର ମହାନିର୍ଦ୍ଦେଶକ ପ୍ରିତମ ସିଂ ନ୍ୟାଶନାଲ୍ କମିଶନ ଫର ସିଡ୍ୟୁଲ୍ କାଷ୍ଟର ସଚିବ ହୋଇଛନ୍ତି। କେନ୍ଦ୍ରୀୟ ସୂଚନା ଆୟୋଗର(ସିଆଇସି)ର ସଚିବ ଭାବେ ଅନିତା ଭଟ୍ଟନାଗର ନିଯୁକ୍ତ ହେବେ। ଜିଏସ୍‌ଟି ପରିଷଦର ସଚିବ ଭାବେ ରାଜୀବ ରଞ୍ଜନ ଦାୟିତ୍ୱ ଗ୍ରହଣ କରିବେ। ଏଥିସହିତ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଆଇଏଏସ୍ ଅଧିକାରୀ ଯୁଗ୍ମ ସଚିବରୁ ଅତିରିକ୍ତ ସଚିବ ସ୍ତରକୁ ପଦୋନ୍ନତି ପାଇଛନ୍ତି ବୋଲି କାର୍ମିକ ମନ୍ତ୍ରଣାଳୟ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି।

### ବାଂଲାର ବନ୍ଦର ବ୍ୟବହାର କରିପାରିବ ଭାରତ

**ଢାକା,୧୭-୯:** ଉତ୍ତର-ପୂର୍ବ ଭାରତରେ ସାମଗ୍ରୀ ନେବାଆଣିବା ଲାଗି ବାଂଲାଦେଶର ଚିଟାଗଙ୍ଗ ଓ ମୋଙ୍ଗଲା ବନ୍ଦରକୁ ଭାରତ ବ୍ୟବହାର କରିପାରିବ। ଏନେଇ ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି। ସୋମବାର ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତରେ ଆଗତ ଏକ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହାଦ୍ୱାରା ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ବୈଠକ ଶେଷରେ କ୍ୟାବିନେଟ ସଚିବ ସଫିଉଲ୍ ଆଲମ୍ କହିଛନ୍ତି। ପ୍ରସ୍ତାବ ଅନୁଯାୟୀ ଦୁଇଦେଶ ମଧ୍ୟରେ ଏ ନେଇ ୫ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହେବ ଏବଂ ପରବର୍ତ୍ତୀ ୫ ବର୍ଷ ପାଇଁ ଏହା ସ୍ୱତଃ ନବୀକରଣ ହୋଇଯିବ। ତେବେ ୬ ମାସର ନୋଟିସ୍ ଦେଇ ଯେକୌଣସି ଦେଶ ଏହି ଚୁକ୍ତିରୁ ଓହରି ଯାଇପାରିବ। ତେବେ ଏଥିରେ ନେପାଳ ଓ ଭୁଟାନ ସାମିଲ ହେବାକୁ ଆଗ୍ରହ ଦେଖାଇଲେ ସେମାନଙ୍କୁ ମଧ୍ୟ ଏହି ଚୁକ୍ତିରେ ସାମିଲ କରାଯିବ ଏବଂ ସେମାନେ ମଧ୍ୟ ଉକ୍ତ ୨ ବନ୍ଦରକୁ ବ୍ୟବହାର କରିପାରିବେ। ତେବେ ବାଂଲାଦେଶ ବାଟେ ସାମଗ୍ରୀ ପରିବହନ ବେଳେ କେବଳ ତାଙ୍କ ଦେଶର ଜାହାଜ ବ୍ୟବହାର କରାଯିବ ବୋଲି ଆଲମ୍ ସ୍ପଷ୍ଟ କରିଛନ୍ତି।

# ମିଶିବେ ବିଓବି, ଦେନା, ବିଜୟା ବ୍ୟାଙ୍କ

**ନୂଆଦିଲ୍ଲୀ,୧୭-୯**

ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ କେନ୍ଦ୍ର ସରକାର ସୋମବାର ବ୍ୟାଙ୍କ ଅଫ ବରୋଦା(ବିଓବି), ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ମିଶାଇ ଦେବା ଲାଗି ଘୋଷଣା କରିଛନ୍ତି। ଏହାଦ୍ୱାରା ଦେଶରେ ତୃତୀୟ ସର୍ବବୃହତ୍ ବ୍ୟାଙ୍କ ପ୍ରତିଷ୍ଠା ସମ୍ଭବ ହେବ। ପୂର୍ବରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ୫ଟି ସହାୟକ ବ୍ୟାଙ୍କ ଏବଂ ଭାରତୀୟ ମହିଳା ବ୍ୟାଙ୍କକୁ ନିଜ ସହ ମିଶାଇ ଦେଶର ସର୍ବବୃହତ୍ ବ୍ୟାଙ୍କ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲା। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ଏହାଦ୍ୱାରା ବ୍ୟାଙ୍କଗୁଡିକ ଅଧିକ ଶକ୍ତିଶାଳୀ ହେବେ ଏବଂ ସେମାନଙ୍କର ଋଣ ଦେବାର କ୍ଷମତା ବୃଦ୍ଧି ପାଇବ। ଏନ୍‌ପିଏ ଯୋଗୁ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କରୁ ନ ଥିବାରୁ କର୍ପୋରେଟ ଜଗତ ପ୍ରଭାବିତ ହେଉଛି। ସେ କହିଛନ୍ତି, ଅତ୍ୟଧିକ ଋଣ ପ୍ରଦାନ ଯୋଗୁ ଅଧିକାଂଶ ବ୍ୟାଙ୍କର ଆର୍ଥିକ ସ୍ଥିତି ଆଦୌ ଭଲ ନାହିଁ। ଏହି ମିଶ୍ରଣ ଯୋଗୁ ବ୍ୟାଙ୍କିଙ୍ଗ୍ ସେବା ଅଧିକ ଶକ୍ତିଶାଳୀ ହେବ। ମିଶ୍ରଣ ହେବାକୁ ଥିବା ଉକ୍ତ ୩ଟି ବ୍ୟାଙ୍କର କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ପ୍ରଭାବିତ ହେବ ନାହିଁ ବୋଲି ଜେଟ୍‌ଲୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ୩ଟି ବ୍ୟାଙ୍କର ଏନ୍‌ପିଏ ମଧ୍ୟ ସର୍ବାଧିକ ସ୍ତରରେ ରହିଥିବାରୁ ସେମାନଙ୍କୁ ଅଧିକ ପୁଞ୍ଜି ଦେବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରି ଅର୍ଥମନ୍ତ୍ରୀ କହିଛନ୍ତି, ବାସେଲ-୩ ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କ ନିକଟରେ ଅର୍ଥ ରହିବା ଆବଶ୍ୟକ। ଆର୍ଥିକ ସେବା ସଚିବ ରାଜୀବ କୁମାର କହିଛନ୍ତି, ଉକ୍ତ ୩ ବ୍ୟାଙ୍କ୍‌ର ବୋର୍ଡ ମିଶ୍ରଣ ପ୍ରସ୍ତାବର ପରୀକ୍ଷା କରିବେ। ଏହି ମିଶ୍ରଣ ଦ୍ୱାରା କାର୍ଯ୍ୟଦକ୍ଷତାରେ ଉନ୍ନତି ଆସିବା ସହ ଗ୍ରାହକ ସେବା ବୃଦ୍ଧି ପାଇବ। ସେ କହିଛନ୍ତି ଯେ, କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା କରାଯିବ ଏବଂ ବ୍ରାଣ୍ଡ ଇକ୍ୟୁଟିକୁ ସୁରକ୍ଷିତ ରଖାଯିବ। ଏହାପରେ ଦେନା ବ୍ୟାଙ୍କ, ବିଜୟା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦାକୁ ଆର୍ଥିକ ସହାୟତା ଦିଆଯିବ। ମିଶ୍ରଣ ପରେ ମଧ୍ୟ ଉକ୍ତ ୩ଟି ବ୍ୟାଙ୍କ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବେ। ମିଶ୍ରଣ ଘୋଷଣା ଅବସରରେ ଅର୍ଥ ମନ୍ତ୍ରୀ ଜେଟ୍‌ଲୀ ଏନ୍‌ପିଏକୁ ନେଇ ଉପା ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଛନ୍ତି ଯେ, ଏନ୍‌ପିଏର ପ୍ରକୃତ ଚିତ୍ର ୨୦୧୫ରେ ଜଣାପଡିଥିଲା। ଉପା ସରକାର ଏହାକୁ କାର୍ପେଟ ତଳେ ଲୁଚାଇଥିଲେ ବୋଲି ଜେଟ୍‌ଲୀ ଅଭିଯୋଗ କରିଛନ୍ତି।

- ପୂର୍ବରୁ ଏସ୍‌ବିଆଇ ସହ ୬ ବ୍ୟାଙ୍କ ମିଶିଥିଲେ
- ମିଶ୍ରଣ ପରେ ଦେଶର ତୃତୀୟ ସର୍ବବୃହତ୍ ବ୍ୟାଙ୍କ ହେବ
- କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ବଦଳିବନି

# ଟଙ୍କା, ଟ୍ରେଡ୍ ୱାର୍ ଚିନ୍ତା ବଢ଼ାଇଲା
# ଷ୍ଟକ୍ ମାର୍କେଟ ଧରାଶାୟୀ

**ମୁମ୍ବାଇ,୧୭-୯**




ଆମେରିକା ଓ ଚାଇନା ମଧ୍ୟରେ ଟ୍ରେଡ୍ ୱାର୍ ଆହୁରି ଘନେଇଥିବା ବେଳେ ଟଙ୍କାର ମୂଲ୍ୟ ପୁଣି ୭୨ ପାର୍ କରିଯାଇଛି। ଫଳରେ ସୋମବାର ଏହାର ପ୍ରଭାବ ଷ୍ଟକ୍ ବଜାରରେ ଦେଖିବାକୁ ମିଳିଥିଲା। କାରବାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୫୦୫.୧୩ ପଏଣ୍ଟ ହ୍ରାସ ପାଇ ୩୭,୫୮୫.୫୧ ଏବଂ ନିଫ୍ଟି ୧୩୭.୪୫ ପଏଣ୍ଟ କମି ୧୧,୩୭୭.୭୫ରେ ପହଞ୍ଚିଥିଲା। ସୋମବାର ବଜାର ହ୍ରାସ ପାଇଁ ମୁଖ୍ୟତଃ ୪ଟି କାରଣ ଦାୟୀ ବୋଲି କୁହାଯାଉଛି। ପ୍ରଥମତଃ ଚାଇନାର ଅଧିକ ସାମଗ୍ରୀ ଉପରେ ଆମେରିକା ଟାରିଫ ବୃଦ୍ଧି କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଚାଇନାର କମ୍ୟୁନିଷ୍ଟ ପାର୍ଟି ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଏହାର ଜବାବରେ କହିଥିଲା ଯେ, ଆମେରିକାକୁ ମଧ୍ୟ ଚାଇନା ଉଚିତ୍ ଜବାବ ଦେବ। ଏଥିଯୋଗୁ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଆହୁରି ଗଭୀର ହେବ ବୋଲି ନିବେଶକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଟଙ୍କାରେ ସ୍ଥିରତା ତଥା ଚଳନ୍ତି ଜମା ନିଅଣ୍ଟ ପରିମାଣ ହ୍ରାସ ଲାଗି କେନ୍ଦ୍ର ସରକାର ଘୋଷଣା କରିଥିବା ୫ ସୂତ୍ରୀ ପଦକ୍ଷେପ ନିବେଶକଙ୍କୁ ଆକର୍ଷିତ କରି ନ ପାରିବା ଷ୍ଟକ୍ ହ୍ରାସର ଦ୍ୱିତୀୟ କାରଣ କୁହାଯାଉଛି। ସେହିପରି ସୋମବାର ଡଲାର ତୁଳନାରେ ଟଙ୍କା ପୁଣି ୭୨ ସ୍ତର ପାର୍ କରିବା, ବିଦେଶୀ ପୁଞ୍ଜି ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରୁଥିବାରୁ ନିବେଶକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା ଦେଇଛନ୍ତି ବୋଲି ରିଲାଏନ୍ସ ସିକ୍ୟୁରିଟିଜର ଗବେଷଣା ମୁଖ୍ୟ ନବୀନ କୁଲକର୍ଣ୍ଣି ପ୍ରକାଶ କରିଛନ୍ତି।

# ନିଷିଦ୍ଧ ତାଲିକାରୁ ବାଦ୍ ପଡ଼ିଲା ୩ ଔଷଧ

**ନୂଆଦିଲ୍ଲୀ,୧୭-୯**

**କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ**



କେନ୍ଦ୍ର ସରକାର ଫିକ୍ସ ଡୋଜ୍ କମ୍ବିନେଶନ(ଏଫ୍‌ଡିସି) କୁହାଯାଉଥିବା ୩୨୮ ପ୍ରକାର ଔଷଧକୁ ନିଷିଦ୍ଧ ଘୋଷଣା କରି ଏକ ତାଲିକା ପ୍ରକାଶ କରିଥିଲେ। ତେବେ ସୁପ୍ରିମକୋର୍ଟ ସୋମବାର ସାରିଡନ, ପାଇରିଟନ ଏକ୍ସପେକ୍ଟୋରାଣ୍ଟ ଏବଂ ଡାର୍ଟକୁ ଏହି ତାଲିକାରୁ ବାଦ୍ ଦେଇଛନ୍ତି। ଏଣିକି ଏହି ୩ ପ୍ରକାର ଔଷଧ ବିକ୍ରି କରାଯାଇପାରିବ। ଅଦାଲତର ଏହି ଆଦେଶ ଯୋଗୁ ଗ୍ଲାକ୍ସୋସ୍ମିଥ୍‌କ୍ଲାଇନ ଓ ପିରାମଲ କମ୍ପାନୀ ଆଶ୍ୱସ୍ତ ହୋଇଛି। କାରଣ ସେମାନେ ଉକ୍ତ ଔଷଧକୁ ଦେଶରେ ମାର୍କେଟିଂ କରନ୍ତି। ଅନ୍ୟପକ୍ଷରେ ଔଷଧ ନିଷିଦ୍ଧ ଘୋଷଣାକୁ ବିରୋଧକରି ଏକାଧିକ ନିର୍ମାତାଙ୍କ ପକ୍ଷରୁ ଆଗତ ମାମଲାରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ଦୁଇ କମ୍ପାନୀ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ସାରିଡନ ଓ ଅନ୍ୟ ଦୁଇଟି କମ୍ପାନୀ ଉକ୍ତ ଔଷଧକୁ ୧୯୮୮ ପୂର୍ବରୁ ଉତ୍ପାଦନ କରି ଆସୁଥିଲା। ସୁପ୍ରିମକୋର୍ଟ ଏଥିପୂର୍ବରୁ ଏଭଳି ୧୫ ପ୍ରକାର ଔଷଧର ବିକ୍ରିକୁ ଅନୁମତି ଦେଇଥିବାରୁ ଉକ୍ତ ଔଷଧକୁ ମଧ୍ୟ ବିକ୍ରି ପାଇଁ ଅନୁମତି ଦେବା ଦରକାର। ଅନ୍ୟପକ୍ଷରେ ଔଷଧ ନିର୍ମାତାମାନେ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଯୁକ୍ତି ଦର୍ଶାଇଛନ୍ତି ଯେ, କେବଳ ‘ଚିକିତ୍ସା ଲାଗି ଉପଯୁକ୍ତ ନୁହେଁ’ ଦର୍ଶାଇ କେନ୍ଦ୍ର ସରକାର ୩୨୮ ପ୍ରକାର ଔଷଧକୁ ନିଷିଦ୍ଧ କରିଦେଲେ। ଏହା ଯୁକ୍ତିସଙ୍ଗତ ନୁହେଁ। ଉଲ୍ଲେଖଥାଉକି, ସରକାର ନିଷିଦ୍ଧ ଘୋଷଣା କରିଥିବା ଔଷଧଗୁଡିକ ମଧ୍ୟରେ ସାରିଡନ, କୋରେକ୍ସ, ସୁମୋ, ଜେରୋଡଲ୍, ଫେନ୍ସିଡିଲ୍, ଜିଣ୍ଟାପ୍, ଡିକୋଲ୍ଡ ଭଳି ମୁଣ୍ଡବିନ୍ଧା, ସର୍ଦ୍ଦି, କାଶ, ନାଳଝାଡା, ପେଟ ବିନ୍ଧା ଔଷଧ ରହିଛି। ଏହାଛଡା କେତେକ ପ୍ରକାର ଆଣ୍ଟିବାୟୋଟିକ୍ସ, ପେନ୍ କିଲର, ଡାଇବେଟିସ ଓ ହୃଦ୍‌ଘାତ ଔଷଧ ରହିଛି ଯାହାକୁ ନିଷିଦ୍ଧ କରାଯାଇଛି। ନିଷିଦ୍ଧ ଘୋଷିତ ଔଷଧ ବ୍ୟତୀତ ବଜାରରେ ଆହୁରି ପ୍ରାୟ ୨୦୦୦ ପ୍ରକାର ଏଭଳି ଔଷଧର ବିକ୍ରି ହେଉଛି। ଆଗାମୀ ଦିନରେ ସରକାର ଆହୁରି ୫୦୦ ପ୍ରକାରର ଏଭଳି ଔଷଧକୁ ନିଷିଦ୍ଧ ଘୋଷଣା କରିବାକୁ ଯାଉଛନ୍ତି। ସୂଚନାଥାଉ କି, ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ଡ୍ରଗ ଟେକ୍ନିକାଲ ଆଡଭାଇଜରି ବୋର୍ଡ ଏକ କମିଟି ଗଠନ କରିଥିଲେ। ଏହି କମିଟି ୩୪୩ ଔଷଧକୁ ନିଷେଧ କରିବା ଲାଗି ସୁପାରିସ କରିବା ସହ ଅନ୍ୟ ୬ଟିର ନିର୍ମାଣ ଓ ବିକ୍ରି ଲାଗି କିଛି ସର୍ତ୍ତାରୋପ କରିଥିଲେ। ସରକାର ଏମାନଙ୍କ ମଧ୍ୟରୁ ୩୨୮ ପ୍ରକାର ଔଷଧକୁ ହିଁ ନିଷେଧ କରିଥିଲେ। ଏଥିପୂର୍ବରୁ ସରକାର ୩୪୯ ପ୍ରକାର ଔଷଧକୁ ନିଷିଦ୍ଧ କରିଥିଲେ। କିନ୍ତୁ ଏହାକୁ ବିରୋଧକରି ଔଷଧ ନିର୍ମାତାମାନେ ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଆମେରିକା,ଜାପାନ, ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନରେ ଏଫ୍‌ଡିସି ଔଷଧକୁ ନିଷିଦ୍ଧ କରାଯାଇଛି। ଭାରତ ସମେତ ଅନେକ ବିକାଶଶୀଳ ଦେଶରେ ଏହାକୁ ଖୋଲାଖୋଲି ବିକ୍ରି କରାଯାଉଛି। ଏଠାରେ ସ୍ପଷ୍ଟ କରାଯାଉଛି ଯେ, ଏକାଧିକ ଔଷଧକୁ ମିଶାଇ ଏଫ୍‌ଡିସି ଔଷଧ ନିର୍ମାଣ କରାଯାଇଥାଏ।

## ୨୯ ଆମେରିକୀୟ ଉତ୍ପାଦର ଟାରିଫ୍ ବୃଦ୍ଧି ଲାଗୁ
## ସମୟସୀମା ଗଡ଼ାଇ ଚାଲିଛି ଭାରତ



**ନୂଆଦିଲ୍ଲୀ,୧୭-୯**

ଭାରତରୁ ଆସୁଥିବା ଷ୍ଟିଲ ଓ ଆଲୁମିନିୟମ ଉପରେ ଆମେରିକା ଟାରିଫ ବୃଦ୍ଧି କରିବା ପରେ ଭାରତ ମଧ୍ୟ ଏହାର ପାଲଟା ଜବାବ ଦେବାକୁ ସ୍ଥିର କରିଥିଲା। ଆଲମଣ୍ଡ, ୱାଲନଟ୍ ଏବଂ ଡାଲି ଜାତୀୟ ଶସ୍ୟ ସମେତ ଆମେରିକାର ୨୯ ପ୍ରକାର ଉତ୍ପାଦ ଉପରେ ଭାରତ ଟାରିଫ ବୃଦ୍ଧି କରିବ ବୋଲି ଜୁନ୍‌ରେ ଘୋଷଣା କରିଥିଲା। ଅଗଷ୍ଟ ୪ରୁ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସେତେବେଳେ କୁହାଯାଇଥିଲେ ହେଁ ପରେ ଏହାକୁ ୪୫ ଦିନ ପାଇଁ ବଢ଼ାଇ ସେପ୍ଟେମ୍ବର ୧୮ରୁ ଲାଗୁ କରାଯିବ ବୋଲି କୁହାଗଲା। କିନ୍ତୁ ସୋମବାର ଜଣେ ସରକାରୀ ଅଧିକାରୀ କହିଛନ୍ତି, ଆମେରିକା ସହ ଏ ନେଇ ଆଲୋଚନା ଚାଲିଥିବାରୁ ଏବେ ଟାରିଫ ବୃଦ୍ଧି ଲାଗୁ କରାଯିବ ନାହିଁ। ଟାରିଫ ଲାଗୁ କରାଯିବାର ସମୟସୀମାକୁ ସୋମବାର ରାତିରୁ ହିଁ ବଢ଼ାଯିବ। ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟ ଚୁକ୍ତି ଲାଗି ଦୁଇ ଦେଶର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏହି କାରଣରୁ ଟାରିଫ ବୃଦ୍ଧି ଲାଗୁ କରିବାରୁ ଭାରତ ପଛାଉଛି।

## କିଙ୍ଗଫିଶର ଏୟାରଲାଇନ୍ସକୁ ଋଣ ପ୍ରଦାନ
# ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ସିବିଆଇ ନଜରରେ

**ନୂଆଦିଲ୍ଲୀ,୧୭-୯**



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ପୂର୍ବତନ ଡେପୁଟି ଗଭର୍ନର କେ.ସି.ଚକ୍ରବର୍ତ୍ତୀ କିଙ୍ଗଫିଶର ଏୟାରଲାଇନ୍ସକୁ ଋଣ ଦେବା ସମେତ ଦୁଇଟି ମାମଲାରେ ସିବିଆଇ ନଜରରେ ରହିଛନ୍ତି। ଚକ୍ରବର୍ତ୍ତୀଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ଯାହାକୁ ପ୍ରତ୍ୟାହାର କରିବା ଲାଗି ସ୍ୱୟଂ ଚକ୍ରବର୍ତ୍ତୀ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏହାର ଶୁଣାଣି ବେଳେ ସିବିଆଇ ଅଦାଲତକୁ ଉକ୍ତ ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି, ଲୁକ୍‌ଆଉଟ ନୋଟିସ ଜାରି କରାଯିବା ପରେ ଜଣେ ବ୍ୟକ୍ତି ଦେଶ ଛାଡି ଯାଇପାରିବେ ନାହିଁ। ଚକ୍ରବର୍ତ୍ତୀଙ୍କ କ୍ଷେତ୍ରରେ ଦିଲ୍ଲୀର ଏକ ଟ୍ରାଭେଲ କମ୍ପାନୀ ଏୟାରୱର୍ଥ ଟ୍ରାଭେଲ୍ସ ଆଣ୍ଡ ଟୁରସ୍ ମାମଲାରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ପକ୍ଷରୁ ଏହି କମ୍ପାନୀ ବିରୋଧରେ ଜାଲିଆତି ଅଭିଯୋଗ ଅଣାଯାଇ ମାମଲା ଦାୟର କରାଯାଇଥିଲା। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ରହିଥିବା ଚକ୍ରବର୍ତ୍ତୀ ମେ ୧୫ରେ ସିବିଆଇ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ତେବେ ସିବିଆଇ କୋର୍ଟର ସ୍ୱତନ୍ତ୍ର ବିଚାରପତି ସବିତା ରାଓ ଚକ୍ରବର୍ତ୍ତୀଙ୍କ ଆବେଦନକୁ ଖାରଜ କରିଥିଲେ। ଅଭିଯୁକ୍ତ ବିଦେଶ ଯାଇ ଆଉ ଫେରି ନ ପାରନ୍ତି ବୋଲି ସେ କହିଥିଲେ। ସୂଚନାଥାଉକି, ଚକ୍ରବର୍ତ୍ତୀ ଏବେ ବ୍ରିଟେନ ନାଗରିକ।

# ‘ଏଲ୍ ଆଣ୍ଡ ଟି ଫାଇନାନ୍ସ ପାଇଁ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ବଜାର’

**ଦେଶର ମାଇକ୍ରୋ ଲେଣ୍ଡିଂ (ଅଣୁ ଋଣ) କ୍ଷେତ୍ରରେ ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି)ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏଭଳି ସଂସ୍ଥାଗୁଡ଼ିକ ସଂଖ୍ୟାରେ ବର୍ତ୍ତମାନ ବୃଦ୍ଧି ଘଟିଛି। ଏଲ୍ ଆଣ୍ଡ ଟି ଫାଇନାନ୍ସ ହୋଲଡିଂସ୍ ଲିମିଟେଡ(ଏଲ୍‌ଟିଏଫ୍‌ଏଚ୍) ଏହି କ୍ଷେତ୍ରରେ ଏକ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ। ଏହା ରୁରାଲ ଫାଇନାନ୍ସ, ହାଉସିଂ ଫାଇନାନ୍ସ, ହୋଲସେଲ ଫାଇନାନ୍ସ, ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜ୍‌ମେଣ୍ଟ ଭଳି ବିଭିନ୍ନ ଫାଇନାନ୍‌ସିଆଲ ପ୍ରଡକ୍ଟ ଏବଂ ସେବା ପ୍ରଦାନ କରୁଛି। ଚଳିତବର୍ଷ ଜୁନ ଶେଷ ସୁଦ୍ଧା କମ୍ପାନୀର ଲୋନ୍ ବୁକ୍ ୮୬,୫୭୧ କୋଟି ଟଙ୍କା ଥିବା ବେଳେ ଆସେଟ୍ ଅଣ୍ଡର ମ୍ୟାନେଜ୍‌ମେଣ୍ଟ (ଏୟୁଏମ୍) ୮୯,୯୮୪ କୋଟି ଟଙ୍କା ରହିଛି। ରୁରାଲ ଫାଇନାନ୍ସକୁ କମ୍ପାନୀ ପ୍ରାଥମିକତା ଦେଉଥିବା ବେଳେ ଫାର୍ମ ଇକ୍ୱିପମେଣ୍ଟ ଫାଇନାନ୍ସ, ଟୁ-ହ୍ୱିଲର୍ସ ଫାଇନାନ୍ସ ଏବଂ ଅଣୁ ଋଣ ପ୍ରଦାନ କରୁଛି। ବଜାର ସ୍ଥିତି, କାର୍ଯ୍ୟ ପରିସର ତଥା ବିଭିନ୍ନ ପଦକ୍ଷେପ ନେଇ କମ୍ପାନୀର ରୁରାଲ ଫାଇନାନ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସୁନୀଲ ପ୍ରଭୁନେ ଧରିତ୍ରୀକୁ ଦେଇଥିବା ସାକ୍ଷାତ୍କାର...**



**ଏନ୍‌ବିଏଫ୍‌ସିଗୁଡ଼ିକ ଲାଗି ଘରୋଇ ବଜାର କେତେ ଚ୍ୟାଲେଞ୍ଜିଂ?**

ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ରହିଥିବା ଚ୍ୟାଲେଞ୍ଜକୁ ଆମେ ସୁଯୋଗ ଭାବେ ଦେଖୁଛୁ। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସଙ୍ଗଠିତ କ୍ଷେତ୍ର ପରିବର୍ତ୍ତେ ଅଣ ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟିର ବିଶେଷ ସମ୍ଭାବନା ରହିଛି। ଅଣୁ ଉଦ୍ୟୋଗୀମାନେ ଏହି କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିପାରିବେ। ଏହି କ୍ଷେତ୍ରରେ ଋଣ ପ୍ରଦାନ ଲାଗି ଏନ୍‌ବିଏଫ୍‌ସିଗୁଡିକ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପୂର୍ବରୁ ଦେଶରେ ଡାଟା କ୍ଷେତ୍ରରେ ବିଭିନ୍ନ ଅସୁବିଧା ରହିଥିଲା। ୬ ବର୍ଷ ତଳେ ୧୫%ରୁ କମ୍ ଯୁବବର୍ଗଙ୍କ ନିକଟରେ କ୍ରେଡିଟ୍ ବ୍ୟୁରୋ ଡାଟା ରହିଥିଲା। ବର୍ତ୍ତମାନ ୫୦% ଯୁବବର୍ଗଙ୍କ ନିକଟରେ କ୍ରେଡିଟ୍ ବ୍ୟୁରୋ ଡାଟା ଉପଲବ୍ଧ। ଆହୁରି ୫୦%ଙ୍କ ନିକଟରେ ଏଭଳି ତଥ୍ୟ ପହଞ୍ଚି ପାରି ନାହିଁ। ଦେଶରେ ଡାଟାର ଉପଲବ୍ଧତା ବର୍ତ୍ତମାନ ବଢୁଛି। ଏପରି ସ୍ଥିତିରେ ବିତ୍ତ ପ୍ରତିଷ୍ଠାନଗୁଡିକ ସେମାନଙ୍କ ଯୋଜନା ପ୍ରସ୍ତୁତ କରିବା ସହ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ପାରିବେ।

**ଏଲ୍‌ଆଣ୍ଡଟିର ସ୍ଥିତିକୁ କିଭଳି ଦେଖୁଛନ୍ତି?**

ଇକ୍ରା, ଇଣ୍ଡିଆ ରେଟିଂ ଏବଂ କେୟାର ଭଳି ଦେଶର ପ୍ରମୁଖ ଏଜେନ୍ସିଗୁଡିକ ଏଲ୍‌ଆଣ୍ଡଟି ଫାଇନାନ୍ସକୁ ଟ୍ରିପଲ ଏ ରେଟିଂ ପ୍ରଦାନ କରିଛନ୍ତି। ଉଭୟ ଗ୍ରାମୀଣ ତଥା ଅର୍ଦ୍ଧ ସହରାଞ୍ଚଳ ବଜାର ଉପରେ ଆମେ ଧ୍ୟାନ କେନ୍ଦ୍ରିତ କରିଛୁ। ମାଇକ୍ରୋ ଫାଇନାନ୍ସ ଆମ ପାଇଁ ଏକ ଫୋକସ କ୍ଷେତ୍ର। ୬୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ସହ ଯୋଡି ହୋଇଛୁ। ସାରା ଦେଶର ୧୮ହଜାର କର୍ମଚାରୀଙ୍କ ସହ ସେବା ଯୋଗାଇ ଦେଉଛୁ। କମ୍ପାନୀର ୧୩୦୦ ଟଚ୍ ପଏଣ୍ଟ ରହିଛି। ଗତ ବର୍ଷ ସୁଦ୍ଧା ୮୬,୫୭୧ କୋଟି ଟଙ୍କା ଋଣ ପ୍ରଦାନ କରିଛୁ। ଏହା ସହ ୫୩୮ କୋଟି ଟଙ୍କା ଲାଭ ହାସଲ କରିଛୁ। ଡାଟା ଆନାଲିସିସ, ଡିଜିଟାଇଜେଶନ ସହ କାର୍ଯ୍ୟ କରୁଛୁ। ଋଣ ପ୍ରୋସେସିଂକୁ ତ୍ୱରାନ୍ୱିତ କରାଯାଇଛି। କ୍ରେଡିଟ ଇଞ୍ଜିନ ଦ୍ୱାରା ଋଣ ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଉଛି। ସେହିଭଳି ଗ୍ରାହକଙ୍କ ସହ ଉତ୍ତମ ସମ୍ପର୍କ ଧ୍ୟାନରେ ରଖିଛୁ। ବାୟୋମେଟ୍ରିକ ଡିଭାଇସ, ମୋବାଇଲ୍ ଦ୍ୱାରା ସେବା ଯୋଗାଣ ହେଉଛି। ଆମ ବାଣିଜ୍ୟ କ୍ଷେତ୍ରରେ ଏହା ବିପ୍ଳବ ଆଣିଛି। ପେପର ଭିତ୍ତିକ କାର୍ଯ୍ୟ ପରିବର୍ତ୍ତେ ମୋବାଇଲ ଆପ୍ଲିକେଶନରେ ଡୋର୍ ଷ୍ଟେପ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଉଛି। ଆମେ ସୁଗମତା, ତ୍ୱରିତ ସେବା ପ୍ରଦାନ ନେଇ କାର୍ଯ୍ୟ କରୁଛୁ।

**ଓଡ଼ିଶାରେ କମ୍ପାନୀ କେଉଁ ଭଳି ଯୋଜନା ସହ କାର୍ଯ୍ୟ କରୁଛି?**

ଗତ ବର୍ଷ ମାଇକ୍ରୋ ଫାଇନାନ୍ସ ଶିଳ୍ପ ୩୦ରୁ୪୦% ହାରରେ ଅଭିବୃଦ୍ଧି ହାସଲ କରିଛି। ଅଣପାରମ୍ପରିକ ଶକ୍ତି କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ କ୍ଷେତ୍ରରେ ଆମେ ପ୍ରମୁଖ ସ୍ଥାନରେ ରହିଛୁ। ଓଡ଼ିଶାରେ ୨୮ ଜିଲାରେ ଉପସ୍ଥିତି ଜାହିର କରିଛୁ। ଏଠାରେ ୮ ଲକ୍ଷରୁ ଅଧିକ ଗ୍ରାହକ ରହିଛନ୍ତି। ଓଡ଼ିଶାରେ ୧୮୦୦ ଶହ କୋଟି ଟଙ୍କା ଋଣ ପ୍ରଦାନ କରିଛୁ। ୧୪୦ ଶାଖା ଏଠାରେ ରହିଛି। ଗତ ବର୍ଷ ୩ ଲକ୍ଷ ଗ୍ରାହକ ଯୋଡିଛୁ। ଆମେ ଅଣୁ ଋଣ ବାଦ, ଫାର୍ମ ବିଜନେଶ ତଥା ଟୁହ୍ୱିଲର୍ସ ଋଣ ପ୍ରଦାନ କରୁଛୁ। ଟୁହ୍ୱିଲର୍ସ ଋଣ କ୍ଷେତ୍ରରେ ୨ ମିନିଟରୁ କମ୍ ସମୟରେ ଋଣ ମଞ୍ଜୁରି ହେଉଛି। ଆସାମ, ତ୍ରିପୁରା, ବିହାର ଏବଂ ଝାଡଖଣ୍ଡ ବାଦ୍ ଓଡ଼ିଶା ବଜାର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦେଶର ପୂର୍ବାଞ୍ଚଳରେ ଗ୍ରାହକମାନଙ୍କର ଋଣ ପୈଠ କ୍ଷେତ୍ରରେ ଉନ୍ନତ ଟ୍ରାକ ରେକର୍ଡ ରହିଛି। ସେହିଭଳି ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ ଅଣ୍ଡର ପେନିଟ୍ରେସନ ରହିଛି। ଏହି କ୍ଷେତ୍ରରେ ଅଭିବୃଦ୍ଧିର ବିପୁଳ ସୁଯୋଗ ରହିଛି। ଏଣୁ ଉନ୍ନତ ବ୍ୟବସାୟ ନେଇ ଆଶା ରଖିଛୁ। ଓଡ଼ିଶାରେ ଗତବର୍ଷ ୧୦୦% ବାଣିଜ୍ୟ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛୁ।

**ସରକାର ବର୍ତ୍ତମାନ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରାଥମିକତା ଦେଉଛନ୍ତି। ଏହି ଧାରାରେ କମ୍ପାନୀ କିଭଳି ଭାଗୀଦାରି ରଖିଛି?**

ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ କମ୍ପାନୀ ମୂଳରୁ ପ୍ରାଥମିକତା ସହ ଦେଖି ଆସିଛି। ଆମ ସହ ଯୋଡି ହେଉଥିବା ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣକୁ ଧ୍ୟାନ ଦେଉଛୁ। କଷ୍ଟମରଙ୍କୁ ଋଣ ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଅଣୁ ଋଣ ଗ୍ରହଣ କରୁଥିବା ଆମର ଗ୍ରାହକଙ୍କ ମଧ୍ୟରୁ ପ୍ରାୟ ୪୦% ନୂତନ ଗ୍ରାହକ। ଅଧିକରୁ ଅଧିକ ନୂଆ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ପଦକ୍ଷେପ ନେଉଛୁ। କମ୍ପାନୀର ମୋଟ ଗ୍ରାହକଙ୍କ ମଧ୍ୟରୁ ପ୍ରାୟ ୫୦% କେବଳ ଲେଣ୍ଡିଂ ରିଲେସନଶିପ୍ ଗ୍ରାହକ।

**ଡିଜିଟାଲ ଆର୍ଥିକ ସାକ୍ଷରତା ଦିଗରେ କମ୍ପାନୀ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ କ’ଣ କହିବେ?**

ଡିଜିଟାଲ ଆର୍ଥିକ ସାକ୍ଷରତା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ଏଥି ପାଇଁ ‘ଡିଜିଟାଲ ସଖୀ’ କାର୍ଯ୍ୟକ୍ରମ ପାଇଲଟ୍ ଭିତ୍ତିରେ ଆରମ୍ଭ କରିଛୁ। ଏଥିରେ ମହିଳା ଗ୍ରୁପଙ୍କୁ ଆର୍ଥିକ ସାକ୍ଷରତା ଉପରେ ତାଲିମ୍ ପ୍ରଦାନ କରାଯାଉଛି। ଏହାକୁ ସାରା ଦେଶରେ ଆରମ୍ଭ କରିବାକୁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଉକ୍ତ ପଦକ୍ଷେପ ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ଦୁଇଟି ରାଜ୍ୟରେ ଆରମ୍ଭ ହୋଇଛି। ଧୀରେ ଧୀରେ ଅନ୍ୟ ରାଜ୍ୟଗୁଡିକରେ ଏହାକୁ ଆରମ୍ଭ କରାଯିବ।

"ପାକିସ୍ତାନ ବିପକ୍ଷରେ ଯଦି ଟେଷ୍ଟ ପଦାର୍ପଣ କରେ ତେବେ ମୁଁ ମୋ ଆକ୍ରମଣାତ୍ମକ ଖେଳ ଷ୍ଟାଇଲରେ ପରିବର୍ତ୍ତନ ଆଣିପାରେ।

–ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



"ଦୈନନ୍ଦିନ ବ୍ୟସ୍ତ ବହୁଳ ଜୀବନ ଯୋଗୁ ସମୟର ଅଭାବ ରହିଛି। ଦିଲ୍ଲୀ କ୍ରିକେଟର ହିତ ଦୃଷ୍ଟିରୁ ମୁଁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନରୁ ଇସ୍ତଫା ଦେଇଛି।

–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### 'କୋଚ୍ ପଦରୁ ଶାସ୍ତ୍ରୀ ବିଦା ହେବା ଦରକାର'

ନୂଆଦିଲ୍ଲୀ,୧୭।୯: ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଇଂଲଣ୍ଡ ସିରିଜ୍‌ରେ ୧-୪ ବ୍ୟବଧାନରେ ପରାଜିତ ହେବା ପରେ କୋଚ୍ ରବି ଶାସ୍ତ୍ରୀଙ୍କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି। ଏପରି କି ଶାସ୍ତ୍ରୀଙ୍କୁ ମୁଖ୍ୟକୋଚ୍ ପଦରୁ ବିଦା କରାଯିବା ଉଚିତ ବୋଲି ପୂର୍ବତନ କ୍ରିକେଟର ଚେତନ ଚୌହାନ ମନ୍ତବ୍ୟ ଦେଇଛନ୍ତି। ଇଂଲଣ୍ଡ ସିରିଜ୍‌ରେ ପରାଜୟ ଲାଗି ଶାସ୍ତ୍ରୀ ହିଁ ଦାୟୀ। ତାଙ୍କୁ ଆଗାମୀ ନଭେମ୍ବରରେ ହେବାକୁ ଥିବା ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ବିଦା କରାଯିବା ଦରକାର। ''ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ମୁଖ୍ୟକୋଚ୍ ପଦରୁ ଶାସ୍ତ୍ରୀଙ୍କୁ ବିଦା କରାଗଲେ ଭାରତୀୟ ଦଳ ଲାଗି ମଙ୍ଗଳହେବ। ସେ ଜଣେ ଭଲ ଭାଷ୍ୟକାର। ଏଣୁ ତାଙ୍କୁ କମେଣ୍ଟ୍ରି କରିବାକୁ ଅନୁମତି ଦିଆଯାଉ'' ବୋଲି ଚୌହାନ କହିଛନ୍ତି। ଇଂଲଣ୍ଡ ବିପକ୍ଷ ଟ୍ରେଣ୍ଟ ବ୍ରିଜ ଟେଷ୍ଟ ଜିତିବା ପରେ ଶାସ୍ତ୍ରୀ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଶ୍ରେଷ୍ଠ ଭ୍ରମଣକାରୀ ଦଳ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଶାସ୍ତ୍ରୀଙ୍କ ଏହି ମତରେ ଚୌହାନ ଏକମତ ନୁହନ୍ତି। ୧୯୮୦ ଦଶକରେ ଭାରତୀୟ ଦଳ ବିଶ୍ୱର ଶ୍ରେଷ୍ଠ ଭ୍ରମଣକାରୀ ଦଳ ଥିଲା ବୋଲି ପୂର୍ବତନ ଓପନର ଚୌହାନ ପ୍ରକାଶ କରିଛନ୍ତି। ୧୯୬୯ରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିବା ଚେତନ ୧୯୮୧ ମଧ୍ୟରେ ୪୦ ଟେଷ୍ଟ ଖେଳିଥିଲେ।

### ପିକେଏଲ୍ ୬ଷ୍ଠ ସଂସ୍କରଣ ୭ରୁ

ମୁମ୍ବାଇ, ୧୭।୯(ପି.ଟି.): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ୬ଷ୍ଠ ସଂସ୍କରଣ ଅକ୍ଟୋବର ୭ରୁ ଆରମ୍ଭ ହେବ। ପୂର୍ବରୁ ଅକ୍ଟୋବର ୫ରୁ ପିକେଏଲ୍‌ର ଆଗାମୀ ସିଜନ ଆରମ୍ଭ ହେବ ବୋଲି କୁହାଯାଇଥିଲା। କିନ୍ତୁ କାର୍ଯ୍ୟସୂଚୀ ପରିବର୍ତ୍ତନ ନେଇ ସୋମବାର ଆୟୋଜକ ମାଶାଲ ସ୍ପୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଷ୍ଟାଡିୟମର ଉପସ୍ଥିତି ଆଦି କେତେକ କାରଣ ଯୋଗୁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ପୂର୍ବଭଳି ଟୁର୍ନାମେଣ୍ଟର ପ୍ରଥମ ଲେଗ୍ ଚେନ୍ନାଇରେ ଅନୁଷ୍ଠିତ ହେବ। ସେହିଭଳି ପ୍ଲେ-ଅଫ୍ ମ୍ୟାଚ୍ ଗୁଡ଼ିକ କୋଚିରେ ଏବଂ ଫାଇନାଲ ମ୍ୟାଚ୍ ଜାନୁୟାରୀ ୫ରେ ମୁମ୍ବାଇରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସରେ ପ୍ରସାରଣ ହେବ।

# ଭାରତ-ହଂକଂ ମୁକାବିଲା ଆଜି

**ଏସିଆ କପ୍ କ୍ରିକେଟ**

ଦୁବାଇ, ୧୭।୯ (ପି.ଟି.)

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ୧୪ତମ ସଂସ୍କରଣରେ ଭାରତ ମଙ୍ଗଳବାର ଅପେକ୍ଷାକୃତ ଦୁର୍ବଳ ହଂକଂ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ତେବେ ବୁଧବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଭାରତ ମ୍ୟାଚ ଖେଳିବାକୁ ଯାଉଥିବାରୁ ହଂକଂ ବିପକ୍ଷ ମ୍ୟାଚ୍‌ର ଗୁରୁତ୍ୱ ରହିଛି। ପାକିସ୍ତାନ ବିପକ୍ଷରେ ଖେଳିବା ପୂର୍ବରୁ ଭାରତ ପାଇଁ ଏହା ରିହରସାଲ ସଦୃଶ ହୋଇଛି। ତେଣୁ ଭାରତ ହଂକଂକୁ ଆଦୌ ହାଲକା ଭାବେ ନେବନାହିଁ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ତଙ୍କ ସ୍ଥାନରେ ତାରକା ଓପନର ରୋହିତ ଶର୍ମା ଦଳର ନେତୃତ୍ୱ ନେବେ।

ଦୁବାଇରେ ଏବେ ପ୍ରବଳ ଗରମ ହେଉଛି। ତାପମାତ୍ରା ପାଖାପାଖି ୪୩ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଭାରତୀୟ ଖେଳାଳିମାନଙ୍କୁ ସେଠାକାର ପରିବେଶ ମଧ୍ୟରେ ଖାପଖୁଆଇବା ପାଇଁ ଏହି ମ୍ୟାଚ୍ ସୁଯୋଗ ସୃଷ୍ଟି କରିବ। ପାକିସ୍ତାନ ସହିତ ଲଢେଇରେ ଅବତୀର୍ଣ୍ଣ ହେବା ପୂର୍ବରୁ ଏହି ମ୍ୟାଚ ଭାରତ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ହଂକଂ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନଠାରୁ ୮ ଉଇକେଟରେ ପରାସ୍ତ ହୋଇଛି। ହଂକଂ ମାତ୍ର ୧୧୬ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍‌ରେ ପାକିସ୍ତାନ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା।

ଯଦି ସେମିତି କିଛି ଚମତ୍କାର ନ ହୁଏ, ତେବେ ଭାରତ ବିପକ୍ଷରେ ହଂକଂ ସେଭଳି କୌଣସି ବଡ଼ ଧରଣର ପ୍ରଦର୍ଶନ କରିବା ଅସମ୍ଭବ ମନେ ହୁଏ। ଭାରତୀୟ ଦଳରେ ରୋହିତଙ୍କ ସମେତ ଶିଖର ଧାୱନ, ଲୋକେଶ ରାହୁଲ, କେଦାର ଯାଦବଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ସେହିପରି ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ ଓ ୟୁଜଭେନ୍ଦ୍ର ଚହଲଙ୍କ ଭଳି ବିଶ୍ୱସ୍ତରୀୟ ବୋଲର ଦଳରେ ରହିଛନ୍ତି।

ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ସେ ଏହି ଟୁର୍ନାମେଣ୍ଟରେ ନିଜର ଦକ୍ଷତା ପ୍ରମାଣ କରିବାର ସୁଯୋଗ ହାସଲ କରିବେ। ୫, ୬ କିମ୍ବା ୭ ନମ୍ବରରେ ଧୋନୀ ପୁଣି ଥରେ ଦମ୍‌ଦାର ବ୍ୟାଟିଂ କରି ଦଳରେ ନିଜର ସ୍ଥାନକୁ ଆହୁରି ପକ୍କା କରିବେ ବୋଲି ଆଶା କରାଯାଉଛି।

ପାକିସ୍ତାନ ବିପକ୍ଷରେ ଯଦି ଧୋନୀ ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସନ୍ତି ତେବେ ସେ ତାରକା ଦ୍ରୁତ ବୋଲର ମହମ୍ମଦ ଆମୀରଙ୍କର ସମ୍ମୁଖୀନ ହେବେ। ଆମୀରଙ୍କ ସମେତ ପ୍ରତିଭା ସମ୍ପନ୍ନ ହାସନ ଅଲୀ, ଉସମାନ ଖାଁଙ୍କର ମଧ୍ୟ ସେ ସମ୍ମୁଖୀନ ହେବେ। କେଦାର ଯାଦବ କିମ୍ବା ମନୀଷ ପାଣ୍ଡେ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିବେ। ସେହିପରି ବିଗ୍ ହିଟର ହାର୍ଦ୍ଦିକ ପାଣ୍ଡ୍ୟା ୭ ନମ୍ବରରେ ବ୍ୟାଟିଂ କରିବେ। ଯଦି ଏପରି ହୁଏ ତେବେ ଧୋନୀ ୬ ନମ୍ବରରେ ବ୍ୟାଟିଂ କରିବେ।

ଭାରତ ପାଇଁ ମିଡଲ ଅର୍ଡର ଚିନ୍ତା ସୃଷ୍ଟି କରିଛି। ଆସନ୍ତା ବର୍ଷ ଖେଳାଯିବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତ ଏହି ସମସ୍ୟାକୁ ଦୂରେଇବାକୁ ଚେଷ୍ଟା କରିବ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଚଳିତ ଏସିଆ କପ୍‌କୁ ପ୍ରୟୋଗଶାଳା ରୂପେ ବ୍ୟବହାର କରିପାରିବ। ରାହୁଲ ୩ ନମ୍ବରରେ ବ୍ୟାଟିଂ କରିବା ଆଶା କରଯାଉଛି। ତେବେ ଆମୀର ଓ ହାସନଙ୍କ ଇନ୍ କମିଙ୍ଗ୍ ବଲ ତାଙ୍କ ପାଇଁ ଇଂଲଣ୍ଡ ଗସ୍ତଭଳି ସମସ୍ୟା ସୃଷ୍ଟି କରିବ। ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କୁ ଦଳରେ ସାମିଲ କରାଯାଇଛି। ଫଳରେ ନେଟ୍ସରେ ଭାରତୀୟ ବ୍ୟାଟ୍ସମ୍ୟାନ ଖଲିଲଙ୍କ ବଲରେ ଭଲ ଅଭ୍ୟାସ କରିବେ ଓ ଏହା ଦ୍ୱାର ପାକିସ୍ତାନ ଦ୍ରୁତ ବୋଲରଙ୍କୁ ସାମ୍ନା କରିବାର କୌଶଳ ଶିକ୍ଷା କରିପାରିବେ।

ତେବେ ଫ୍ଲାଟ ଉଇକେଟରେ ଭାରତୀୟ ବ୍ୟାଟ୍ସମ୍ୟାନ କମ୍ ଫୁଟୱାର୍କରେ ଉଠୁଥିବା ବଲ୍‌କୁ ଜୋରାଦାର ପ୍ରହାର କରିବାର ସଫଳ ପ୍ରୟାସ କରିପାରିବେ। ହଂକଂ ବିପକ୍ଷ ମ୍ୟାଚ ରାହୁଲ, ଧାୱନ ଓ ପାଣ୍ଡ୍ୟାଙ୍କ ପାଇଁ ଭିନ୍ନ ଲେନ୍ଥ ଓ ଗତିର ବଲକୁ ସାମ୍ନା କରିବାର କୌଶଳ ଶିକ୍ଷା କରିବାର ସୁଯୋଗ ସୃଷ୍ଟି କରିବ। ବୋଲିଂରେ ବୁମରା-ଭୁବନେଶ୍ୱର ଓ କୁଲଦୀପ- ଚହଲ ଯୋଡିଙ୍କ କମାଲ ପୁଣି ଥରେ ଦେଖିବାକୁ ମିଳିବ।

ଦୁଇ ସ୍ପିନର କୁଲଦୀପ ଯାଦବ ଓ ଚହଲ ପାକିସ୍ତାନ ପାଇଁ ସମସ୍ୟା ସୃଷ୍ଟି କରିବେ। କାରଣ ପୂର୍ବରୁ ଏହି ଦୁଇ ରିଷ୍ଟ ସ୍ପିନର ପାକିସ୍ତାନ ବିପକ୍ଷରେ ପୂର୍ବରୁ କେବେ ଖେଳିନାହାନ୍ତି। ପାକିସ୍ତାନ ପାଇଁ ଏମାନେ ସମ୍ପୂର୍ଣ୍ଣ ଅଜଣା ରହିଛନ୍ତି।

ଫକାର ଜମାନ ଓ ବାବର ଆଜମଙ୍କ ସମେତ ଇମାମ ଉଲ ହକ୍ ବ୍ୟାଟିଂରେ ପାକିସ୍ତାନ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ଏହି ୩ ଖେଳାଳି ଗତ କିଛିମାସ ହେବ ବେଶ୍ ସ୍ଥିର ପ୍ରଦର୍ଶନ କରି ଆସୁଛନ୍ତି। ପାକିସ୍ତାନ ଦଳରେ ସୋଏବ ମଲିକ ସବୁଠାରୁ ବୟୋଜ୍ୟୋଷ୍ଠ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ଅଭିଜ୍ଞତା ପାକିସ୍ତାନ ମିଡିଲ ଅର୍ଡର ପାଇଁ ବେଶ୍ ସ୍ଥିରତା ଆଣି ଦେଇଛି। ବ୍ୟାଟିଂରେ ସେ ପୁଣିଥରେ ଉପଯୋଗୀ ସାବ୍ୟସ୍ତ ହେବା ଆଶା କରାଯାଉଛି।

ହଂକଂ ବିପକ୍ଷ ମ୍ୟାଚ୍ ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ପାଇଁ ୱାର୍ମ- ଅପ୍ ସଦୃଶ ହେବ।



ମହେନ୍ଦ୍ର ସିଂ ଧୋନୀ

- ଭାରତୀୟ ଦଳ: ରୋହିତ ଶର୍ମା(ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ୟୁଜଭେନ୍ଦ୍ର ଚହଲ, ଶାର୍ଦ୍ଦୁଳ ଠାକୁର, ଦୀନେଶ କାର୍ତ୍ତିକ ଓ ଖଲିଲ ଅହମ୍ମଦ।
- ହଂକଂ ଦଳ: ଅଂଶୁମାନ୍ ରଥ (ଅଧିନାୟକ), ଏଜାଜ୍ ଖାଁ, ବାବର ହାୟାତ, କାମେରନ ମ୍ୟାକଅଲସନ, କ୍ରିଷ୍ଟୋଫର କାର୍ଟର, ଏହସାନ ଖାଁ, ଏହସାନ ନୱାଜ, ଅର୍ସାଦ ମହମ୍ମଦ, କିଞ୍ଚିତ୍ ଶାହ, ନଦୀମ ଅହମ୍ମଦ, ରାଗ କାପୁର, ସ୍କଟ ମ୍ୟାକେହେନୀ, ତନବୀର ଅହମ୍ମଦ, ତନବୀର ଅଫଜଲ, ୱକାସ ଖାଁ ଓ ଅଫତାବ ହୁସେନ।

ସ୍ଥାନ: ଦୁବାଇ
ସମୟ: ଅପରାହ୍ନ ୫ଟା
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

# ଆଫଗାନିସ୍ତାନଠାରୁ ହାରି ଶ୍ରୀଲଙ୍କା ବିଦା

ଦୁବାଇ,୧୭।୯(ପି.ଟି.)

୫ଥର ଟାଇଟଲ ହାସଲ କରିଥିବା ଶ୍ରୀଲଙ୍କା ଏଥର ଏସିଆ କପ୍‌ରୁ ବାଦ ପଡିଛି। ପ୍ରଥମେ ବାଂଲାଦେଶ ଓ ପରେ ଆଫଗାନିସ୍ତାନଠାରୁ ପରାସ୍ତ ହୋଇ ଶ୍ରୀଲଙ୍କା ଏହି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସ୍ଥାନୀୟ ସେଖ ଜାୟେଦ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନ ବୃହତ୍ ୯୧ ରନରେ ଶ୍ରୀଲଙ୍କାକୁ ହରାଇ ଇତିହାସ ସୃଷ୍ଟି କରିଛି। ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨୪୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୪୧.୨ ଓଭରରେ ୧୫୮ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ୭୨ ରନର ଉପଯୋଗୀ ପାଳି ଖେଳିଥିବା ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନ ରହମତ ଶାହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୫୦ ରନ ଟାର୍ଗେଟ୍‌ର ପିଛା କରି ଶ୍ରୀଲଙ୍କା ଆଫଗାନ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା। ଦଳ ଆରମ୍ଭରୁ ଝଟ୍‌କା ଖାଇଥିଲା। ଇନିଂସର ଦ୍ୱିତୀୟ ବଲରେ ଓପନର କୁଶଲ ମେଣ୍ଡିସ୍ ମୁଜିବ ଉର ରହମାନଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଉପୁଲ ଥରଙ୍ଗା ଓ ଧନଞ୍ଜୟ ଡି ସିଲଭା ଦ୍ୱିତୀୟ ଉଇକେଟରେ ୫୪ ରନ କରିଥିଲେ। ତେବେ ଧନଞ୍ଜୟ ୨୩ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। କୁଶଲ ପେରେରା ୧୭ ରନ କରି ରସିଦ ଖାଁଙ୍କ ଶିକାର ହେବା ପରେ ଉପୁଲ ଥରଙ୍ଗାଙ୍କ ପାଳି ପଡିଥିଲା। ସେ ୩୬ ରନ କରିଥିବା ବେଳେ ଗୁଲବଦିନ ନାଇବଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ୍ ୨୨, ଶେହାନ ଜୟସୁରିୟା ୧୪, ଥିସାରା ପେରେରା ୨୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ୪ଜଣ ଟେଲ ଏଣ୍ଡର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦସୁନ ସନକା ଖାତା ଖୋଲିପାରି ନ ଥିବା ବେଳେ ଅକିଳ ଧନଞ୍ଜୟ ୨, ଲସିଥ ମାଲିଙ୍ଗା ୧ ରନ କରି ଆଉଟ ହୋଇଥିଲେ। ଦୁଷ୍ମନ୍ତ ଚାମିରା ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରହମାନ, ଗୁଲବଦିନ ନାଇବ, ମହମ୍ମଦ ନବି ଓ ରସିଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଶ୍ରୀଲଙ୍କାର ଦୁଇ ଜଣ ବ୍ୟାଟ୍ସମ୍ୟାନ ରନ୍ ଆଉଟ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନର ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିଲା। ଦୁଇ ଓପନର ମହମ୍ମଦ ଶାହଜାଦ ଓ ଇଶାନୁଲ୍ଲା ଜନତ ପ୍ରଥମ ଉଇକେଟ ଯୋଡିରେ ୫୭ ରନ ସଂଗ୍ରହ କରି ଭଲ ଆରମ୍ଭ ପ୍ରଦାନ କରିଥିଲେ। ଶାହଜାଦ ୩୪ ରନ କରି ଆଉଟ ହେବା ପରେ ଇଶାନୁଲ୍ଲା ୪୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଅସଘର ଆଫଗାନ ୧ ରନ କରି ଆଉଟ ହୋଇଥିଲେ। ଏହା ପରେ ରହମତ ଶାହ ସର୍ବାଧିକ ୭୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ହାସମାତୁଲ୍ଲା ଶହିଦି ୩୭, ମହମ୍ମଦ ନବି ୧୫, ନାଜିବୁଲ୍ଲା ଜଡ୍ରାନ ୧୨, ରସିଦ୍ ଖାଁ ୧୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଥିସାରା ପେରେରା ସର୍ବାଧିକ ୫, ଅକିଳ ଦନଞ୍ଜୟ ୨, ଲସିଥ ମାଲିଙ୍ଗା, ଦୁଷ୍ମନ୍ତ ଚାମିରା, ଶେହାନ ଜୟସୁରିୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୪୯ ଅଲଆଉଟ (ରହମତ- ୭୨, ଇଶାନୁଲ୍ଲା- ୪୫, ଶାହଜାଦ- ୩୪, ହାସମାତୁଲ୍ଲା- ୩୭, ପେରେରା- ୫/୫୫, ଦନଞ୍ଜୟ- ୨/୩୯)।
ଶ୍ରୀଲଙ୍କା ୪୧.୨ ଓଭରରେ ୧୫୮ ଅଲଆଉଟ୍ (ଥରଙ୍ଗା- ୩୬, ପେରେରା- ୨୮, ଡି ସିଲଭା- ୨୩, ମାଥ୍ୟୁସ- ୨୨, ରହମାନ- ୨/୩୨, ନାଇବ- ୨/୨୯, ନବି- ୨/୩୦, ରସିଦ- ୨/୨୬)



ସୋମବାର କଳିଙ୍ଗ ଷ୍ଟାଡ଼ିୟମ୍ ବୁଲି ଦେଖୁଛନ୍ତି ଭାରତୀୟ ହକି କୋଚ୍ ହରେନ୍ଦ୍ର ସିଂ।

### ପ୍ରଥମ ଦିବସରେ ଅଭ୍ୟାସ ହେଲାନି

ଭୁବନେଶ୍ୱର, ୧୭।୯(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ୨୫ ଜଣିଆ ଭାରତୀୟ କୋର ଗ୍ରୁପର ପ୍ରଶିକ୍ଷଣ ଶିବିର ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ସୋମବାର ପ୍ରଥମ ଦିବସର ଅଭ୍ୟାସ ସେସନ ବାତିଲ ହୋଇଥିବାବେଳେ ସନ୍ଧ୍ୟାରେ ପିଲାମାନେ ଜିମ୍‌ରେ ସମୟ କଟାଇଛନ୍ତି। ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ଓ ସହକାରୀ କୋଚ୍ ଅର୍ଜୁନ ହଲାପ୍ପା ନବନିର୍ମିତ ହକି କମ୍ପ୍ଲେକ୍ସ ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ଅଭ୍ୟାସ ଆରମ୍ଭ ହେବ ବେଲି ସୂଚନା ମିଳିଛି।

### ଏସିଆ କପ୍‌ରୁ ତାମିମ ଆଉଟ୍

ଢାକା, ୧୭।୯ (ଏଏଫ୍‌ପି)

ବାଂଲାଦେଶ ଓପନର ତାମିମ ଇକ୍‌ବାଲ ଅବଶିଷ୍ଟ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରୁ ଆଉଟ୍ ହୋଇଯାଇଛନ୍ତି। ଓପନିଂ ମ୍ୟାଚରେ ତାଙ୍କ ହାତ ହାଡ଼ ଭାଙ୍ଗି ଯାଇଥିଲେ ମଧ୍ୟ ସେ ବ୍ୟାଟିଂ କରିବାକୁ ଆସିଥିଲେ। ତାମିମ ୩ରୁ ୪ସପ୍ତାହ ପର୍ଯ୍ୟନ୍ତ ଖେଳିପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜର ଖାଲେଦ ମେହେମୁଦ ଦୁବାଇରୁ ଟେଲିଫୋନ ଯୋଗେ କହିଛନ୍ତି। ଶନିବାର ଶ୍ରୀଲଙ୍କା ବିପକ୍ଷ ଓପନିଂ ମ୍ୟାଚରେ ବାଂଲାଦେଶ ୧୩୭ ରନରେ ବିଜୟ ହାସଲ କରିଥିଲା। ହାତରେ ଇଞ୍ଜୁରି ସତ୍ତ୍ୱେ ମ୍ୟାଚର ଅନ୍ତିମ ଓଭରରେ ପୁଣି ବ୍ୟାଟିଂ କରିବାକୁ ଆସି ତାମିମ ଜାତୀୟ ହିରୋ ପାଲଟିଯାଇଥିଲେ। ସୂଚନାଯୋଗ୍ୟ, ବାଂଲାଦେଶ ଇନିଂସର ଦ୍ୱିତୀୟ ଓଭରରେ ସୁରଙ୍ଗ ଲକମଲଙ୍କ ଏକ ଶର୍ଟ ବଲ୍ ଏହି ବାମହାତୀ ବ୍ୟାଟ୍ସମ୍ୟାନଙ୍କ କଟିରେ ବାଜିଥିଲା। ତାଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ହସ୍ପିଟାଲରେ ତାଙ୍କର ସ୍କାନ ହୋଇଥିଲା।

# ଏସିଆ କପ୍: ନଜରରେ ୫ ଭାରତୀୟ



ଭାରତ ସପ୍ତମଥର ପାଇଁ ଏସିଆ କପ୍ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ହଂକଂ ବିପକ୍ଷରୁ ଭାରତ ମଙ୍ଗଳବାର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ବୁଧବାର ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ଶ୍ରେଷ୍ଠ ୫ ଭାରତୀୟ କ୍ରିକେଟରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ସେମାନେ ହେଲେ ଅଧିନାୟକ ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନୀ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ ଓ ମନୀଷ ପାଣ୍ଡେ।

### ରୋହିତ ଶର୍ମା

ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରୋହିତଙ୍କ ହାତରେ ଭାରତର ନେତୃତ୍ୱ। ୩୧ ବର୍ଷୀୟ ରୋହିତ ଗତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦଳରେ ସାମିଲ ନ ଥିଲେ। ତେଣୁ ସେ ମାନସିକ ଭାବେ ବେଶ୍ ସୁସ୍ଥ ଓ ଦୃଢ ଥିବେ। ରୋହିତ ଏପର୍ଯ୍ୟନ୍ତ ୧୮୩ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ୪୫ ରନ ହାରରେ ସେ ୧୮ଟି ଶତକ ସହ ୩୪ଟି ଅର୍ଦ୍ଧଶତକ ସହ ୬,୭୪୮ ରନ ସଂଗ୍ରହ କରିଛନ୍ତି। ବିଶ୍ୱର ଏକମାତ୍ର ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ସେ ୩ଟି ଦିନିକିଆ ଦ୍ୱିଶତକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୂର୍ବରୁ ମଧ୍ୟ ସେ ଭାରତର ନେତୃତ୍ୱ ନେଇ ବେଶ ସଫଳ ରହିଛନ୍ତି। ଏସିଆ କପ୍‌ରେ ତାଙ୍କ ବ୍ୟାଟିଂ ଓ ନେତୃତ୍ୱ ନେବାର ଦକ୍ଷତାର ମଧ୍ୟ ପରୀକ୍ଷା ହେବ। ବିଶେଷ କରି ପାକିସ୍ତାନ ବିପକ୍ଷରେ ତାଙ୍କର ପ୍ରଦର୍ଶନ କିପରି ରହିବ ତାହା ଦେଖିବାକୁ ବାକି ରହିଲା।

### ମହେନ୍ଦ୍ର ସିଂ ଧୋନୀ

ଦିନିକିଆରେ ଧୋନୀ ଜଣେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥାନ୍ତି। ତାଙ୍କୁ ଏସିଆ କପ୍ ଅବସରରେ ପୁଣି ଥରେ ଆକ୍ସନ୍‌ରେ ଦେଖିବାକୁ ମିଳିବ। ଜଣେ ଉଚ୍ଚକୋଟୀର ଉଇକେଟ କିପର ହେବା ସହିତ ସେ ଭାରତୀୟ ମିଡଲ ଅର୍ଡର ମେରୁଦଣ୍ଡ ବୋଲି ବିଚାର କରାଯାଏ। ସେ ଜଣେ ଚତୁର କ୍ରିକେଟର। ତାଙ୍କର ଚତୁରତା ଦ୍ୱାରା ଭାରତ ବହୁ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ସେ ଦଳ ପାଇଁ ଏକ ସମ୍ପଦ ବୋଲି କୁହାଯାଇପାରେ। ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଫିନିସର ବିବେଚନା କରାଯାଏ। ବିଶ୍ୱକପ୍ ଅବଗଣନା ଆରମ୍ଭ ହୋଇଯାଇଥିବା ବେଳେ ଏସିଆ କପ୍‌ରେ ଦମ୍ ଦେଖାଇ ସେ ସମାଲୋଚକଙ୍କୁ ଚୁପ୍ କରାଇବେ ବୋଲି ଆଶା କରାଯାଉଛି।

### ଯଶପ୍ରୀତ ବୁମରା

ବିଶ୍ୱର ୧ ନମ୍ବର ଦିନିକିଆ ବୋଲର ବୁମରା ଭାରତର ଏସିଆ କପ୍ ଅଭିଯାନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି। ୨୪ ବର୍ଷୀୟ ଏହି ଖେଳାଳି ୩୭ଟି ଦିନିକିଆ ଖେଳି ଏପର୍ଯ୍ୟନ୍ତ ୬୪ ଉଇକେଟ ହାସଲ କରିଛନ୍ତି। ୨୭ ରନରେ ୫ ଉଇକେଟ ନେଇ ସେ ଶ୍ରେଷ୍ଠ ସଫଳତା ହାସଲ କରିଥିଲେ। ତେବେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଗରମ ପରିବେଶରେ ସେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ତାଙ୍କର ଗତି, ନିଆରା ଆକ୍ସନ, ୟର୍କର ପକାଇବାର କ୍ଷମତା ସମସ୍ତଙ୍କଠାରୁ ଅଲଗା। ଏଥିଲାଗି ସେ ଭାରତ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବେ।

### କୁଲଦୀପ ଯାଦବ

୨୩ ବର୍ଷୀୟ ଚାଇନାମ୍ୟାନ ବୋଲର ଏସିଆ କପ୍‌ରେ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ୨୦୧୭ ଜୁନ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଡେବ୍ୟୁ କରିବା ପରେ ସେ ନିୟମିତ ଭାବେ ଭାରତ ପାଇଁ ଖେଳିଆସୁଛନ୍ତି। ଏପର୍ଯ୍ୟନ୍ତ ସେ ୨୩ଟି ଦିନିକିଆ ଖେଳି ୪୮ଟି ଉଇକେଟ ହାସଲ କରିଛନ୍ତି। ୬/୨୫ ହେଉଛି ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ସ୍ପିନ୍ ଫ୍ରେଣ୍ଡଲି ପରିବେଶରେ ସେ ଏସିଆ କପ୍‌ରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

### ମନୀଷ ପାଣ୍ଡେ

ଅସାଧାରଣ ଭାବେ ପ୍ରତିଭା ଓ ଦକ୍ଷତା ସମ୍ପନ୍ନ ହୋଇଥିଲେ ମଧ୍ୟ ମନୀଷ ପାଣ୍ଡେ ଭାରତୀୟ ଦଳରେ ଏପର୍ଯ୍ୟନ୍ତ ସ୍ଥାନ ପକ୍କା କରିପାରି ନାହାନ୍ତି। ୨୦୧୫ ଜୁଲାଇରେ ପଦାର୍ପଣ କରିବା ପରେ ୨୯ ବର୍ଷୀୟ ମନୀଷ ମାତ୍ର ୨୨ଟି ଦିନିକିଆ ଖେଳିଛନ୍ତି। ଚଳିତ ଏସିଆ କପ୍‌ରେ ଭଲ ପ୍ରଦର୍ଶନ କରିପାରିଲେ ସେ ଦଳରେ ସ୍ଥାନ ପକ୍କା କରିପାରିବେ। ୩୯.୨ ରନ ହାରରେ ସେ ୪୩୨ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ସାମିଲ ରହିଛି। ୪ ନମ୍ବରରେ ତାଙ୍କୁ ସୁଯୋଗ ମିଳିବା ଆଶା କରାଯାଉଛି। ସୁଯୋଗର ସଦ୍ ବ୍ୟବହାର ଲକ୍ଷ୍ୟରେ ସେ ରହିଛନ୍ତି।

"ଆମର ମିଡଲ ଅର୍ଡର ଠିକ୍ ନାହିଁ। ଏସିଆ କପ୍‌ରେ ୪ର୍ଥ ଓ ୬ଷ୍ଠ ନମ୍ବର ସ୍ଥାନ ପାଇଁ ଖେଳାଳି ଚିହ୍ନଟ କରାଯିବ।
-ରୋହିତ ଶର୍ମା
ଭାରତ କ୍ରିକେଟ ଦଳର କାମଚଳା ଅଧିନାୟକ



"ଏସିଆ କପ୍‌ରେ ଭାରତ ବିପକ୍ଷ ମୁକାବିଲାରେ ବିଜୟ ହାସଲ ପାଇଁ ଆମକୁ ସମସ୍ତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ।
-ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ଭାରତୀୟ ଦଳରେ ସାକ୍ଷୀ ମଲିକ

**ନୂଆଦିଲ୍ଲୀ, ୧୭।୯(ପି.ଟି.):** ଆଘାତପ୍ରାପ୍ତ ଯୋଗୁ ପ୍ରତିଦ୍ୱନ୍ଦ୍ୱୀ ସରିତା ମୋରେ ଓହରିଯିବାରୁ ସାକ୍ଷୀ ମଲିକ ବିନା ଟ୍ରାଏଲରେ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଦୁଇକୁସ୍ତି ଯୋଦ୍ଧାଙ୍କ ମଧରେ ମଧରେ ୬୨ କେଜି ଶ୍ରେଣୀରେ ମୁକାବିଲା ହୋଇଥାନ୍ତା। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ୨୦୧୮ ସିଜନ ଆରମ୍ଭରୁ ଭଲ ଫର୍ମରେ ନାହାନ୍ତି। ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ କେବଳ ଏକ ବ୍ରୋଞ୍ଜ ଜିତିପାରିଥିଲେ। ଏସିଆନ ଗେମ୍ସରୁ ସେ ବିନା ପଦକରେ ଫେରିଥିଲେ। ସୁଶୀଲ କୁମାର ଓ ସାକ୍ଷୀଙ୍କ ଟ୍ରାଏଲ ହେବା ଉଚିତ୍ ବୋଲି ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫଆଇ) ଚାହିଁଥିଲା। କିନ୍ତୁ ଫର୍ମରେ ନ ଥିବାରୁ ସୁଶୀଲ ଓହରିଯାଇଥିଲେ। ଡବ୍ଲ୍ୟୁଏଫଆଇ ସହକାରୀ ସମ୍ପାଦକ ବିନୋଦ ତୋମାର କହିଛନ୍ତି, ଚାରୋଟି କାଟେଗୋରୀରେ ଟ୍ରାଏଲ ବାକିଥିଲା। ତନ୍ମଧ୍ୟରୁ ବଜରଙ୍ଗ (ପୁରୁଷ ୬୫କେଜି) ଏବଂ ଭିନେଶ ଫୋଗଟ୍ (ମହିଳା ୫୦କେଜି)ଙ୍କୁ ଆମେ ବାଧାଦେବାକୁ ଚାହିଁଲୁ ନାହିଁ। ସାକ୍ଷୀ ଓ ସରିତାଙ୍କ ମଧରେ ଲଢେଇ ହେବାର ଥିଲା। କିନ୍ତୁ ଆଣ୍ଠୁରେ ଆଘାତ ଲାଗିବାରୁ ସରିତା ଓହରିଯାଇଥିଲେ। ବେଲାରୁଷରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍ୟାଙ୍କିଂ ଇଭେଣ୍ଟରେ ସାକ୍ଷୀ ରନର୍ସଅପ୍ ହୋଇଛନ୍ତି। ରବିବାର ସ୍ୱର୍ଣ୍ଣ ପଦକ ପାଇଁ ମ୍ୟାଚରେ ସେ ଆଜରବୈଜାନର ମାରିଆନା ସାତସିନଙ୍କ ନିକଟରୁ ହାରିଯାଇଛନ୍ତି। ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ବୁଦାପେଷ୍ଟଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ତାଙ୍କର ଏହି ପ୍ରଦର୍ଶନ ଉତ୍ସାହଜନକ। ଚତୁର୍ଥ କାଟେଗୋରି ହେଉଛି ମହିଳା ୫୩ କେଜି। ରିତୁ ଫୋଗଟ ଏବଂ ପିଙ୍କି ଏହି ସ୍ଥାନ ପାଇଁ ମୁକାବିଲା କରିବେ। ଏହା ମଙ୍ଗଳବାର ଜାତୀୟ ମହିଳା କୋଚ୍ କୁଲ୍‌ଦୀପ ମଲିକଙ୍କ ତତ୍ତ୍ୱାବଧାନରେ ହେବ।

### ଆଜିଠାରୁ ଜାତୀୟ ସିନିୟର ମହିଳା ଫୁଟବଲ

**କଟକ ଅଫିସ, ୧୭।୯:** କଟକର ତିନୋଟି ଗ୍ରାଉଣ୍ଡରେ ମଙ୍ଗଳବାରଠାରୁ ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ବାରବାଟୀ ଷ୍ଟାଡିୟମ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ ଓ ବିଡ଼ାନାସୀ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୨୭ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଓଡ଼ିଶା ଗ୍ରୁପ୍-ସିରେ ସ୍ଥାନ ପାଇଥିବା ବେଳେ ଏହି ଗ୍ରୁପ୍‌ରେ ତେଲେଙ୍ଗାନା ଓ ଛତିଶଗଡ଼ ମଧ ରହିଛନ୍ତି । ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଛତିଶଗଡ଼-ଓଡ଼ିଶା ମଧରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହାଛଡ଼ା ଉଦ୍‌ଘାଟନୀ ଦିବସରେ ଏହି ଗ୍ରାଉଣ୍ଡରେ ହରିୟାଣା-କର୍ଣ୍ଣାଟକ, ବାରବାଟୀ ଷ୍ଟାଡିୟମରେ ପଶ୍ଚିମବଙ୍ଗ-ଆନ୍ଧ୍ରପ୍ରଦେଶ, ରେଲୱେ-ହିମାଚଳପ୍ରଦେଶ ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୨୨ ତାରିଖରେ ବାରବାଟୀ ଷ୍ଟାଡିୟମରେ ତେଲେଙ୍ଗାନା ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳିବ।

### ଟାଇଟଲ ବଜାୟ ରଖିଲା ନାଇଟ ରାଇଡର୍ସ

**ତ୍ରିନିଦାଦ ଟବାଗୋ,୧୭।୯:** ଡିଫେଣ୍ଡିଂ ଚାମ୍ପିୟନ ତ୍ରିନିଦାଦ ନାଇଟ୍ ରାଇଡର୍ସ ଦଳ ପୁଣି ଥରେ କ୍ୟାରିବିୟନ ପ୍ରିମିୟର ଲିଗ୍ ଟାଇଟଲ ଅର୍ଜନ କରିଛି। ଲିଗ୍‌ର ପ୍ରଥମ ଦଳ ଭାବେ କ୍ରମାଗତ ୨ୟ ଥର ମୋଟ ଉପରେ ୩ୟ ଟାଇଟଲ ଜିତିଛି। ଫାଇନାଲରେ ଗୁଏନା ଆମାଜନ ୱାରିଅର୍ସକୁ ୮ ଉଇକେଟ ଓ ୨.୩ ଓଭର ପୂର୍ବରୁ ପରାସ୍ତ କରିଛି ବଲିଉଡ ଷ୍ଟାର ଶାହରୁଖ ଖାନଙ୍କ ଦଳ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଏନା କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ କାରଣରୁ ଦଳ ବଡ଼ ସ୍କୋର ଛିଡ଼ା କରିପାରି ନ ଥିଲା। ଦଳ ଧାର୍ଯ୍ୟ ୨୦ ଓଭର୍‌ରେ ୯ ଉଇକେଟ ହରାଇ ୧୪୭ ରନ୍ କରିଥିଲା। ଲୁକ ରୋଞ୍ଚି ୪୪ ଓ ଜାସୋନ ମହମ୍ମଦ ୨୪ ରନ୍ କରିଥିଲେ। ନାଇଟ ରାଇଡର୍ସ ପକ୍ଷରୁ ଖାରି ପିଏରେ ୩ ଓ ଅଧିନାୟକ ଡ୍ୱେନ ବ୍ରାଭୋ ୨୨ ଉଇକେଟ ନେଇଥିଲେ। ଜବାବରେ କଲିନ ମୁନ୍‌ରୋଙ୍କ ବିସ୍ଫୋରକ ୬୮ (୩୯ ବଲ, ଖେଳି ୬ ଚୌକା ଓ ୩ ଛକା) ରନ୍‌ର ଅପରାଜିତ ଇନିଂସ୍ ବଳରେ ତ୍ରିନିଦାଦ ଟବାଗୋ ଦଳ ୧୭.୩ ଓଭର୍‌ରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ତାଙ୍କ ବ୍ୟତୀତ ବ୍ରେଣ୍ଡନ ମ୍ୟାକୁଲମ ୩୯ ଓ ଦୀନେଶ ରାମଦିନ ୨୪ ରନ୍ କରିଥିଲେ।

# ଖେଳରତ୍ନ ପାଇଁ କୋହଲି, ଚାନୁଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୧୭।୯(ପି.ଟି.)**





ବିରାଟ କୋହଲି ଓ ମିରାବାଈ ଚାନୁ।

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳିକା ମିରାବାଈ ଚାନୁଙ୍କ ନାମ ଯୁଗ୍ମଭାବେ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି। ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ସମେତ ୨୦ କ୍ରୀଡ଼ାବିତ୍‌ଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି।

ନୀରଜଙ୍କ ବ୍ୟତୀତ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଥିବା ନାମୀ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଜୁନିୟର ବିଶ୍ୱ ଚାମ୍ପିୟନ ସ୍ପ୍ରିଣ୍ଟର ହିମା ଦାସ, ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଡିଷ୍ଟାନ୍ସ ରନର ଜିନସ ଜନସନ, ମହିଳା କ୍ରିକେଟର ସ୍ମୃତି ମାନ୍ଧାନା, ହକି ଖେଳାଳି ମନପ୍ରୀତ ସିଂ, ସବିତା ପୁନିଆ, ଏକାଧିକ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ପାଇଥିବା ଟେବୁଲ ଟେନିସ ତାରକା ମାନିକା ବାତ୍ରା ଏବଂ ଏସିଆଡ ଡବଲ୍ସ ଗୋଲ୍ଡ ମେଡାଲିଷ୍ଟ ଟେନିସ ଖେଳାଳି ରୋହନ ବୋପାନ୍ନା। ଅବସରପ୍ରାପ୍ତ ବିଚାରପତି ଇନ୍ଦରମିତ କୌଲ କୋଚରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ଉପରୋକ୍ତ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରି ଅନୁମୋଦନ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇ ଦେଇଛି। କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଏହି ତାଲିକାକୁ ଅନୁଧ୍ୟାନ କରି ଅନୁମୋଦନ କରିବାପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚଳିତମାସ ୨୫ରେ ରାଷ୍ଟ୍ରପତି ଭବନରେ ପୁରସ୍କାର ପ୍ରଦାନ କରିବେ।

ଚୟନ କମିଟି ସୁପାରିସ ଅନୁମୋଦନ ଲାଭ କଲେ କୋହଲି ତୃତୀୟ କ୍ରିକେଟର ଭାବେ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଲାଭ କରିବେ। ପୂର୍ବରୁ କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର ୧୯୯୭ରେ ଏବଂ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦୦୭ରେ ଏହି ପୁରସ୍କାର ପାଇଥିଲେ। ସୂଚନା ଅନୁସାରେ ଭାରତର ଶୀର୍ଷସ୍ଥାନୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି କିଡ଼ାମ୍ବୀ ଶ୍ରୀକାନ୍ତ ଖେଳରତ୍ନ ପୁରସ୍କାର ତାଲିକାରେ ସାମିଲ ଥିଲେ। ଗତବର୍ଷ ସୁପର ସିରିଜ ସର୍କିଟରେ ତାଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ମାତ୍ର ତାଙ୍କୁ ପଛରେ ପକାଇ ୨୪ ବର୍ଷୀୟା ଚାନୁ ବାଜି ମାରିଥିଲେ। ଚାନୁ ସମ୍ପ୍ରତି ୪୮ କେଜି କାଟେଗୋରିରେ ବିଶ୍ୱ ଚାମ୍ପିୟନ ଅଛନ୍ତି।

ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ବକ୍ସର ଅମିତ ପଙ୍ଘଲଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ବିଚାରକୁ ନିଆ ଯାଇଥିଲା। ମାତ୍ର ସେ ୨୦୧୨ରେ ଡୋପ ଟେଷ୍ଟରେ ବିଫଳ ହୋଇଥିବାରୁ କମିଟି ସଦସ୍ୟମାନେ ତାଙ୍କ ନାମ ସୁପାରିସ କରିବା ବିପକ୍ଷରେ ମତ ଦେଇଥିଲେ। ସେହିପରି ଡୋପିଂ ସ୍କାଣ୍ଡାଲ ପାଇଁ ଭେଟେରାନ ଡିସ୍‌କସ୍ ଥ୍ରୋୟର ସୀମା ପୁନିଆଙ୍କ ନାମ ମଧ୍ୟ ସୁପାରସ କରାଯାଇ ନ ଥିଲା। ୩୫ ବର୍ଷୀୟା ପୁନିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ବିଜୟୀ ହୋଇଥିଲେ ହେଁ ୨୦୦୦ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ଅବସରରେ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ।

**■ରାଜୀବ ଗାନ୍ଧୀ ଖେଳରତ୍ନ**
ବିରାଟ କୋହଲି(କ୍ରିକେଟ), ମିରାବାଈ ଚାନୁ(ଭାରୋତ୍ତୋଳନ)।

**■ଅର୍ଜୁନ ପୁରସ୍କାର**
ନୀରଜ ଚୋପ୍ରା, ଜିନସନ ଜନସନ, ହିମା ଦାସ(ସମସ୍ତେ ଆଥଲେଟିକ୍ସ), ଏନ.ସିକ୍କି ରେଡ୍ଡୀ(ବ୍ୟାଡ୍‌ମିଣ୍ଟନ), ସତୀଶ କୁମାର (ବକ୍ସିଂ), ସ୍ମୃତି ମାନ୍ଧାନା(କ୍ରିକେଟ), ଶୁଭଙ୍କର ଶର୍ମା(ଗଲ୍ଫ), ମନପ୍ରୀତ ସିଂ, ସବିତା(ଉଭୟେ ହକି), ରବି ରାଠୋର(ପୋଲୋ), ରାହି ସର୍ନୋବତ, ଅଙ୍କୁର ମିତ୍ତଲ, ଶ୍ରେୟାସୀ ସିଂ(ସମସ୍ତେ ଶୁଟିଂ), ମାନିକା ବାତ୍ରା, ଜି.ସାଥିଆଁ (ଉଭୟ ଟେବୁଲ ଟେନିସ), ରୋହନ ବୋପାନ୍ନା(ଟେନିସ), ସୁମିତ(କୁସ୍ତି), ପୂଜା କାଡିଆନ(ଉଶୁ), ଅଙ୍କୁର ଧର୍ମା(ପାରା ଆଥଲେଟିକ୍ସ), ମନୋଜ ସରକାର(ପାରା ବ୍ୟାଡ୍‌ମିଣ୍ଟନ)।

ପୂର୍ବତନ ଏସିଆନ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ସତୀଶ କୁମାର ଏକମାତ୍ର ବକ୍ସରଭାବେ ଏଥର ଅର୍ଜୁନ ପୁରସ୍କାରରେ ସମ୍ମାନିତ ହେବେ। ୩ ଶୁଟର ରାହି ସର୍ନୋବତ, ଅଙ୍କୁର ମିତ୍ତଲ ଓ ଶେୟାସୀ ସିଂ ଏବଂ ପାରା ସ୍ପୋର୍ଟ୍ସର ୨ ଜଣ ଅଙ୍କୁର ଧର୍ମା ଓ ମନୋଜ ସରକାର ୨୦ ଜଣିଆ ତାଲିକାରେ ସାମିଲ ହୋଇଛନ୍ତି। ୧୮ ବର୍ଷୀୟା ହିମା ଦାସ ଏସିଆନ ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ପାଇଥିଲେ। ଗଲ୍ଫର ଶୁଭଙ୍କର ପ୍ରକୃତ ଶର୍ଟଲିଷ୍ଟ ତାଲିକାରେ ନ ଥିଲେ ହେଁ ପ୍ରଭାବୀ ପ୍ରଦର୍ଶନ ପାଇଁ ପରେ ତାଙ୍କ ନାମ ବିଚାରକୁ ନିଆ ଯାଇଥିଲା।

ଇଣ୍ଡୋନେସିଆରେ ଏସିଆନ ଗେମ୍ସକୁ ଦୃଷ୍ଟିରେ ରଖି ଏଥର ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରେ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇ ନ ଥିଲା। ଖେଳରତ୍ନ ପୁରସ୍କାର ବିଜେତାଙ୍କୁ ୭.୫ ଲକ୍ଷ ଏବଂ ଅର୍ଜୁନ ବିଜେତାଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ।

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ର୍ୟାଙ୍କିଂର ବ୍ୟାଟ୍ସମ୍ୟାନ ତାଲିକାରେ କୋହଲି ଏବେ ନମ୍ବର ୱାନ ସ୍ଥାନରେ ଅଛନ୍ତି। ଗତ ୩ ବର୍ଷ ଧରି ସେ ଚମତ୍କାର ଫର୍ମରେ ଅଛନ୍ତି। ୨୦୧୬ ଓ ୨୦୧୭ରେ ମଧ୍ୟ ତାଙ୍କ ନାମ ଏହି ପୁରସ୍କାର ପାଇଁ ଆବେଦନ କରାଯାଇଥିଲା। ୨୯ ବର୍ଷୀୟ କୋହଲି ୭୧ ଟେଷ୍ଟରେ ୨୩ ଶତକ ସହାୟତାରେ ୬୧୪୭ ଏବଂ ୨୧୧ ଦିନିକିଆରେ ୩୫ ଶତକ ସହ ୯୭୭୯ ରନ ସଂଗ୍ରହ କରି ସାରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ୫୮ ଶତକ ହାସଲ କରି ସାରିଛନ୍ତି। ଫଳରେ ସେ ଏହି ତାଲିକାରେ ସଚିନ ତେନ୍ଦୁଲକର(୧୦୦)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ୩ ବର୍ଷ ଧରି ତାଙ୍କ ନାମ ଆବେଦନ କରାଯାଇ ଆସୁଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସାକ୍ଷୀ ମଲିକ, ପି.ଭି. ସିନ୍ଧୁ ଓ ଦୀପା କର୍ମକାରଙ୍କୁ ଏବଂ ୨୦୧୭ରେ ପୂର୍ବତନ ହକି ଅଧିନାୟକ ସର୍ଦ୍ଦାର ସିଂ ଓ ପାରା ଆଥଲେଟ୍ ଦେବେନ୍ଦ୍ର ଝାଝାରିଆଙ୍କୁ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। କୋହଲି ପୁରସ୍କୃତ ହେଲେ ଉଭୟ ପଦ୍ମଶ୍ରୀ(୨୦୧୭) ଓ ଖେଳରତ୍ନ ପୁରସ୍କାର ପାଇବାରେ ବିରଳ କ୍ଲବରେ ସାମିଲ ହେବେ। କୋହଲି ୨୦୧୨ରେ ଆଇସିସି ଦିନିକିଆ କ୍ରିକେଟର ଅଫ୍ ଦି ଇୟର ଏବଂ ୨୦୧୭ରେ ଉଭୟ ଆଇସିସି ଦିନିକିଆ କ୍ରିକେଟର ଅଫ୍ ଦି ଇୟର ଓ ଆଇସିସି କ୍ରିକେଟର ଅଫ ଦି ଇୟର ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ୫ ଥର ଭାରତୀୟ କ୍ରିକେଟର ଅଫ ଦି ଇୟର ପୁରସ୍କାର ମଧ୍ୟ ଲାଭ କରିଛନ୍ତି।

### ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର
## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଜିତେନ ଷଡ଼ଙ୍ଗୀ

**ଭୁବନେଶ୍ୱର, ୧୭।୯(କ୍ରୀଡ଼ା ପ୍ରତିନିଧି):** ପଟିଆସ୍ଥିତ ୬ପକେଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ସୋମବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ସୁବ୍ରତ ଦାସ ୫-୪ ଫ୍ରେମ୍‌ରେ ଜଗଦୀଶ ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଆକାଶ ମହାପାତ୍ର ୫-୧ ଫ୍ରେମ୍‌ରେ ରୁମିତ ଗୁପ୍ତାଙ୍କୁ ଏବଂ ତୃତୀୟ କ୍ୱାର୍ଟରରେ ଜୀତେନ ଷଡ଼ଙ୍ଗୀ ଟପ୍ ସିଡ୍ ଅନୁଜ ପଣ୍ଡାଙ୍କୁ ୫-୨ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଉତ୍କଣ୍ଠାପୂର୍ଣ୍ଣ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଆକ୍ରମ ଖାଁ ୫-୪ ଫ୍ରେମ୍‌ରେ କୁନାଲ ଅଗ୍ରୱାଲଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲ ମ୍ୟାଚଗୁଡ଼ିକ ୯ ଫ୍ରେମ୍ ବିଶିଷ୍ଟ ହୋଇଥିଲା। ମଙ୍ଗଳବାର ସୁବ୍ରତ ଦାସ ପ୍ରଥମ ସେମିଫାଇନାଲରେ ଆକାଶ ମହାପାତ୍ରଙ୍କୁ ଏବଂ ଜିତେନ ଷଡ଼ଙ୍ଗୀ ଦ୍ୱିତୀୟ ସେମିଫାଇନାଲରେ ଆକ୍ରମ ଖାଁଙ୍କୁ ଭେଟିବେ। ସନ୍ଧ୍ୟାରେ ଫାଇନାଲ ସହ ପ୍ରତିଯୋଗିତା ଶେଷ ହେବ।



ଜାତୀୟ ମହିଳା କମ୍ପାଉଣ୍ଡ ଆର୍ଚେରୀ ଟିମ୍ ସହ ମୁଖ୍ୟ କୋଚ୍ ଜିଓ୍ୱନଜୋତ ସିଂ ତେଜା (ବାମ)।

# ସର୍ବକନିଷ୍ଠ କୋଚ୍ ଭାବେ ତେଜା ପାଇବେ ଦ୍ରୋଣାଚାର୍ଯ୍ୟ

**ନୂଆଦିଲ୍ଲୀ, ୧୭।୯(ପି.ଟି.)**

ଜାତୀୟ ଆର୍ଚେରୀ କମ୍ପାଉଣ୍ଡ କୋଚ୍ ଜିଓ୍ୱନଜୋତ ସିଂ ତେଜା ସର୍ବକନିଷ୍ଠ କୋଚ୍ ଭାବେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବା ପାଇଁ ପଥ ପରିଷ୍କାର ହୋଇଛି। ୩୪ ବର୍ଷୀୟ ତେଜା ଓ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଅର୍ପିନ୍ଦର ସିଂଙ୍କ କୋଚ୍ ଏସ.ଏସ. ପନ୍ନୁଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇ ସୁପାରିସ ହୋଇଛି।

ତେଜା ୨୦୧୩ରୁ ଜାତୀୟ କମ୍ପାଉଣ୍ଡ ଆର୍ଚେରୀ ଟିମ୍‌ର ମୁଖ୍ୟ କୋଚ୍ ରହି ଆସିଛନ୍ତି। ସେହିପରି ଟ୍ରିପଲ ଜମ୍ପର ଅର୍ପିନ୍ଦର ସିଂଙ୍କୁ ପନ୍ନୁ ଟ୍ରେନିଂ ଦେଇ ଆସୁଛନ୍ତି। ତାଙ୍କ ପ୍ରଶିକ୍ଷଣରେ ନିକଟରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଅର୍ପିନ୍ଦର ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ବକ୍ସିଂ କୋଚ୍ ସି.ଏ. କୁଟାପ୍ପା, ଭାରୋତ୍ତୋଳନ କୋଚ୍ ବିଜୟ ଶର୍ମା ଏବଂ ଟେବୁଲ ଟେନିସ କୋଚ୍ ଏ. ଶ୍ରୀନିବାସ ରାଓଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସୁପାରିସ ହୋଇଥିବା କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ।

ତେଜାଙ୍କ ପ୍ରଶିକ୍ଷଣରେ ଏସିଆନ ଗେମ୍ସ ମେଡାଲିଷ୍ଟ ତ୍ରିଶା ଦେବଙ୍କ କ୍ୟାରିୟର ନୂଆ ମୋଡ଼ ନେଇଥିଲା। ତ୍ରିଶା ଜଣେ ତୀରନ୍ଦାଜ ହେବାପାଇଁ ଫିଟ୍ ନୁହନ୍ତି ବୋଲି ୨୦୧୦ରେ ଜଣେ କୋରିଆ କୋଚ୍ ପ୍ରକାଶ କରିଥିଲେ। ମାତ୍ର ତେଜାଙ୍କ ପ୍ରଶିକ୍ଷଣରେ ତ୍ରିଶା ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ୨ଟି ବ୍ରୋଞ୍ଜ ପଦକ ଜିତିଥିଲେ। ତେଜାଙ୍କ କୋଚିଂରେ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ ବିଶ୍ୱ ର୍ୟାଙ୍କିଂରେ ନମ୍ବରୱାନ ସ୍ଥାନ ହାସଲ କରି ପାରିଥିଲା। "ମୋ ପୁଅ ୨୦୧୦ରେ ଜନ୍ମ ହୋଇଥିଲା। ମାତ୍ର ଜାତୀୟ କ୍ୟାମ୍ପରେ ଥିବାରୁ ମୁଁ ଘରଠାରୁ ବାହାରେ ରହୁଥିବାରୁ ମୁଁ ମୋ ପୁଅର ପିଲାବେଳକୁ ଦେଖିପାରି ନ ଥିଲି। ସେ କେତେବେଳେ ଚାଲିବା ଆରମ୍ଭ କଲା ମଧ୍ୟ ମୁଁ ଜାଣି ପାରିନାହିଁ। ମାତ୍ର ତା'ର ଫଳ ମୋତେ ଏବେ ମିଳିଛି" ବୋଲି ସମ୍ପ୍ରତି ପଟିଆଲା କ୍ୟାମ୍ପରେ ଥିବା ତେଜା ପ୍ରକାଶ କରିଛନ୍ତି। ତେଜାଙ୍କ ଘର ସଙ୍ଗୃର ଜିଲାର ଭବାନୀଗଡ଼ ଗ୍ରାମରେ। ମାତ୍ର ୩୪ ବର୍ଷରେ ମୁଁ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛି। ଏହା ମୋତେ ଏବଂ ଆର୍ଚେରୀ ଗେମ୍‌କୁ ଉତ୍ସାହିତ କରିଛି। ମୁଁ ଆହୁରି ୨୦ ବର୍ଷ ଏହି ଗେମ୍ ସହ ରହିପାରିବି। ମୁଁ ମୋ ଭାଇଙ୍କ ଭଳି ଜଣେ ଇଞ୍ଜିନିୟର ହେବାକୁ ମନସ୍ଥ କରିଥିଲି, ମାତ୍ର ପରେ ଆର୍ଚେରୀକୁ କ୍ୟାରିୟର କରିଥିଲି। ତେବେ ଭଲ ଟ୍ରେନିଂ ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ମୁଁ ଜଣେ ଭଲ ଅନ୍ତର୍ଜାତୀୟ ତୀରନ୍ଦାଜ ହୋଇପାରି ନ ଥିଲି। ମାତ୍ର କୋଚ୍ ଭାବେ ମୁଁ ସଫଳ ହୋଇପାରିଛି। ୨୦୧୧ରେ ଆମ ଟିମ୍ ବିଶ୍ୱ ର୍ୟାଙ୍କିଂର ୯ମ ସ୍ଥାନରେ ଥିଲା। ୨ ବର୍ଷ ମଧ୍ୟରେ ମୁଁ ତାହାକୁ ୨ ନମ୍ବର ସ୍ଥାନକୁ ଆଣି ପାରିଥିଲି ବୋଲି ତେଜା ପ୍ରକାଶ କରିଛନ୍ତି।

୪ ଜଣ କୋଚ୍ ଲାଇଫ୍ ଟାଇମ୍ କାଟେଗୋରିରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ କ୍ଲାରେନ୍ସ ଲୋବୋ(ହକି), ତାରକ ସିହ୍ନା(କ୍ରିକେଟ), ଜୀବନ କୁମାର ଶର୍ମା(ଜୁଡୋ) ଓ ଭି.ଆର. ବେଦୁ(ଆଥଲେଟିକ୍ସ)। ସେହିପରି ୪ ଜଣ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସତ୍ୟଦେବ ପ୍ରସାଦ(ଆର୍ଚେରୀ), ଭାରତ ଛେତ୍ରୀ(ହକି), ବବି ଆଲୟସିସ(ଆଥଲେଟିକ୍ସ) ଓ ଚୋଗ୍‌ଲେ ଦାଦୁ ଦତ୍ତାତ୍ରେୟ(କୁସ୍ତି)। ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଯେଉଁ ନାମ ସୁପାରିସ ହୋଇଛି ତାହା କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କ ଅନୁମୋଦନ ଅପେକ୍ଷାରେ ଅଛି। ରାଠୋର ଯାହାର ନାମକୁ ଅନୁମୋଦନ କରିବେ ତାଙ୍କୁ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଚଳିତମାସ ୨୫ ତାରିଖରେ ପୁରସ୍କୃତ କରିବେ।

ଜଷ୍ଟିସ ମୁଦଗଲଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଉଭୟ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ନାମ ସୁପାରିସ କରିଛି। ଶୁଟର ସମରେଶ ଜଙ୍ଗ, ବ୍ୟାଡ୍‌ମିଣ୍ଟନ ତାରକା ଅଶ୍ୱିନୀ ପୋନାପ୍ପା, ପୂର୍ବତନ ବକ୍ସିଂ କୋଚ୍ ଜି.ଏସ.ସାନ୍ଧୁ, ହକି କୋଚ୍ ଏ.କେ.ବନ୍‌ସଲ, ଆର୍ଚେରୀ କୋଚ୍ ସଞ୍ଜୀବ ସିଂ ପ୍ରମୁଖ ଏହି କମିଟିର ସଦସ୍ୟ ରହିଛନ୍ତି।

### ଛୋଟେ ଲାଲ୍ ଏବେ ଟୁ-ଷ୍ଟାର ଆଇବା କୋଚ୍

**ନୂଆଦିଲ୍ଲୀ, ୧୭।୯ (ପି.ଟି.)**

ସାର୍ଟିଫିକେଟ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବା ପରେ ପୂର୍ବତନ ଜାତୀୟ ବକ୍ସିଂ ଚାମ୍ପିୟନ ଛୋଟେ ଲାଲ୍ ଯାଦବ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ(ଆଇବା)ର ଟୁ-ଷ୍ଟାର କୋଚ୍ ମାନ୍ୟତା ଲାଭ କରିଛନ୍ତି। ଛୋଟେ ଲାଲ ଏବେ ଭାରତୀୟ ମହିଳା ବକ୍ସରମାନଙ୍କ ସହକାରୀ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ସେ ୩ଥର ଜାତୀୟ ଚାମ୍ପିୟନ ହୋଇଥିବାବେଳେ ଏସିଆନ ଚାମ୍ପିୟନଶିପ୍‌ର ଜଣେ କ୍ୱାର୍ଟରଫାଇନାଲିଷ୍ଟ। ଆଇବାର ଟୁ-ଷ୍ଟାର କୋଚ୍ ହେବାଲାଗି ସେ ଜୁଲାଇରେ ଜୋର୍ଡାନର ଅମାନଠାରେ ଏକ ପରୀକ୍ଷା ଦେଇଥିଲେ। ଏମ୍.ସି. ମେରୀକମଙ୍କ ସେ ବ୍ୟକ୍ତିଗତ ଟ୍ରେନର।

# ସେହ୍ୱାଗଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୭।୯(ପି.ଟି.)**

ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ସୋମବାର ଦିଲ୍ଲୀ ଓ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ର କ୍ରିକେଟ କମିଟି ପଦରୁ ଇସ୍ତଫା ଦେଇଛନ୍ତି। ବୋର୍ଡର ହିତ ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ସେହ୍ୱାଗ କହିଛନ୍ତି। ତାଙ୍କ ସମେତ କ୍ରିକେଟ କମିଟି ସଦସ୍ୟ ଆକାଶ ଚୋପ୍ରା ଓ ରାହୁଲ ସାଙ୍ଗଭି ବୋଲିଂ କୋଚ୍ ପଦରେ ମନୋଜ ପ୍ରଭାକରଙ୍କୁ ନିଯୁକ୍ତ କରିବାକୁ ସୁପାରିସ ଦେଇଥିଲେ। କିନ୍ତୁ ଏହାକୁ ମ୍ୟାନେଜମେଣ୍ଟ ପ୍ରତ୍ୟାଖ୍ୟାନ କରିଥିଲା। ଏହା ହିଁ କ୍ରିକେଟ କମିଟି ଇସ୍ତଫାର କାରଣ ଥିବା ଆଶା କରାଯାଉଛି। ଡିଡିସିଏ ସୂତ୍ରରୁ ଜଣାପଡ଼ିଛି ୩ ଜଣଙ୍କ ଇସ୍ତଫାକୁ ଗ୍ରହଣ କରି ନିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ଦୁଇଦିନ ମଧ୍ୟରେ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେବ ଏବଂ ନୂଆ ନିଯୁକ୍ତି କରାଯିବ। "ଆମେ ଏକାସଙ୍ଗେ ଆସିଥିଲୁ ଏବଂ ଦଳର ଉନ୍ନତି ପାଇଁ ଆମେ ସମୟ ଓ ଯୋଗଦାନ କରିଛୁ। କିନ୍ତୁ ଡିଡିସିଏର ହିତକୁ ଦୃଷ୍ଟିରେ ରଖି ଆମେ କ୍ରିକେଟ କମିଟି ପଦରୁ ଇସ୍ତଫା ଦେଉଛୁ। କାର୍ଯ୍ୟବ୍ୟସ୍ତତା ଯୋଗୁ ଆମେ ଏହି ନିଷ୍ପତ୍ତି ନେଇଛୁ" ବୋଲି ସେହ୍ୱାଗ କହିଛନ୍ତି। ପ୍ରଭାକରଙ୍କ ନିଯୁକ୍ତ କରା ନ ଯିବା ପଛରେ ରହିଛନ୍ତି ଦିଲ୍ଲୀ ଅଧିନାୟକ ଗୌତମ ଗମ୍ଭୀର। ସେ ପ୍ରଭାକରଙ୍କ ନିଯୁକ୍ତିକୁ ବିରୋଧ କରୁଥିଲେ। କାରଣ ପ୍ରଭାକର ୨୦୦୦ରେ ଘଟିଥିବା ମ୍ୟାଚ୍ ଫିକ୍ସିଂ ସ୍କାଣ୍ଡାଲରେ ଜଡ଼ିତ ଥିଲେ।

# ସନ୍‌ସାଇନ୍ କ୍ଲବ ବିଜୟୀ



ସନ୍‌ସାଇନ୍ କ୍ଲବ ଓ ଆଜାଦ ହିନ୍ଦ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**କଟକ ଅଫିସ, ୧୭।୯**

**ଫାଓ ଲିଗ୍**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ସନ୍‌ସାଇନ୍ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟଏକ ମ୍ୟାଚ୍ ଡ୍ର ରହିଛି। ସନ୍‌ସାଇନ୍ କ୍ଲବ ୪-୦ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଥିଲା । ଦଳ ପକ୍ଷରୁ ବିକି ସେଠୀ ୪୮ତମ ଓ ୫୦ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ । ୬୫ତମ ମିନିଟରେ ଅନିଲ ସାମଲ ଓ ୭୮ତମ ମିନିଟରେ ପ୍ରୀତିଶ ପଟ୍ଟନାୟକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି । ସାଇ ଓ ଚାଉଳିଆଗଞ୍ଜ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ହୋଇଥିଲେ ମଧ୍ୟ ରୋମାଞ୍ଚକର ହୋଇଥିଲା । ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ହୋଇଥିଲା । ପରେ ଦ୍ୱିତୀୟାର୍ଦ୍ଧ ଖେଳ ଶେଷ ହେବାର ଅନ୍ତିମ କିଛି ମିନିଟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଚାଉଳିଆଗଞ୍ଜ ପକ୍ଷରୁ ୮୨ତମ ମିନିଟରେ ମାନ କରଙ୍ଗିଆ ଏକ ଗୋଲ ଦେଇଥିବା ବେଳେ ୮୩ତମ ମିନିଟରେ ସାଇ ପକ୍ଷରୁ ଶିବୁ ସାମଲ ଅନ୍ୟତମ ଗୋଲଟି ଦେଇଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ–ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୧୮ /୨୦୧୮ Dhenkanal-Angul, Tuesday, September 18 / 2018

## ସଂକ୍ଷେପରେ

### ଚା’ ପିଇବାକୁ ଆସି ଲୁଟ୍, ଅଭିଯୁକ୍ତ ଗିରଫ

କଣିହାଁ,୧୭।୯(ଡି.ଏନ.ଏ.)- ଚା’ ଦୋକାନରୁ ଲୁଟ୍ କରିବା ଅଭିଯୋଗରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ସୋମବାର ରାଉରକେଲା ଅଞ୍ଚଳର ସୌମ୍ୟରଞ୍ଜନ ମିଶ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତଦନ୍ତ ଅଧିକାରୀ ଏଏସ୍‌ଆଇ ସନ୍ତୋଷ ଶତପଥୀ କହିଛନ୍ତି, ୧୪୯ ନଂ. ଜାତୀୟ ରାଜପଥର ଥାନା ଅଞ୍ଚଳର ଡେରାଗୁଲା ଛକରେ ଘନଶ୍ୟାମ ପରିଡ଼ା ଏକ ଚା ଦୋକାନ କରିଛନ୍ତି। ପୂର୍ବାହ୍ନ ୧୦ଟାରେ ସୌମ୍ୟରଞ୍ଜନ ସେଠାକୁ ଚା ପିଇବା ପାଇଁ ଆସିଥିଲେ। ଘନଶ୍ୟାମ ଚା ତିଆରି କରୁଥିବାବେଳେ ସୌମ୍ୟରଞ୍ଜନ ତାଙ୍କ କ୍ୟାଶ ବକ୍ସରୁ ୨ ହଜାର ଟଙ୍କା ନେଇ ପଳାଇ ଯିବାକୁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କଠାରୁ ଟଙ୍କା ଜବତ କରି ତାଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୨୦/୧୮ ରେ ମାମଲା ରୁଜୁ ହୋଇଛି।

### ପୋଲିସକୁ ଧମକ, ୪ କୋର୍ଟଚାଲାଣ

ଛେଣ୍ଡିପଦା,୧୭।୯(ସ୍ୱ.ପ୍ର.)- ଥାନା ଭିତରେ ପଶି ପୋଲିସକୁ ଧମକ ଦେବା ଅଭିଯୋଗରେ ଜରପଡା ପୋଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ଶନିବାର ରାତିରେ ୪ଟି କୋଇଲା ବୋଝେଇ ଟ୍ରକ୍ ଦୁର୍ଗାପୁର ଗ୍ରାମ ତାରିଣୀ ମନ୍ଦିର ନିକଟରେ ରାସ୍ତା ମଝିରେ ପାର୍କିଂ କରିଥିଲା। ଜରପଡା ପୋଲିସ ସେଠାରେ ପହଞ୍ଚି ଟ୍ରକ୍ ଯାଞ୍ଚ କରି ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରିଥିଲା। ରବିବାର ଅପରାହ୍ନରେ ଉକ୍ତ ୩ ଟ୍ରକର ଡ୍ରାଇଭର ହଣ୍ଡପା ଥାନା ବଇଶିଣା ଗ୍ରାମର ଶ୍ରୀପତି ବେହେରା(୪୦), ପାତ୍ରପୁର ଗ୍ରାମର ନିତେନ ନାଗ(୨୨), ଉତ୍ତରପ୍ରଦେଶ ଆହ୍ଲାବାଦ ଅଞ୍ଚଳର ସୁରଜ ଯାଦବ, ହେଲପର ହଣ୍ଡପା ଥାନା ଚୂଳିଆପୁର ଗ୍ରାମର ସୁରେଶ ବେହେରା ଜରପଡା ଥାନା ଭିତରେ ପଶି ଏଏସ୍‌ଆଇ ବଂଶୀଧର ରାଉତଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ମାଲକାନଗିରି ବଦଳି କରିବାକୁ ଧମକ ଦେଇଥିଲେ। ସେମାନଙ୍କ ଟ୍ରକ୍ ଗୁଡ଼ିକୁ ଜବତ କରାଯାଇଛି।

■ମୂର୍ତ୍ତି ବିସର୍ଜନବେଳେ ଛାତ୍ର ମୃତ ଘଟଣା

# କ୍ଷତିପୂରଣ ଦାବିରେ ସ୍କୁଲ ଫାଟକରେ ତାଲା

ଛେଣ୍ଡିପଦା, ୧୭।୯(ଡି.ଏନ.ଏ.)


ଆନ୍ଦୋଳନକାରୀଙ୍କ ସହ ବ୍ଲକ ଶିକ୍ଷା ବିଭାଗ ଅଧିକାରୀ ଓ ପୋଲିସ ଆଲୋଚନା କରୁଛନ୍ତି।

ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ରବିବାର ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଉନ୍ନିତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଚନ୍ଦନ ପରିଡାଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟଣାକୁ ନେଇ ସୋମବାର ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ମୃତ ଛାତ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଗ୍ରାମବାସୀ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଗ୍ରାମ ସଭାପତି ବିଶ୍ୱନାଥ ସିଂଙ୍କ ଆହ୍ୱାନରେ ତଥା ସ୍କୁଲ ପରିଚାଳନା କମିଟି ସଭାପତି ବିକଳ ପରିଡାଙ୍କ ନେତୃତ୍ୱରେ ଏ ନେଇ ଏକ ବୈଠକ ବସିଥିଲା। ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଦୁଇ ସହକାରୀ ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବୈଠକରେ ଅଭିଯୋଗ ହୋଇଥିଲା। ତେବେ କେବଳ ପ୍ରଧାନ ଶିକ୍ଷକ ଓ ଜଣେ ଠିକା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଏଥିରେ ସମ୍ପୃକ୍ତ ଅନ୍ୟ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ବାବଦରେ ୨୦ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏହାସହ ଗତ ଗୁରୁବାର ଗଣେଶ ପୂଜା ଥିବାବେଳେ ରବିବାର ଛୁଟି ଦିନରେ କାହିଁକି ଛାତ୍ରୀଛାତ୍ରଙ୍କୁ ଡକାଯାଇ ଭସାଣି କରାଯାଇଥିଲା ତାହାର ତଦନ୍ତ କରାଯିବାକୁ ଦାବି ହୋଇଛି। ଏ ଦିଗରେ ଟାଳଟୁଳନୀତି ଅବଲମ୍ବନ କରାଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖାଯିବ ବୋଲି ଶିକ୍ଷା ବିଭାଗ ଏବଂ ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶରତଚନ୍ଦ୍ର ଗଡନାୟକ ଏବଂ ବିଭାଗୀୟ କର୍ମଚାରୀ ମାନେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଏ ଦିଗରେ ପଦକ୍ଷେପ ନିଆଯିବାକୁ ଭାଜପା ଜିଲା ସମ୍ପାଦକ ବିଜୟ କୁମାର ମାଝି ଦାବି କରିଛନ୍ତି।

# ଚିକିତ୍ସାଧୀନ ଥିବା ମା’ ମୃତ

ବଇଣ୍ଡା,୧୭।୯(ଡି.ଏନ.ଏ.)

**ଖାଇବାକୁ ମାଗିବାରୁ ଇଟାରେ ଛେଚିଥିଲେ ବୋହୂ-ପୁଅ**

ଖାଇବାକୁ ମାଗିଥିବା ମା’ ଚପଳାଙ୍କୁ ଖାଦ୍ୟ ଦେବା ବଦଳରେ ଇଟାରେ ଛେଚି ଦେଇଥିଲେ ବୋହୂ ନର୍ମଦା ଓ ପୁଅ ମକରନ୍ଦ ରାଉତ। ରବିବାର ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କୁତୁଲିସିଙ୍ଗା ଗ୍ରାମରେ ଘଟିଥିବା ଏହି ଘଟଣା ନେଇ ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଗୁରୁତର ବୃଦ୍ଧାଙ୍କୁ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ଚପଳାଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ବୋହୂ ଓ ପୁଅଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୮୭/୧୮ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ରବିବାର ଚପଳା ବୋହୂ ନର୍ମଦାଙ୍କୁ ଖାଇବାକୁ ମାଗିଥିଲେ। ହେଲେ ନର୍ମଦା ତାଙ୍କୁ ଖାଇବାକୁ ଦେବା ପରିବର୍ତ୍ତେ ହଠାତ୍ ଏକ ଇଟାରେ ଆକ୍ରମଣ କରିଥିଲେ। ପରେ ମକରନ୍ଦ ମଧ୍ୟ ଚପଳାଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ଘରେ ଥିବା ଚପଳାଙ୍କ ଝିଅ ଗୋଲାପ ସିଂ ପ୍ରତିବାଦ କରିବାରୁ ତାଙ୍କୁ ମଧ ମାଡ଼ ମରାଯାଇଥିଲା। ଏ ନେଇ ଗୋଲାପ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ମାମଲା ରୁଜୁ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଥିବା ଠାକୁରଗଡ଼ ପୋଲିସ ସୂଚନା ଦେଇଛି।

## ବଜ୍ରପାତରେ ୪ ଗୁରୁତର

କଣିହାଁ/ ଛେଣ୍ଡିପଦା,୧୭।୯ (ଡି.ଏନ.ଏ.)

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଗ୍ରାମରେ ସୋମବାର ବଜ୍ରପାତ ଘଟି ୩ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ସେହି ଗ୍ରାମର ରୁଦୁନା ନାଏକ, ଶୈଳ ନାଏକ ଓ ବାସନ୍ତୀ ନାଏକ। ସେମାନେ ଗାଈ ଚରାଇବାକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେମାନେ ଅଚେତ ହୋଇପଡ଼ିଥିଲେ। ଖବରପାଇ ପରିବାର ଲୋକେ ସେମାନଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମରେ ବଜ୍ରପାତ ଘଟି ମିନତି ବାରିକ(୩୦) ଆହତ ହୋଇଛନ୍ତି। ଏଥିସହ ଏକ ବଳଦର ମୃତ୍ୟୁ ଘଟିଛି। ଅପରାହ୍ନ ପ୍ରାୟ ୪ଟାରେ ଘଡଘଡି ସହ ବର୍ଷା ହୋଇଥିଲା। ଗ୍ରାମର ଅଶାଢି ସାହିର ରାଧୁ ସାହୁଙ୍କ ଗୁହାଳରେ ଦୁଇଟି ବଳଦ ବନ୍ଧା ହୋଇଥିବାବେଳେ ଗୋଟିଏର ମୃତ୍ୟୁ ଘଟିଥିଲା। ଏହି ସମୟରେ ଗୁହାଳ ନିକଟରେ ଥିବା ମିନତି ଆହତ ହୋଇଥିଲେ। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି।

## ରାସ୍ତା ତଳକୁ ଖସିଲା ବସ୍

ପବିତ୍ରନଗର,୧୭।୯(ଡି.ଏନ.ଏ.)

ଅନୁଗୋଳ ଜିଲା ସମଲ ଥାନା ଶିଳିଂ ଗ୍ରାମଠାରେ ସୋମବାର ସନ୍ଧ୍ୟାରେ ଏକ ଓଏସ୍‌ଆରଟିସି ବସ୍ (ନଂ. ଓଆର୧୯ଜେ୧୭୯୭) ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସୁରକ୍ଷିତ ଅଛନ୍ତି। ବସ୍‌ଟି କେନ୍ଦୁଝରରୁ ଅନୁଗୋଳ ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ମହିଳାଙ୍କୁ ଗଣ ବଳାତ୍କାର ଚର୍ଚ୍ଚା

ଅନୁଗୋଳ ଅଫିସ, ୧୭।୯

■ଚିକିତ୍ସା ପାଇଁ ଡାକ୍ତରଖାନା ଆସିଥିଲେ
■ଡାକ୍ତରଙ୍କୁ ଯନ୍ତ୍ରଣା ହେଉଥିବା କହିଥିଲେ
■ଟିକେଟ୍ ପାଇଁ ଯାଇ ଆଉ ଫେରିଲେନି
■ପୋଲିସ ପାଖରେ ସୂଚନା ନାହିଁ
■ମାନସିକ ରୋଗୀ ହୋଇଥିବା ସନ୍ଦେହ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରବିବାର ରାତିରେ ଜଣେ ମହିଳା ଆସି କାର୍ଯ୍ୟରତ ଡାକ୍ତରଙ୍କୁ ୪ ଜଣ ତାଙ୍କୁ ବଳାତ୍କାର କରିଥିବା କହିଥିଲେ। ସମ୍ପୃକ୍ତ ଡାକ୍ତର ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେବା ସହ ଚିକିତ୍ସା ନିମନ୍ତେ ଟିକେଟ୍ ଆଣିବାକୁ କହିଥିଲେ। ହେଲେ ଏହାପରେ ମହିଳା ଜଣକ ଡାକ୍ତରଖାନାରୁ କେଉଁଆଡ଼େ ଚାଲିଯାଇଥିଲେ। ସୋମବାର ଉକ୍ତ ଘଟଣା ମେଡିକାଲ ପରିସରରେ ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଏ ନେଇ ପୋଲିସ ନିକଟରେ କୌଣସି ସୂଚନା ନ ଥିବା ବେଳେ ସମ୍ପୃକ୍ତା ମହିଳା ଜଣେ ମାନସିକ ରୋଗୀ ହୋଇଥାଇ ପାରନ୍ତି ବୋଲି ତାଙ୍କୁ ମେଡିକାଲରେ ଦେଖିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି।

ଘଟଣା ସମ୍ପର୍କରେ ଜରୁରିକାଳୀନ ବିଭାଗରେ ଥିବା ଡାକ୍ତର ଜ୍ଞାନ ରଞ୍ଜନ ବିଶ୍ୱାଳ କୁହନ୍ତି, ରାତି ପ୍ରାୟ ୧୧ଟାରେ ସମ୍ପୃକ୍ତା ମହିଳା ତାଙ୍କ ନିକଟକୁ ଆସିଥିଲେ। ସେ ରୋଗୀ ଦେଖିବାରେ ବ୍ୟସ୍ତ ଥିବା ବେଳେ ମହିଳା ଜଣକ ତାଙ୍କୁ ୪ଜଣ ଯୁବକ ପଞ୍ଚମହଲା ନିକଟରେ ବଳାତ୍କାର କରିଥିବା କହିବା ସହ ଯନ୍ତ୍ରଣା ହେଉଥିବା ଜଣାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବାକୁ ସେ ମହିଳାଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଆବଶ୍ୟକ ଟିକେଟ କରି ଆଣିଲେ ଚିକିତ୍ସା କରାଯିବ ବୋଲି କହିଥିଲେ। କିନ୍ତୁ ଟିକେଟ ଆଣିବାକୁ ଯାଇ ମହିଳା ଆଉ ଫେରି ନ ଥିଲେ। ସେ ଖୋଜାଖୋଜି କରିଥିଲେ ବି ମହିଳା ଜଣଙ୍କୁ ଆଉ ପାଇ ନ ଥିଲେ ବୋଲି ଡା. ବିଶ୍ୱାଳ ପ୍ରକାଶ କରିଛନ୍ତି। ମେଡିକାଲରୁ ଯିବା ପରେ ସମ୍ପୃକ୍ତା ମହିଳା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଫାଣ୍ଡିକୁ ଯାଇଥିବା ସେଠାରେ ଥିବା କେତେଜଣ ଲୋକ ଦେଖିଥିବା କହିଛନ୍ତି। କିନ୍ତୁ ଅନୁଗୋଳ ଥାନା ଅଧିକାରୀ ଏପରି ଘଟଣା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମ ନିକଟକୁ ଏପରି ଘଟଣା ଆସିଥିଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥାନ୍ତା।

# ବନ୍ଧୁକ, ମାରଣାସ୍ତ୍ର ଦେଖାଇ ଡକାୟତି

ତାଳଚେର,୧୭।୯(ନି.ପ୍ର.)

ହାଣ୍ଡିଧୂଆଁ ଲେଭଲ କ୍ରସିଂ ଏଫ୍‌ସିଆଇ ଚାଳଗଡ ରାସ୍ତାର ଅନନ୍ତ ରେସିଡେନସି ନିକଟରେ ଭଡାରେ ରହୁଥିବା ରେଲୱେ ଇଞ୍ଜିନିୟର ଶତ୍ରୁଘନ ଜେନାଙ୍କ ଘରୁ ରବିବାର ରାତିରେ ସୁନା ଗହଣା ଓ ନଗଦ ଟଙ୍କା ଡକାୟତି ହୋଇଛି। ଏ ନେଇ କଲିୟାରୀ ଥାନାରେ ସୋମବାର ଏତଲା ଦିଆଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବିଳମ୍ବିତ ରାତିରେ ୫/୬ଜଣ ଦୁର୍ବୃତ୍ତ ପଛ ଗ୍ରୀଲ ତାଡି ଘର ଭିତରକୁ ପଶିଥିଲେ। ସେମାନେ ପରିବାର ଲୋକଙ୍କୁ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ୬୦ ଗ୍ରାମର ସୁନାଗହଣା, ୨ ମୋବାଇଲ, ୯ ହଜାର ଟଙ୍କା ନେଇ ପଳାଇ ଯାଇଥିଲେ। ଅଭିଯୋଗ ପରେ କଲିୟାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୬୮/୧୮, ଦଫା ୪୫୭/୩୯୨ରେ ଏକ ମାମଲା ରୁଜୁ କରାଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ